ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ଫେବୃଆରୀ ୨/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 2/2025 | Page 16 | ₹ 7.00
୫୧ଶ ଭାଗ ୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 70 | ମୂଲ୍ୟ ₹୭/-





## Kia Syros
Evolved by the future

The new Kia Syros is light years ahead of its contemporary SUVs. Right from an evolved design language with upright squared shoulders, to the future-forward autonomous safety tech and future-ready connected car tech with Over-the-Air (OTA) updates, everything about the Kia Syros is a giant leap in automotive thinking. Settle into the first-in-segment 2nd row ventilated, reclining & sliding seats, and you'll agree that the future itself has evolved it. Experience the Syros today!

**Innovative Technology** Future, reimagined


Dual Pane Panoramic Sunroof



2nd Row Seat Reclining & Sliding with Seat Ventilation



76.20 cm (30") Trinity Panoramic Display Panel



Kia Connect 2.0** with Over-the-Air (OTA) Software Updates and Other 80+ Connected Car Features


Harman Kardon Premium 8 Speakers Sound System


ADAS Level 2~ with 16 Smart Autonomous & Robust 20 Standard Safety Features

**Kia Service**
Connected · Adaptive · Responsive · Engage

**Introducing My Convenience Secure#**: Option to cover your car's wear and tear parts for up to 3 years from date of delivery.

**3 Years Unlimited** km Warranty | **Extended Warranty^** Up to 5 Years | **Scratch Care** Program^^ | **IoT Based** Smart Services`` | **24x7 | 3 Years** Nationwide RSA°

**Kia Connect Diagnosis##** Enables vehicle diagnosis remotely

Terms & Conditions Apply. *Ex-showroom price all India. Segment is defined as vehicle with length between 3 990 mm – 3 999 mm and height - 1 680 mm. **Kia Connect 2.0 comes with 3 years free subscription. Kia Connect 2.0 features may vary depending on the variant, device compatibility, software and network availability in vehicle. ~Advanced Driver Assistance System (ADAS) is not a substitute for human eye and driver vigilance. It is an assistance feature that enhances driving experience and safety. Effectiveness of ADAS may vary based on actual situation and all objects around vehicle may not be detected. The driver shall remain responsible for safe, vigilant, and attentive driving. #My Convenience Secure available with My Convenience/ My Convenience Plus at the time of sales at additional cost, covers wear and tear of selected parts only. ^3 Years standard warranty and 2 years extended warranty. ^^Scratch Care Program coverage includes repair of 1 scratch free of cost in an ownership period of 12 months from the date of sale, applicable on the new Syros retailed up to 30th June 2025. ``IoT based workshops for live vehicle tracking for digital experience. °Upto 6 years extendable RSA coverage. Applicable across India except Andaman & Nicobar Islands and Lakshadweep. ##Kia Connect Diagnosis has limited set of functionalities. Customers may be required to visit Kia workshop for issue resolution. The product & feature images shown in this brochure is for representation purpose only. Features and specifications as shown may not be part of standard fitment and may vary. The colors shown are subject to availability and may not be available across all variants and may differ slightly from those shown in this brochure. The specifications and features may vary depending on models/ variants. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications, Kia Connect 2.0 features and other details of any model as mentioned or to discontinue any model without prior notice. For more details visit your local Kia dealership. Kia India Pvt. Ltd. urges you to follow traffic rules, these are meant to keep you safe on roads. We do not endorse vandalism or illegal activities related to road safety. Safety is a top priority, and we urge responsible behavior regarding traffic regulations and road safety.

**FOR INFORMATION CONTACT: BHUBANESHWAR: TRUPTI KIA,** PATRAPADA, PH: 7064414001/ 7064414004/ 7064414005, **GUGNANI KIA,** PATIA, PH: 9777064777, **CENTRAL KIA,** PAHAL, PH: 7440002919, **CUTTACK: CENTRAL KIA,** PH: 9237304769, **ROURKELA: KRISHNA KIA,** PH: 7852941723, **BALASORE: BASANTI KIA,** PH: 7077732182, **BERHAMPUR: CENTRAL KIA,** PH: 7440002919, **SAMBALPUR: CENTRAL KIA,** PH: 7440004263, **ANGUL: CENTRAL KIA,** PH: 7440002919, **JEYPORE: MAJESTY KIA,** PH: 9124572378, **KEONJHAR: TRUPTI KIA,** PH: 7064414005

INNOCEAN-006/25

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃଆରୀ ୨/୨୦୨୫
Bhubaneswar, Sunday, February 2/2025





ଧରିତ୍ରୀ
DHARITRI
51 Years





# ଅଳ୍ପଙ୍କୁ ଲାଭ, ଅନ୍ଧାରରେ ଅନେକେ



## ଏକ ଟଙ୍କାର ଆୟ

୧-କର୍ପୋରେଟ୍ ଟିକସ ୧୭ ପଇସା
୨-ଆୟକର ୨୨ ପଇସା
୩-ସୀମା ଶୁଳ୍କ ୪ ପଇସା
୪-କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ୫ ପଇସା
୫-ଜିଏସ୍ଟି ୧୮ ପଇସା
୬-ଅଣଟିକସ ରାଜସ୍ୱ ୯ ପଇସା
୭-ଅଣରଣ ପୁଞ୍ଜିରୁ ୧ ପଇସା
୮-ଧାର ଓ ଅନ୍ୟ ସୂତ୍ରରୁ ୨୪ ପଇସା



## ଏକ ଟଙ୍କାର ବ୍ୟୟ

୧-କେନ୍ଦ୍ରୀୟ ଯୋଜନା ୧୬%
୨-ସୁଧ ପରିଶୋଧ ୨୦%
୩-ପ୍ରତିରକ୍ଷା ୮%
୪-ପ୍ରମୁଖ ରିହାତି ୬%
୫-ଅର୍ଥ ଆୟୋଗ ଓ ଅନ୍ୟାନ୍ୟ ଦେୟ ୮%
୬-ଟିକସ ଓ ଶୁଳ୍କ ବାବଦ ରାଜ୍ୟର ଅଂଶଧନ ୨୨%
୭-ପେନସନ ୪%
୮-ଅନ୍ୟାନ୍ୟ ଖର୍ଚ୍ଚ ୮%
୯-କେନ୍ଦ୍ର ପ୍ରାୟୋଜିତ ଯୋଜନା ୮%

### ଶସ୍ତା

କ୍ୟାନସର ମେଡିସନ ସମେତ ୩୬ ଜୀବନ ରକ୍ଷାକାରୀ ଔଷଧ, ଏଲ୍ଇଡି/ଏଲ୍ସିଡି ଟିଭି, ଇଭିରେ ବ୍ୟବହୃତ ବ୍ୟାଟେରି, ମୋବାଇଲ ଫୋନ, ବ୍ୟାଟେରି, ଚମଡ଼ା ବେଲ୍ଟ, ଚମଡ଼ା ଜୋତା, ଚମଡ଼ା ଜାକେଟ୍, ଲିଥିୟମ ବ୍ୟାଟେରୀ, ସିନ୍ଥେଟିକ୍ ଫ୍ଲେଭରିଂ ଏସେନ୍ସେସ୍, କୋବାଲ୍ଟ ସାମଗ୍ରୀ, ସାମୁଦ୍ରିକ ସାମଗ୍ରୀ, ଜାହାଜ ନିର୍ମାଣର କଞ୍ଚାମାଲ।

### ମହଙ୍ଗା

ପ୍ଲାଷ୍ଟିକଜାତ ସାମଗ୍ରୀ, ନିଟେଡ୍ ଫାବ୍ରିକ, ଫ୍ଲାଟ ସ୍କ୍ରିନ୍ ଟିଭି

## ଦେଶର ପ୍ରଗତି, ବିକାଶରେ ଏକ ନୂତନ ଦିଶା ଦେବ: ମୁଖ୍ୟମନ୍ତ୍ରୀ



ଏଥର ବଜେଟର ଆକାର ୫୦ଲକ୍ଷ ୬୫ହାଜର କୋଟି ଟଙ୍କା, ଯାହା ଦେଶର ପ୍ରଗତି ଏବଂ ବିକାଶକୁ ଏକ ନୂତନ ଦିଶା ପ୍ରଦାନ କରିବ। ସାମଗ୍ରିକ ଭାବେ ଚଳିତ ବଜେଟ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ। ଚାଷୀ, ଦିନମଜୁରିଆ, ମଧ୍ୟମବର୍ଗ, ଚାକିରିଆ, ମହିଳା, ଯୁବ, ଛାତ୍ର ସମସ୍ତଙ୍କ ପାଇଁ ଏହି ବଜେଟରେ କିଛି ନା କିଛି ଭଲ ଖବର ଅଛି। ମଧ୍ୟବିତ୍ତ ପରିବାରଙ୍କ ଆଶା ଆକାଂକ୍ଷାକୁ କେନ୍ଦ୍ର ସରକାର ପୂରଣ କରିବାରେ ସମର୍ଥ ହୋଇଛନ୍ତି। ଏଥରର ବଜେଟରେ ୧୦୦ଟି ଜିଲାରେ ଉତ୍ପାଦକତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଚାଷୀଙ୍କ ପାଇଁ 'ଧନଧାନ୍ୟ କୃଷି ଯୋଜନା' ପ୍ରସ୍ତାବିତ କରାଯାଇଛି। ଏହି ନୂତନ ଯୋଜନାରେ ଦେଶର ୧.୭୦କୋଟି ଚାଷୀ ଉପକୃତ ହେବେ। ବଜେଟରେ ରେକର୍ଡ ୧୫ଲକ୍ଷ ୫୦ହଜାର କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ ପ୍ରାବଧାନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୪ହଜାର ୮୩୨କୋଟି ଟଙ୍କା ପ୍ରାବଧାନ କରାଯାଇଛି। ଏହି ବର୍ଦ୍ଧିତ ପ୍ରାବଧାନରେ ଆସନ୍ତା ବର୍ଷ ରେକର୍ଡ ସଂଖ୍ୟକ ଗୃହ ରାଜ୍ୟର ଗରିବ ଲୋକଙ୍କୁ ଯୋଗାଇ ଦିଆଯିବ। ଜଳଜୀବନ ମିଶନ ଯୋଜନାରେ ଆସନ୍ତା ୨ବର୍ଷ ମଧ୍ୟରେ ରାଜ୍ୟର ସବୁ ଗ୍ରାମକୁ ଶୁଦ୍ଧ ପିଇବା ପାଣି ଯୋଗାଇ ଦେବା ଲକ୍ଷ୍ୟ ପୂରଣ ହେବ। ଏହା ଲୋକାଭିମୁଖୀ, ଜନକଲ୍ୟାଣକାରୀ, ରୋଜଗାର ସୃଷ୍ଟିକାରୀ ଏବଂ ବିକାଶମୁଖୀ ବଜେଟ।

## ଆୟକରଦାତା, ମଧ୍ୟବିତ୍ତଙ୍କୁ ଗୁରୁତ୍ୱ

- **ବେତନଭୋଗୀଙ୍କ ପାଇଁ ୧୨.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶୂନ ଆୟକର**
- **କୃଷି, ଏମ୍ଏସ୍ଏମ୍ଇ, ନିବେଶ ଓ ରପ୍ତାନି ବିକଶିତ ଭାରତ ଯାତ୍ରାର ଇଞ୍ଜିନ**

ଭୁବନେଶ୍ୱର,୧।୨(ଜିତେନ୍ଦ୍ର କୁମାର ନାୟକ)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ପାର୍ଲାମେଣ୍ଟରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ସାଧାରଣ ବଜେଟ ଉପସ୍ଥାପନ କରିଛନ୍ତି। କ୍ରମାଗତ ୮ମ ଥର ସେ ବଜେଟ ଉପସ୍ଥାପନ କରିଥିବାବେଳେ ଏଥିରେ ଆୟକରଦାତା, ମଧ୍ୟବିତ୍ତଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ୧୨ ଲକ୍ଷ ଟଙ୍କା ବାର୍ଷିକ ଆୟ କରୁଥିବା ବ୍ୟକ୍ତିଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ। ଅର୍ଥାତ୍ ନୂତନ ଟିକସ ବ୍ୟବସ୍ଥାରେ ବେତନଭୋଗୀ ବର୍ଗ ବାର୍ଷିକ ୧୨.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶୂନ ଆୟକର ପ୍ରଦାନ କରିବେ। ଏହାଦ୍ୱାରା ୧ କୋଟି ଆୟକରଦାତା ଲାଭବାନ୍ ହେବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଦେଖିବାକୁ ଗଲେ ୧୪୦ କୋଟି ଜନସଂଖ୍ୟ ବିଶିଷ୍ଟ ଦେଶରେ ଏମାନଙ୍କ ସଂଖ୍ୟା ନଗଣ୍ୟ। ଅଳ୍ପଙ୍କୁ ଖୁସି କରିବାକୁ ଯାଇ ଅନେକଙ୍କୁ ଅନ୍ଧାରରେ ରଖାଯାଇଥିବା ଭଳି ବଜେଟର ସ୍ୱରୂପ ଦେଖିଲେ ବୁଝାପଡ଼ିଯାଉଛି। କାରଣ ପରୋକ୍ଷ ଟିକସ ଦେଶର ପ୍ରତ୍ୟେକ ବର୍ଗଙ୍କୁ ଦେବାକୁ ପଡୁଛି। ସେଥିରେ ସେଭଳି କୋହଳ ବ୍ୟବସ୍ଥା ☞ପୃଷ୍ଠା-୨

## ଗୁଳି ବିନିମୟରେ ୮ ମାଓବାଦୀ ମୃତ

ମାଲକାନଗିରି,୧।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଓଡ଼ିଶା ଓ ଛତିଶଗଡ଼ ସୀମାବର୍ତ୍ତୀ ଅଞ୍ଚଳରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୮ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଖବର ଲେଖାଯିବା ବେଳକୁ ସେଠାରେ କୋମ୍ବିଂ ଅପରେଶନ ଜାରି ରହିଥିଲା। କୋମ୍ବିଂ ଅପରେଶନ ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ଛତିଶଗଡ଼ ପୋଲିସ ସୂଚନା ଦେଇଛି। ଓଡ଼ିଶା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଦୁଇଟି ବିଚାର












# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା ଅବସରରେ ଶିଶୁମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ 'ଅର୍ଚ୍ଚନା', ସ୍ଥାନ: ଶିଶୁ ମନ୍ଦିର ପରିସର, ସମୟ: ସକାଳ ୬ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ଜୟଦେବ ବିହାର, ସମୟ: ସକାଳ ୮ଟା।
- ପ୍ରୟାସ ପକ୍ଷରୁ ଏକକ ଚିତ୍ରାଙ୍କନ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୫ମ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ-୩, ସମୟ: ଅପରାହ୍ନ ୫ଟା। ୩୦।
- ସ୍ୱରାଞ୍ଜଳୀ କଳା ନିକେତନର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପ୍ଲଟ ନଂ.- ୬୦୬, ସିଦ୍ଧେଶ୍ୱର ନଗର, ସମ୍ ହସ୍ପିଟାଲ ରୋଡ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ରାମହରି ଦାସ ଓଡ଼ିଶୀ ଗୁରୁକୂଳର ୧୧ତମ ପ୍ରତିଷ୍ଠା ଦିବସ ଓ ବିଦ୍ୟାର୍ଥୀ ଦିବସ ପାଳନ, ସ୍ଥାନ: ବଡ଼ହାଟ, ବୀରଗୋବିନ୍ଦପୁର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ସାକ୍ଷୀଗୋପାଳ ଠାକୁରଙ୍କ ହୋଲି ବେଶ ଆରମ୍ଭ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସରସ୍ୱତୀ ପୂଜା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଜଟଣୀ, ସମୟ : ସକାଳ ୯ଟା।
- ସରସ୍ୱତୀ ପୂଜା, ସ୍ଥାନ: ସାମ୍ବାଦିକ ଭବନ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର

- ଉତ୍ସବ ଉତ୍ତର ଓଡ଼ିଶାର ତୃତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ଜଳେଶ୍ୱର ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଟାଉନ ହଲ୍ ପଡ଼ିଆ, ଜଳେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଆଙ୍ଖୁଡ଼େଶ୍ୱରୀ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବିନାୟକପୁରସ୍ଥିତ ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୮ଟା।
- ପେଟ୍ରୋଲ ପମ୍ପ ଉଦ୍‌ଘାଟନ, ସ୍ଥାନ: ରୋଡ଼ୋ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ଯଶୋଟିକିରି, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଜେଜେସି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ୟୁନାଇଟେଡ୍ କ୍ଲବ୍ ପକ୍ଷରୁ ସରସ୍ୱତୀ ପୂଜା, ସ୍ଥାନ: ସରମରା, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଜୟନଗର ଆଇଟିଆଇ ପଡ଼ିଆ, ଧାମନଗର, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଜୟନଗର ପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୨ଟା।
- ପୀରହାଟ ବ୍ଲକ୍ ଗଠନ ନେଇ ବୈଠକ, ସ୍ଥାନ: ପୀରହାଟ ବଜାର ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ଅପରାହ୍ନ ୩ଟା।
- ନବରାତ୍ର ନାମଯଜ୍ଞର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କଳ୍ପତରୁ ଶିକ୍ଷା ସେବାଶ୍ରମ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଭଣ୍ଡାରିପୋଖରୀ ମହୋତ୍ସବ ଉଦ୍‌ଘାଟିତ, ସ୍ଥାନ: ଭଣ୍ଡାରିପୋଖରୀ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ସରସ୍ୱତୀ ବିଦ୍ୟା ମନ୍ଦିର ମାତୃ ସମ୍ମିଳନୀ, ସ୍ଥାନ: କେନ୍ଦୁଝର ସହର, ବଣିଆ ପାଟ, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା,ସ୍ଥାନ: ଉଦଳା ସରସ୍ୱତୀ ମନ୍ଦିର,ସମୟ:ସକାଳ ୬ଟା।
- ଗାୟତ୍ରୀ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଝରାଡିହି,ବହଳଦା, ସମୟ: ସକାଳ ୯ଟା।
- ଗୁରୁଗୋବିନ୍ଦ ସାଇବାବା ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ କଳସଯାତ୍ରା, ସ୍ଥାନ:କରତବସା, ଶାମାଖୁଣ୍ଟା,ସମୟ: ସକାଳ ୯ଟା।
- ୪୪ତମ ମା' ଗଞ୍ଜଡ଼େଶ୍ୱରୀ ଫୁଟବଲ ଟୁର୍ନମେଣ୍ଟ, ସ୍ଥାନ: ଟିକାୟତପୁର ଭୀମଦା ବଡ଼ସାହି,ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ପୂଜା ଓ ସମର୍ପଣ ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବେଲପାଳ, ବଡ଼ସାହି, ସମୟ: ପୂର୍ବାହ୍ନ ୧୧ଟା।
- ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ,ଚତୁରୀ, ପୁରୁଣା ବାରିପଦା, ଗୋପବନ୍ଧୁ ନଗର,ସମୟ:ଅପରାହ୍ନ ୪ଟା।

## ଗଞ୍ଜାମ

- କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଶ୍ରୀବିରଞ୍ଚିନାରାୟଣ କଲ୍ୟାଣ ମଣ୍ଡପ ବୁଗୁଡ଼ା, ସମୟ, ପୂର୍ବାହ୍ନ ୧୦ ଟା।
- କବିସୂର୍ଯ୍ୟ ଜୟନ୍ତୀ ମହୋତ୍ସବ, ସ୍ଥାନ: ଗାନ୍ଧୀ ବଜାର ଛକ ଦିଗପହଣ୍ଡି, ସମୟ: ଅପରାହ୍ନ ୫ ଟା।

## ବ୍ରହ୍ମପୁର

- ତ୍ରିଧାରା ସାହିତ୍ୟ ସଂସଦର ଆଲୋଚନା ଚକ୍ର, ସ୍ଥାନ: ଉତ୍କଳ ଆଶ୍ରମ ପାଠାଗାରଏ ସମୟ: ସକାଳ ୧୦ଟା।
- ସରସ୍ୱତୀ ପୂଜା ଉତ୍ସବ, ସ୍ଥାନ: ଗୋସାଣୀ ନୂଆ ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ୮ ଟା।

## ଢେଙ୍କାନାଳ

- ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ସରସ୍ୱତୀ ପୂଜା, ସ୍ଥାନ: ରଣପଶି, ଗେଙ୍ଗୁଟିଆ, ସମୟ: ସକାଳ ୮ଟା୩୦।
- କଳାପରିଷଦ ପକ୍ଷରୁ ନାଟ୍ୟ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ବିବେକାନନ୍ଦ ୟୁଥ କ୍ଲବ ଓ ବିଜୟଚନ୍ଦ୍ରପୁର ଗ୍ରାମବାସୀଙ୍କ ପକ୍ଷରୁ ସରସ୍ୱତୀ ପୂଜା ଉତ୍ସବ ଓ ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ: ବିଜୟଚନ୍ଦ୍ରପୁର, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା ମହୋତ୍ସବ, ସ୍ଥାନ: କଲେଜ ରୋଡ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଗଣପତି ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସରସ୍ୱତୀ ପୂଜା, ସ୍ଥାନ: ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ନୂଆଗଡ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଲକି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି, ସ୍ଥାନ: ଟାଉନ ହାଇସ୍କୁଲ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଅନୁଷ୍ଟୁପ ଯୁବ ସଙ୍ଗଠନ ପକ୍ଷରୁ ଧୂମାତ ପଲ୍ଲୀ ମହୋତ୍ସବ, ସ୍ଥାନ: ଧୂମାତ ଶାସନ ସ୍କୁଲ ପଡିଆ, କେନ୍ଦ୍ରାପଡା, ସମୟ: ଅପରାହ୍ନ ୫ଟା।
- ଆର୍ତ୍ତେଶ୍ୱର ମହାଦେବଙ୍କ ରୁଦ୍ର ମହୋତ୍ସବ ଓ ତ୍ରିବେଣୀ ମେଳା, ସ୍ଥାନ: ଜଗନ୍ନାଥପୁର, ନହଙ୍ଗ, ଡେରାବିଶ, ସମୟ: ସକାଳ ୬ଟା।
- ମା'ସନ୍ତୋଷୀ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଆଗପଡ଼ା, ରାଜକନିକା, ସମୟ: ସକାଳ ୬ଟା।

## ଯାଜପୁର

- ଶ୍ରୀଶ୍ରୀ ରାଧା ଦାମୋଦର ଜୀଉଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ : ଯାଜପୁର ରୋଡ, ମୁଲୁସରଗଡା, ସମୟ : ସକାଳ ୭ଟା୩୦।
- କ୍ରିଷ୍ଣା ଡେଣ୍ଟାଲ କେୟାର ଉଦ୍‌ଘାଟନ ଉତ୍ସବ,ସ୍ଥାନ : ଯାଜପୁର ରୋଡ଼ ଲକ୍ଷ୍ମୀ ହସ୍‌ପିଟାଲ,ସମୟ : ପୂର୍ବାହ୍ନ ୧୧ଟା।
- ୧୨୮ତମ ସରସ୍ୱତୀ ପୂଜା, ସ୍ଥାନ : ଯାଜପୁର ରୋଡ ଚୋରଦା ଗ୍ରାମ,ସମୟ : ଅପରାହ୍ନ ୫ଟା।

## ନୟାଗଡ଼

- ଶାନ୍ତିକୁଟୀର ଆଶ୍ରମ ଗୁରୁଦେବଙ୍କର ଶତ ବାର୍ଷିକ ଉତ୍ସବର ତୃତୀୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବଳରାମପ୍ରସାଦର ଶାନ୍ତିକୁଟୀର ଆଶ୍ରମ, ସମୟ: ସକାଳ ୮ଟା।
- ବୈଷ୍ଣୋଦେବୀଙ୍କର ପ୍ରାଣ ପ୍ରତିଷ୍ଠା ଓ ଶକ୍ତି ଯଜ୍ଞ ଅବସରରେ ରାଜ ରାଜେଶ୍ୱରୀ ଦେବୀ ଦର୍ଶନ ଓ ପୂର୍ଣ୍ଣାହୁତି, ସ୍ଥାନ: ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତର ଜାମୁକୋଣ, ସମୟ:ସକାଳ ୭ଟା।
- ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିବସ, ସ୍ଥାନ:କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ:ପୂର୍ବାହ୍ନ ୧୧ଟା ।
- ଶ୍ରୀଶ୍ରୀ ହନୁମାନଙ୍କ ୨୮ ଫୁଟର ସୁଉଚ୍ଚ ବିଗ୍ରହଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଯାପନ ଉତ୍ସବରେ ଗୋପୂଜା, ଚଣ୍ଡିପାଠ ଓ ପୂର୍ଣ୍ଣାହୁତ, ସ୍ଥାନ:ନୟାଗଡ଼ ପୁରୁଣା ସହରର କରଣସାହିସ୍ଥିତ ବିଶ୍ୱନାଥ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଶ୍ରୀ ହନୁମାନଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଯାପନ ଉତ୍ସବରେ ସାମାଜିକ ନାଟକ କଳଙ୍କ ମୋ ପାଇଁ ଚନ୍ଦନ ଟୋପା, ସ୍ଥାନ:ନୟାଗଡ଼ ପୁରୁଣା ସହରର କରଣସାହିସ୍ଥିତ ବିଶ୍ୱନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଜଗନ୍ନାଥ ମହାପ୍ରଭୁଙ୍କ ୫୬ ଫୁଟ ଉଚ୍ଚତାର ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନ ଉତ୍ସବରେ ଶ୍ରୀଜଗନ୍ନାଥଙ୍କ ବିଜେ, ସ୍ଥାନ:ଓଡ଼ଗାଁ ବ୍ଲକ ବଡଗୋରଡା, ସମୟ:ସକାଳ ୮ଟା।
- ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନୀ ଦିବସରରେ ମହୀ ରାବଣ ବଧ, ସ୍ଥାନ:ଓଡ଼ଗାଁ ବ୍ଲକ୍ ବଡଗୋରଡା, ସମୟ:ଅପରାହ୍ନ ୨ଟା।
- ପଞ୍ଚୁପାଣ୍ଡବ ମହୋତ୍ସବର ଉଦ୍‌ଘାଟନୀ ଦିବସରେ ପଞ୍ଚୁପାଣ୍ଡବ ପୀଠ ଠାରୁ ମଶାଲ ଶୋଭାଯାତ୍ରା, ସ୍ଥାନ:ନୂଆଗାଁ ବ୍ଲକର ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡ଼ିଆ, ସମୟ:ଅପରାହ୍ନ ୨ଟା।
- ପଞ୍ଚୁପାଣ୍ଡବ ମହୋତ୍ସବର ଉଦ୍‌ଘାଟନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ନୂଆଗାଁ ବ୍ଲକର ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡିଆ, ସମୟ:ଅପରାହ୍ନ ୪ଟା ।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ମନ୍ଦିର ପ୍ରତିଷ୍ଠା ସହ ରତ୍ନମୁଦ କାର୍ଯ୍ୟକ୍ରମ, ସ୍ଥାନ: ପାତାଳେଶ୍ୱର ମନ୍ଦିର ପାର୍ଶ୍ୱ, ପାଇକପଡା, ଥେରୁବାଲି, ସମୟ: ଅପରାହ୍ନ ୩ ଟା।
- ବଂଶଧାରା ବସନ୍ତ ମୋହତ୍ସବ ଉଦ୍‌ଯାପନୀ, ସ୍ଥାନ: ବଘୂଆ ଦେଉଳ ପଛପଟ ବଂଶଧାରା ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ସରସ୍ୱତୀ ପୂଜା, ସ୍ଥାନ: ନବରଙ୍ଗପୁରର ବିଭିନ୍ନ ସ୍କୁଲ, ସମୟ: ସକାଳ ୯ଟା।

## କୋରାପୁଟ

- କୋରାପୁଟ ବିଏସ୍‌ସି ନର୍ସିଂ କଲେଜରେ ସରସ୍ୱତୀ ପୂଜା, ସ୍ଥାନ: କଲେଜ ପରିସର, ସମୟ: ସକାଳ ୯ଟା।
- ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ଦିରରେ ଚତୁର୍ଦ୍ଧା ବିଗ୍ରହଙ୍କ ରତ୍ନବେଦୀ ଆରୋହଣ, ସ୍ଥାନ: ବିଲାପୁଟ ଶବରୀ ନାରାୟଣ ମନ୍ଦିର ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଡିଏଭି ଟିଚର ଏଡୁକସନ କଲେଜରେ ସରସ୍ୱତୀ ପୂଜା, ସ୍ଥାନ : କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ବିଶ୍ୱ ଆର୍ଦ୍ର ଭୂମି ଦିବସ ପାଳନ ଅବସରରେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଗୋବିନ୍ଦପାଲିରୁ ମାଥିଲି ବଳଦିଆଗୁଡ଼ା ପର୍ଯ୍ୟନ୍ତ, ସମୟ: ସକାଳ୯ଟା।
- ସରସ୍ୱତୀ ପୂଜା, ସ୍ଥାନ: ଖଇରପୁଟ ବ୍ଲକର ବିଭିନ୍ନ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଓଡ଼ିଶା ବନାମ ଚଣ୍ଡିଗଡ ୨୩ ବର୍ଷ କମ୍ ସର୍ବଭାରତୀୟ କର୍ନେଲ ସିକେ ନାଇଡୁ କ୍ରିକେଟ ମ୍ୟାଚ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ସାଇ ଶିକ୍ଷା ପରିଷଦ ଆୟୋଜନରେ ସରସ୍ୱତୀ ପୂଜା, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ କାର୍ଯ୍ୟାଳୟ, ସମୟ : ସକାଳ ୯ଟା ୩୦।
- ଆଇଆଇଏମ ସମ୍ବଲପୁର ପକ୍ଷରୁ ଇତିହାସ ଓ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ : ବସନ୍ତପୁର ନିକଟସ୍ଥ ରଙ୍ଗବତୀ ସେଣ୍ଟର, ସମୟ ପୂର୍ବାହ୍ନ ୧୦ଟା।
- ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟରେ ସରସ୍ୱତୀ ପୂଜା, ସ୍ଥାନ : ବିଦ୍ୟାଳୟସ୍ଥିତ ପୂଜା ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା୩୦।
- ବୀର ସୁରେନ୍ଦ୍ର ସାଏ ବ୍ୟାଡମିଣ୍ଟନ ପ୍ରିମିୟର ଲିଗ-୨୦୨୫, ସ୍ଥାନ : ଧନୁପାଲି ନିକଟସ୍ଥ ଗିରିଜା ନଗର ଖେଳ ପଡିଆ, ସମୟ : ଅପରାହ୍ନ ୫ଟା୩୦।

## ରାଉରକେଲା

- ସରଣା କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୮ଟା।
- ନ୍ୟାଶନାଲ ଏଣ୍ଟରପ୍ରିନ୍ୟୁରଶିପ୍ ସମିଟ୍‌ର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବାଗ୍‌ଦେବୀଙ୍କ ପୂଜା, ସ୍ଥାନ: ଶକ୍ତି ନଗର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତତନ୍ତ, ପଲ୍ଲିଶ୍ରୀ ଓ ଖାଦ୍ୟ ମେଳା ଉଦ୍‌ଘାଟନ, ସ୍ଥାନ: ସେକ୍ଟର-୫ ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ବିହାରୀ ଯୁବକ ସଂଘ ଦ୍ୱାରା ସମଲେଶ୍ୱରୀଙ୍କ ବାର୍ଷିକ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼,ସମୟ:ସକାଳ ୭ଟା ୩୦ମିନିଟ୍
- ହନୁମାନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ସରକାରୀ ବସଷ୍ଟାଣ୍ଡ, ବରଗଡ଼,ସମୟ:ସକାଳ ୮ଟା।
- ଗୋପଲୀଳା ପାରାୟଣ,ସ୍ଥାନ:ଘୁଡ଼ାଦାନୀ ମନ୍ଦିର, ବରଗଡ଼,ସମୟ: ସକାଳ ୮ଟା।
- ସରସ୍ୱତୀ ପୂଜା ପାଳନ,ସ୍ଥାନ:ସରସ୍ୱତୀ ଶିଶୁ ମନ୍ଦିର(ଓଡ଼ିଆ ବିଭାଗ), ବରଗଡ଼,ସମୟ: ସକାଳ ୮ଟା ୧୫ମିନିଟ୍।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ଅଡ଼ଗାଁ ପ୍ୟାକ୍ସ, ବରଗଡ଼,ସମୟ: ସକାଳ ୯ଟା।
- କୋଦଣ୍ଡ ରାମଚନ୍ଦ୍ର ସ୍ୱାମୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ଭାଲୁପତ୍ରା(ଜାଙ୍ଗେଡ଼), ଅତାବିରା,ସମୟ:ପୂର୍ବାହ୍ନ ୧୦ଟା ୪୨।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରି ଗଲା ଲୋକର**
**ଭାତ ହାଣ୍ଡିକୁ ଅପତିଆରା ।**

ସାଧାରଣତଃ ଯାହାର ଚୋରି ହୋଇଥାଏ, ସେ ବହୁ ଲୋକଙ୍କୁ ଅଯଥାରେ ସନ୍ଦେହ କରିଥାଏ । ଚୋରି ଯାଇଥିବା ବ୍ୟକ୍ତିର ବିଶ୍ୱସ୍ତ ଲୋକ ପ୍ରତି ମନରେ ସନ୍ଦେହ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚତୁର ହେଲେ ଚାତର ହୁଏ,**
**ଅତି ଚତୁର ବିଷ୍ଠା ଖାଏ ।**

ଚାଲାକ ଚତୁର ବ୍ୟକ୍ତି ସାଧାରଣତଃ ସିଆଣିଆ ହୋଇଥାନ୍ତି । ସବୁ କଥା ବା ବିଷୟକୁ ଠିକ୍ ଭାବେ ବୁଝିପାରିଥାନ୍ତି ଓ ସହଜରେ ଜାଣି ପାରିଥାନ୍ତି । ତେବେ ଅତି ସବୁବେଳେ ଖରାପ ହେବା ଭଳି ଅତି ଚତୁରପଣ ଦେଖାଉଥିବା ବ୍ୟକ୍ତି ବେଳେବେଳେ ହଇରାଣ ବା ଅପଦସ୍ଥ ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ଅଳ୍ପଙ୍କୁ ଲାଭ...

କରାଯାଇଥିବା ଲକ୍ଷ୍ୟ କରାଯାଇନାହିଁ। ଅତ୍ୟାବଶ୍ୟକ ଦର ଖୁବ୍ ଉଚ୍ଚାରେ ରହିଥିବାବେଳେ ତାହାକୁ ହ୍ରାସ କରିବା ଦିଗରେ ସେଭଳି ପଦକ୍ଷେପ ନିଆଯାଇ ନ ଥିବା ଦେଖିବାକୁ ମିଳିଛି। ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖାଯାଇ ସେଠାକାର ଭୋଟରଙ୍କୁ ସନ୍ତୁଷ୍ଟ କରିବା ସକାଶେ ମାଖନା ବୋର୍ଡ, ଖାଦ୍ୟ ପ୍ରତିଷ୍ଠାନ, ବିମାନବନ୍ଦର ଓ କେନାଲ ପ୍ରକଳ୍ପକୁ ଅଗ୍ରାଧିକାର ଦିଆଯାଇଛି। କୃଷି, ଏମ୍‌ଏସ୍‌ଏମ୍‌ଇ, ନିବେଶ ଓ ରପ୍ତାନି 'ବିକଶିତ ଭାରତ' ଯାତ୍ରାର ଇଞ୍ଜିନ ବୋଲି କୁହାଯାଇଛି। ଏତଦ୍‌ବ୍ୟତୀତ ବଜେଟ୍‌ରେ ଶିକ୍ଷା, ପ୍ରତିରକ୍ଷା, ସହରାଞ୍ଚଳ ବିକାଶ, ପାନୀୟ ଜଳ, ପରିବେଶ ଆଦି ଦିଗକୁ କରାଯାଇଥିବା ବ୍ୟୟ ସେଭଳି ଉତ୍ସାହପ୍ରଦ ଥିବା ଦେଖାଯାଉ ନାହିଁ। ମୋଟାମୋଟି କହିଲେ ବଜେଟକୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଛି ଯେ, ତାହାକୁ ସମ୍ପୂର୍ଣ୍ଣ ସମାଲୋଚନା କରାଯାଇପାରୁ ନ ଥିବାବେଳେ ପ୍ରଶଂସା ପାଇବା ଲାଗି ଅଧିକ ପ୍ରତିଶତ ମାର୍କ ପାଇବାରୁ ଏହା ବଞ୍ଚିତ ହୋଇଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦୁର୍ବଳ ହେବା ଓ ସାଧାରଣ ବ୍ୟକ୍ତିଙ୍କ ଆୟର ସିଂହଭାଗ ଖାଉଟି ସାମଗ୍ରୀର ଦରବୃଦ୍ଧି ଯୋଗୁ ବିନିର୍ବ୍ୟୟ ହୋଇଯାଉଥିବାରୁ ବଜେଟରେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇ ନ ଥିବାରୁ ଅଧିକାଂଶ ଲୋକ ସୁବିଧା ପାଇବାରୁ ବଞ୍ଚିତ ହେବେ ବୋଲି କୁହାଗଲାଣି।

ଶନିବାର ପୂର୍ବାହ୍ନ ୧୧ଟାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୫୦ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିବାକୁ ଗଲାବେଳେ ବିରୋଧୀ ହଟ୍ଟଗୋଳ କରିଥିଲେ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସେମାନଙ୍କୁ ନୀରବ ରହିବାକୁ ଯେତେ କହିଲେ ମଧ୍ୟ ସେହିଭଳି ସ୍ଥିତି କିଛି ସମୟ ଲାଗି ରହିଥିଲା। ଏହାସତ୍ତ୍ୱେ ବାଧହୋଇ ଅର୍ଥମନ୍ତ୍ରୀ ବଜେଟ ପାଠ କରିଥିଲେ। ନିର୍ମଳା ବିହାର ମଧୁବନୀ କାରୁକାର୍ଯ୍ୟପୂର୍ଣ୍ଣ ଏକ ହଳଦିଆ ମିଶା ଧଳା ହ୍ୟାଣ୍ଡଲୁମ୍ ସିଲ୍କ ଶାଢ଼ି ପିନ୍ଧିଥିଲେ। ବଜେଟ ଉପସ୍ଥାପନ ପ୍ରାରମ୍ଭରେ ସେ ତେଲୁଗୁ କବି ତଥା ନାଟ୍ୟକାର ଗୁରଜାଦା ଅପ୍ପା ରାଓଙ୍କ ପ୍ରସିଦ୍ଧ ଉକ୍ତିକୁ ଉଦ୍ଧୃତ କରି କହିଥିଲେ, 'ଗୋଟିଏ ଦେଶ କେବଳ ଏହାର ମାଟି ନୁହେଁ; ଗୋଟିଏ ଦେଶ ତାହାର ନାଗରିକଙ୍କୁ ନେଇ ଆଧାରିତ।' ଅର୍ଥମନ୍ତ୍ରୀ ସମସ୍ତ ଅଞ୍ଚଳର ସନ୍ତୁଳିତ ବିକାଶକୁ ଉତ୍ସାହିତ କରୁଥିବା 'ସବ୍‌କା ବିକାଶ' ଲକ୍ଷ୍ୟ ସହିତ ଏହି ଆର୍ଥିକ ବିଲ୍ ଉପସ୍ଥାପନ କରିଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭିଜନ୍ ଉପରେ ରେଖାଙ୍କିତ କରିଥିଲେ। ସେ କହିଥିଲେ, କେନ୍ଦ୍ର ସରକାର ଶୂନ ଦାରିଦ୍ର୍ୟ, ଶତପ୍ରତିଶତ ଉତ୍ତମ ମାନର ବିଦ୍ୟାଳୟ ଶିକ୍ଷା, ଉଚ୍ଚମାନର ଓ ସୁଲଭ ସ୍ୱାସ୍ଥ୍ୟସେବା, ବ୍ୟାପକ ନିଯୁକ୍ତି, ଆର୍ଥିକ କାର୍ଯ୍ୟକଳାପରେ ୭୦ ପ୍ରତିଶତ ମହିଳାଙ୍କୁ ସାମିଲ କରିବା ଏବଂ କୃଷକମାନେ ଦେଶକୁ 'ବିଶ୍ୱର ଖାଦ୍ୟ ପାତ୍ର'ରେ ପରିଣତ କରୁଥିବା ବିଷୟ ଉଲ୍ଲେଖ କରିଥିଲେ। ଉତ୍ପାଦକତା ବୃଦ୍ଧି, ଫସଲ ବିବିଧତା ଗ୍ରହଣ, ଅମଳ ପରବର୍ତ୍ତୀ ସଂରକ୍ଷଣ ବୃଦ୍ଧି, ଜଳସେଚନ ସୁବିଧାରେ ଉନ୍ନତି ଏବଂ ଦୀର୍ଘକାଳୀନ ତଥା ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସୁଗମ କରିବା ପାଇଁ ରାଜ୍ୟଗୁଡ଼ିକ ସହ ଭାଗୀଦାରିରେ ୧୦୦ଟି ଜିଲାରେ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା' ବିଷୟରେ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି।

ଏମ୍‌ଏସ୍‌ଏମ୍‌ଇ-ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗକୁ ଦେଶ ଅଭିବୃଦ୍ଧିର ଦ୍ୱିତୀୟ ଇଞ୍ଜିନ ଭାବେ ଅର୍ଥମନ୍ତ୍ରୀ ଅଭିହିତ କରିଛନ୍ତି। ଏହା ଦେଶ ରପ୍ତାନିର ୪୫ ପ୍ରତିଶତ ରହିଛି। ଏହାକୁ ବହୁଗୁଣିତ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। 'ମେଡ୍ ଇନ୍ ଇଣ୍ଡିଆ' ବ୍ରାଣ୍ଡର ପ୍ରତିନିଧିତ୍ୱ କରୁଥିବା ଖେଳଣା ନିର୍ମାଣରେ ଭାରତକୁ ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ଏକ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିବେ। ଏହାକୁ ଆଗକୁ ବଢ଼ାଇବା ପାଇଁ ଏମ୍‌ଏସ୍‌ଏମ୍‌ଇକୁ ଅନ୍ତର୍ଭୁକ୍ତ କରି ଏକ ଜାତୀୟ ଉତ୍ପାଦନ ମିଶନ ପ୍ରତିଷ୍ଠା କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ସେ ନିବେଶକୁ ଅଭିବୃଦ୍ଧିର ତୃତୀୟ ଇଞ୍ଜିନ୍ ଭାବେ ଅଭିହିତ କରି ଜନସାଧାରଣ, ଅର୍ଥବ୍ୟବସ୍ଥା ଏବଂ ନବସୃଜନ କ୍ଷେତ୍ରରେ ଏହାକୁ ପ୍ରାଥମିକତା ଦେଇଛନ୍ତି। ସେ କହିଛନ୍ତି, ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷା ପାଇଁ ଡିଜିଟାଲ ରୂପରେ ଭାରତୀୟ ଭାଷା ପୁସ୍ତକ ଉପଲବ୍ଧ କରାଇବା ଲାଗି 'ଭାରତୀୟ ଭାଷା ପୁସ୍ତକ ଯୋଜନା' କାର୍ଯ୍ୟକାରୀ କରାଯିବ। 'ମେକ୍ ଫର୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ' ଉତ୍ପାଦନ ପାଇଁ ଆବଶ୍ୟକ କୌଶଳ ସହିତ ଦେଶର ଯୁବପିଢ଼ିକୁ ସଶକ୍ତ କରିବା ସକାଶେ ବିଶ୍ୱସ୍ତରୀୟ ବିଶେଷଜ୍ଞ ଏବଂ ଭାଗୀଦାରି ସହିତ ଦକ୍ଷତା ପାଇଁ ପାଞ୍ଚଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଶିକ୍ଷା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ, ଯାହାର ମୋଟ ବ୍ୟୟ ଅଟକଳ ୫୦୦ କୋଟି ଟଙ୍କା ରଖାଯାଇଥିବା ବିଷୟ ଅର୍ଥମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ସୀତାରାମନ୍ ରପ୍ତାନିକୁ ଅଭିବୃଦ୍ଧିର ଚତୁର୍ଥ ଇଞ୍ଜିନ ଭାବେ ବର୍ଣ୍ଣନା କରିଛନ୍ତି। ଅନ୍ତର୍ଜାତୀୟ ବାଣିଜ୍ୟ ପାଇଁ ଏକ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, 'ଭାରତ ଟ୍ରେଡ୍‌ନେଟ୍' (ବି.ଟି.ଏନ୍) ବାଣିଜ୍ୟ ଡକ୍ୟୁମେଣ୍ଟେଶନ ଏବଂ ଆର୍ଥିକ ସମାଧାନ ନିମନ୍ତେ ଏକୀକୃତ ପ୍ଲାଟ୍‌ଫର୍ମ ସୃଷ୍ଟି ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଇଜ୍ ଅଫ୍ ଡୁଇଂ ବିଜ୍‌ନେସ ବା ବ୍ୟବସାୟିକ ସୁଗମତା ଦିଗରେ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ନିଦର୍ଶନ ସ୍ୱରୂପ ଅର୍ଥମନ୍ତ୍ରୀ ଭାରତରେ ଆର୍ଥିକ ଦିଗରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ପ୍ରସ୍ତାବ ଦେଇଛନ୍ତି। ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମାକୁ ୭୪ ପ୍ରତିଶତରୁ ୧୦୦%କୁ ବୃଦ୍ଧି କରିବା ଲାଗି ସେ ପ୍ରସ୍ତାବ ଦେଇଛନ୍ତି, ଯାହା ଭାରତରେ ସମ୍ପୂର୍ଣ୍ଣ ପ୍ରିମିୟମ ନିବେଶ କରୁଥିବା କମ୍ପାନୀଗୁଡ଼ିକ ପାଇଁ ଉପଲବ୍ଧ ହେବ। ରାଷ୍ଟ୍ର ନିର୍ମାଣରେ ମଧ୍ୟବିତ୍ତ ବର୍ଗଙ୍କ ଉପରେ ବିଶ୍ୱାସ ରଖି ଅର୍ଥମନ୍ତ୍ରୀ କେନ୍ଦ୍ର ବଜେଟରେ ନୂତନ ଆୟକର ବ୍ୟବସ୍ଥା କରାଇ ନୂଆ ପ୍ରତ୍ୟକ୍ଷ ଟିକସ ସ୍ଲାବ୍ ଏବଂ ହାରର ପ୍ରସ୍ତାବ ଦେଇଛନ୍ତି। ଶିଳ୍ପ ସାମଗ୍ରୀର ସୀମା ଶୁଳ୍କକୁ ଯୁକ୍ତିସଙ୍ଗତ କରିବାର ଅଂଶସ୍ୱରୂପ ବଜେଟରେ ସାତଟି ଶୁଳ୍କ ଉଚ୍ଛେଦ କରିବା, ପ୍ରଭାବୀ ଶୁଳ୍କ ବୃଦ୍ଧି ବଜାୟ ରଖିବା ପାଇଁ ଉପଯୁକ୍ତ ସେସ୍ ଲାଗୁ କରିବା, ଏବଂ ଗୋଟିଏରୁ ଅଧିକ ସେସ୍ କିମ୍ବା ଅତିରିକ୍ତ ଶୁଳ୍କ ଲାଗୁ ନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଔଷଧ ଆମଦାନୀ ଉପରେ ରିହାତି ସ୍ୱରୂପ, କର୍କଟ ଭଳି ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସା ପାଇଁ ୩୬ଟି ଜୀବନ ରକ୍ଷାକାରୀ ଔଷଧ ଏବଂ ଔଷଧକୁ ମୌଳିକ ସୀମା ଶୁଳ୍କ (ବିସିଡି)ରୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦିଆଯାଇଛି।

ଆଗାମୀ ଆର୍ଥିକ ବର୍ଷ ପାଇଁ ସଂସଦରେ ଉପସ୍ଥାପିତ ଏହି ବଜେଟକୁ ପ୍ରଧାନମନ୍ତ୍ରୀ ଜନତାଜନାର୍ଦ୍ଦନଙ୍କ ବଜେଟ ଭାବେ ଅଭିହିତ କରି ବିକଶିତ ଭାରତ ଗଠନରେ ବିଶେଷ ସହାୟକ ହେବ ବୋଲି ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳଗୁଡ଼ିକ ଏଥିରେ କିଛି ନୂତନତ୍ୱ ନ ଥିବା ଦର୍ଶାଇ ଏହାକୁ ଏକ ଅନ୍ତସାରଶୂନ୍ୟ ବଜେଟ ବୋଲି କହିଛନ୍ତି। ତେବେ କୃଷି, ଗ୍ରାମାଞ୍ଚଳ ବିକାଶ, ସ୍ୱାସ୍ଥ୍ୟ, ପ୍ରତିରକ୍ଷା ଓ ଭିତ୍ତିଭୂମି କ୍ଷେତ୍ରକୁ ଅଗ୍ରପ୍ରାଧାନ୍ୟ ଦିଆଯାଇଥିବାରୁ ବଜେଟକୁ ବିଶେଷଜ୍ଞ ଓ ମାର୍କେଟ ଲିଡରମାନେ 'ସନ୍ତୁଳିତ' କହି ସ୍ୱାଗତ କରିଛନ୍ତି।

## ଗୁଳି ବିନିମୟରେ...

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ତଡ଼କା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ବିଶେଷ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍, ଡିଆର୍‌ଜି, ସିଆରପିଏଫ୍ ଯବାନମାନେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ତେବେ ଛତିଶଗଡ଼ କେସାମୁଣ୍ଡି ଗ୍ରାମ ନିକଟ ଜଙ୍ଗଲରେ ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ସମୟରେ ମାଓବାଦୀମାନେ ସେମାନଙ୍କ ଉପକୁ ଗୁଳି ଚଳାଇଥିଲେ। ପରେ ଯବାନମାନେ ପାଲଟା ଗୁଳିଚାଳନା କରିଥିଲେ। ଅନେକ ସମୟଧରି ଏହି ଗୁଳିବିନିମୟ ଚାଲିଥିଲା। ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। କିଛି ସମୟ ପରେ ଯବାନମାନଙ୍କ ସର୍ଚ୍ଚ ଅପରେଶନ ପରେ ସେଠାରୁ ୮ ଜଣ ମାଓବାଦୀଙ୍କ ମୃତଦେହ ଓ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ସୂଚନା ମିଳିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରା, ଅର୍ଥ କାରବାର, ଚାକିରି କ୍ଷେତ୍ରର ସମସ୍ୟା ଓ ବିବାଦୀୟ ପରିସ୍ଥିତି ଚିନ୍ତା ବଢ଼ାଇବ। ଭୁଲ୍ ବୁଝାମଣା କାରଣରୁ ବନ୍ଧୁ ସମ୍ପର୍କ ଫିକା ପଡ଼ିଯିବାର ସୂଚନା ରହିଛି। ଅନ୍ୟମନସ୍କତାଜନିତ ଯାନବାହନରେ ସମସ୍ୟାର ସମ୍ମୁଖୀନ ହେବେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** ବନ୍ଧୁଙ୍କ ସାହାଯ୍ୟ ଓ ସହାନୁଭୂତି ହେତୁ ଦିନଟି ଖୁସିରେ ଅତିବାହିତ ହେବ। ପରିବାରରେ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ୍ ହେବେ। ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବାର ସମ୍ଭାବନା ରହିଛି।

**ମିଥୁନ** ପରିବାରରେ ଆକସ୍ମିକ ଭାବରେ ଖର୍ଚ୍ଚଭାର ବୃଦ୍ଧି କାରଣରୁ ଚିନ୍ତା ପ୍ରକଟ କରିବେ। ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିବ ଏବଂ ନିର୍ଦ୍ଦିଷ୍ଟ ଦିଗରୁ ଅର୍ଥ ପାଇବାର ଆଶା ରହିଛି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି। ନିଜ ଗୃହ ସମସ୍ୟାକୁ ସଜାଡ଼ିବାକୁ ଯାଇ ବହୁତ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ** କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାକୁ ସମ୍ଭାଳିନେବେ। କର୍ମ ସମ୍ପାଦନ ଓ ଅର୍ଥ ଲାଭର ଯୋଜନା କରିବା କାମରେ ନିଜକୁ ନିୟୋଜିତ କରିପାରନ୍ତି। ନିଜ ସହ ମିଳିମିଶି କାମ କରୁଥିବା ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ସାଙ୍ଗକୁ କଚେରି ମାମଲାର ଶୁଣାଣି ପାଇଁ ବ୍ୟସ୍ତ ରହିବେ।

**ସିଂହ** କୌଣସି ଦୋଷଯୁକ୍ତ କାମ ନ କଲେ ମଧ୍ୟ ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ଓ ବ୍ୟବହାରରୁ ଅସନ୍ତୁଷ୍ଟ ରହିବେ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିବା ଭଲ ହେବ। ଆଇନ ଅଦାଲତର ରାୟ ସପକ୍ଷରେ ଯିବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ଭଲ।

**କନ୍ୟା** ପରିବାର ଭିତରେ ଗୋଳମାଳିଆ ପରିସ୍ଥିତି କର୍ମକ୍ଷେତ୍ର ସକାଶେ ବାଧକ ସାଜିପାରେ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଘରେ ବନ୍ଧୁ ମିଳନ ଓ ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିବେ।

**ତୁଳା** କର୍ମାରମ୍ଭ ପାଇଁ ପ୍ରସ୍ତୁତିରେ ସମ୍ପର୍କୀୟଙ୍କ ବିରୁଦ୍ଧାଚରଣ ସମସ୍ୟା ସୃଷ୍ଟି କରିବ। ପାଇବାକୁ ଥିବା ଅର୍ଥ କିମ୍ବା ଜିନିଷପତ୍ରକୁ କେନ୍ଦ୍ରକରି କଳହ ହୋଇପାରେ। କର୍ମକ୍ଷେତ୍ରରେ ଗୁଡ଼ାଏ କାମ ହାତକୁ ନେଇ ବ୍ୟଥିତ ହେବେ। କର୍ମକ୍ଷେତ୍ରରେ କିମ୍ବା ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କଥା ଆପଣଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିପାରେ।

**ବିଛା** ଆଜି ଆପଣଙ୍କ ସୁଚିନ୍ତିତ ନିଷ୍ପତ୍ତି ପ୍ରତ୍ୟେକ ଦିଗ ପାଇଁ ଅନୁକୂଳ ରହିବ। ସମ୍ପର୍କୀୟଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ନ କରି କୌଶଳ ପ୍ରୟୋଗ କରି କାମ ହାସଲ ପାଇଁ ଚେଷ୍ଟା କରିବା ଭଲ ହେବ। କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ। ଏଜେନ୍‌ସିପ୍, ସାମ୍ବାଦିକତା, ରାଜନୀତି, ସାହିତ୍ୟ କ୍ଷେତ୍ରରୁ ସୁଫଳ ପାଇବେ।

**ଧନୁ** ଯୁକ୍ତିଯୁକ୍ତ କଥା କହି କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତାର ପ୍ରଭାବ ଅନୁଭବ କରିବାକୁ ପଡ଼ିପାରେ। ଯାତ୍ରା ସମୟରେ ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇପାରନ୍ତି। ଲୋଭନୀୟ ପ୍ରତିଶ୍ରୁତି ଦେଇ ଅନ୍ୟମାନଙ୍କଠାରୁ ଅର୍ଥ ଆଦାୟରେ ସଫଳ ହେବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ରାସ୍ତା ବାହାର କରିପାରନ୍ତି।

**ମକର** ଆଜି ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସୁଫଳ ପାଇବେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ। ପଡ଼ୋଶୀମାନେ କଥାଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିପାରନ୍ତି।

**କୁମ୍ଭ** ସମସ୍ୟା ଲାଗି ରହିଥିଲେ ମଧ୍ୟ କଥା ଓ କାର୍ଯ୍ୟଦକ୍ଷତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ। ଆନୁଷ୍ଠାନିକ କାମ ଆରମ୍ଭ ସମୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ପାରିବାରିକ କ୍ଷେତ୍ରରେ ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମୀନ** ଆଜି ଆନୁଷ୍ଠାନିକ କାମରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ କ୍ରୀଡ଼ାରେ ବେଶ୍ ଆଦୃତ ହେବେ। ପରିବହନରୁ ଲାଭବାନ୍ ହେବେ। ବନ୍ଧୁ ମେଳରେ ଅପ୍ରିୟ ସତକଥା କହି ପ୍ରଶଂସିତ ହୋଇପାରନ୍ତି।

ଆଜି ଫେବୃଆରୀ ୨ ତାରିଖ, ବିଶ୍ୱ ଆର୍ଦ୍ରଭୂମି ଦିବସ, ମାଘ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ରବିବାର, ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା। ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଦେବତା ପ୍ରତିଷ୍ଠା, ଜଳାଶୟ ଖନନ ପାଇଁ ପ୍ରଶସ୍ତ। ଦିବା ଘ.୦୬।୨୫ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୪ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୧ ଗତେ ଘ.୦୫।୩୫ ମଧ୍ୟେ ରାହୁକାଳ।





୨୦୨୫-୨୬ ଆର୍ଥିକବର୍ଷର କେନ୍ଦ୍ରୀୟ ବଜେଟରେ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରକୁ ୨.୬୬ ଲକ୍ଷ କୋଟି ଟଙ୍କାର ଆବଣ୍ଟନ ସହ କୃଷି କ୍ଷେତ୍ରରେ ଉତ୍ପାଦନଶୀଳତା ବୃଦ୍ଧି ଓ ନିରନ୍ତରତା ବଜାୟ ରଖିବା ପାଇଁ ପ୍ରୋତ୍ସାହନ ଦିଆଯାଇଛି। ୧୭ ନିୟୁତ ଚାଷୀଙ୍କୁ ସହାୟକ ହେବା ଭଳି ହାଇ-ଇଲ୍ଡ ଫସଲ କାର୍ଯ୍ୟକ୍ରମ ଆରମ୍ଭ କରାଯିବା ସହ ରିହାତିରେ ଋଣ ପରିମାଣ ବୃଦ୍ଧି ପାଇଁ ଯୋଜନା କରାଯାଇଛି। ଏତିକି ନୁହେଁ, ସରକାର ଆଗାମୀ ୨ ବର୍ଷରେ ରାସାୟନିକ ସାର ବ୍ୟବହାରକୁ ହ୍ରାସକରି ପ୍ରାକୃତିକ ପଦ୍ଧତିକୁ ପ୍ରୋତ୍ସାହନ ଜରିଆରେ ୧ କୋଟି ଚାଷୀଙ୍କୁ ସମନ୍ୱିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବୈଷୟିକ ଜ୍ଞାନକୌଶଳ, ବୀଜ ବିକାଶ ଭଳି କାର୍ଯ୍ୟକ୍ରମ ସହ ଜଳବାୟୁ ସହନଶୀଳ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଆମଦାନୀ ନିର୍ଭରଶୀଳତା ହ୍ରାସକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ବଜାର ବିଶେଷଜ୍ଞ ଓ ଇଣ୍ଡଷ୍ଟ୍ରି ଲିଡରମାନେ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ତେବେ ଲକ୍ଷ୍ୟ ହାସଲ ଦିଗରେ ଏସବୁର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଜରୁରୀ ବୋଲି ମତ ଦେଇଛନ୍ତି।

# କୃଷି, ଗ୍ରାମାଞ୍ଚଳ ବିକାଶକୁ ଗୁରୁତ୍ୱ

ନୂଆଦିଲ୍ଲୀ,୧।୨

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କୃଷିକୁ ଭାରତର ବିକାଶ ଯାତ୍ରାର 'ପ୍ରଥମ ଇଞ୍ଜିନ୍' ଭାବେ ଅଭିହିତ କରିବା ସହ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟରେ କୃଷି ଉତ୍ପାଦନ ଏବଂ ଚାଷୀଙ୍କ ଆୟ ବୃଦ୍ଧି ସକାଶେ କେତେକ ପଦକ୍ଷେପ ଘୋଷଣା କରିଛନ୍ତି। ଲୋକ ସଭାରେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରି ସୀତାରାମନ୍ କହିଛନ୍ତି, ବିହାରରେ ଏକ ମଖାନା ବୋର୍ଡ ଗଠନ କରାଯିବ, ଯାହାକି ଉତ୍ପାଦନ, ପ୍ରକ୍ରିୟାକରଣ, ମୂଲ୍ୟ ସଂଯୋଗ, ମଖାନା (ପୁଷ୍କର/ପଦ୍ମଫୁଲ ମଞ୍ଜି)ର ମାର୍କେଟିଂ ସହ ଫାର୍ମର୍ସ ପ୍ରୋଡ୍ୟୁସ୍ ଅର୍ଗାନାଇଜେଶନ୍ (ଏଫ୍‌ପିଓ)ଗୁଡ଼ିକ ଜରିଆରେ ଏହାର କୃଷି କାର୍ଯ୍ୟରେ ନିୟୋଜିତ ଲୋକଙ୍କୁ ସହାୟକ ହେବ। ଏହି ବୋର୍ଡ ମଖାନା ଚାଷୀଙ୍କୁ ତାଲିମ ପ୍ରଦାନ ସହ ସେମାନେ ଯେପରି ସମସ୍ତ ଉଦ୍ଦିଷ୍ଟ ସରକାରୀ ଯୋଜନାରୁ ଲାଭ ପାଇବେ ତାହା ସୁନିଶ୍ଚିତ କରିବ ବୋଲି ସୀତାରାମନ୍ କହିଛନ୍ତି।

ସୀତାରାମନ୍ ଆହୁରି କହିଛନ୍ତି, ବୀଜ ସମ୍ପର୍କିତ ଗବେଷଣା, ବିକାଶ ଓ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ହାଇଇଲ୍ଡିଂ ସିଡ୍ସ ଉପରେ ଏକ ନ୍ୟାଶନାଲ ମିଶନ ପ୍ରତିଷ୍ଠା କରାଯିବ। ୨୦୨୪ ଜୁଲାଇ ପରଠୁ ଜାରି ହୋଇଥିବା ଶତାଧିକ ବୀଜର କୀଟନାଶକ ପ୍ରତିରୋଧୀ, ଜଳବାୟୁ ସହନଶୀଳତା ଏବଂ ବ୍ୟବସାୟିକ ଉପଲବ୍ଧତାକୁ ଏହା ଅଧିକ ବ୍ୟାପକ କରିବ। ସେହିପରି ପ୍ରଧାନମନ୍ତ୍ରୀ କୃଷି ଯୋଜନାରେ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ସଫଳତାରେ ଅନୁପ୍ରାଣିତ ଏକ ନୂଆ ପଦକ୍ଷେପ ନିଆଯାଇଛି। ଏହାର ନାମ ଧନଧାନ୍ୟ ଯୋଜନା ରଖାଯାଇଛି। ନିମ୍ନ ଉତ୍ପାଦନକାରୀ, ମଧ୍ୟମ ଫସଲ ସାନ୍ଦ୍ରତା ଏବଂ ଆନୁପାତିକ ଋଣଠାରୁ କମ୍ ମାପଦଣ୍ଡର ୧୦୦ଟି ଜିଲାରେ ଏହା କାର୍ଯ୍ୟକାରୀ ହେବ। ଏହି ଯୋଜନାରୁ ୧.୭ କୋଟି ଚାଷୀ ଉପକୃତ ହେବେ ବୋଲି ଆଶା କରାଯାଉଛି। ସରକାରୀ ଏବଂ ଘରୋଇ କ୍ଷେତ୍ରରେ ଆନୁବଂଶିକ ଉତ୍ସ ଓ ଭବିଷ୍ୟତ ଖାଦ୍ୟ ସହ ପୋଷଣଗତ ନିରାପତ୍ତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏକ ଦ୍ୱିତୀୟ ଜିନ୍ ବ୍ୟାଙ୍କ ପ୍ରତିଷ୍ଠା କରାଯିବ। ଏଥିରେ ୧୦ ଲକ୍ଷ ଜର୍ମପ୍ଲାଜମ୍ ଲାଇନ୍‌କୁ ସଂରକ୍ଷିତ ରଖାଯିବ।

ସରକାର ୬ ବର୍ଷର ଏକ ମିଶନ ମୋଡ୍‌ରେ ଡାଲି ଜାତୀୟ ଶସ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ ପାଇଁ ଲକ୍ଷ୍ୟ ରଖିଛନ୍ତି। ନାଫେଡ୍ ଏବଂ ଏନ୍‌ସିସିଏଫ୍ ଭଳି କେନ୍ଦ୍ରୀୟ ଏଜେନ୍ସିରେ ପଞ୍ଜୀକୃତ ତଥା ଚୁକ୍ତିବଦ୍ଧ ହୋଇଥିବା ଚାଷୀଙ୍କଠାରୁ ବିରି, ହରଡ଼ ଓ ମସୁର ଡାଲି ଭଳି ପଲ୍ସଗୁଡ଼ିକୁ ଏହି ଏଜେନ୍ସିଗୁଡ଼ିକ କିଣିବ। ପରବର୍ତ୍ତୀ ୪ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ କରାଯିବ, ଯଦ୍ୱାରା କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ମିଳିବ। ସେହିପରି 'ମିଶନ୍ କଟନ୍ ପ୍ରଡକ୍ଟିଭିଟି' ନାମରେ ଏକ ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯିବ। ୫ ବର୍ଷର ମିଶନ୍‌ରେ ଏହା କପା ଚାଷରେ ଉତ୍ପାଦନଶୀଳତା ଓ ନିରନ୍ତରତାରେ ଉନ୍ନତି ଆଣିବାରେ ସହାୟକ ହେବ। ବିଜ୍ଞାନ ଓ କାରିଗରି ସହାୟତାକୁ ଉପଯୋଗ କରି ଏଥିରୁ ଅନେକ ଲକ୍ଷ କପାଚାଷୀ ଲାଭବାନ ହେବେ ବୋଲି ସୀତାରାମନ୍ କହିଛନ୍ତି। ପ୍ରାୟ ୭.୭ କୋଟି କୃଷକ, ମତ୍ସ୍ୟଜୀବୀ ଓ ଦୁଗ୍ଧ ଚାଷୀଙ୍କୁ ସ୍ୱଳ୍ପକାଳୀନ ଋଣ ପ୍ରଦାନରେ କିଷାନ କ୍ରେଡିଟ୍ କାର୍ଡର ଗୁରୁତ୍ୱ ହୃଦୟଙ୍ଗମ କରି ସୀତାରାମନ୍ କହିଛନ୍ତି, ମୋଡିଫାଏଡ୍ ଇଣ୍ଟ୍ରେଷ୍ଟ ସବ୍‌ଭେନ୍‌ଶନ୍ ସ୍କିମ୍‌ରେ ଋଣ ପ୍ରଦାନର ସୀମାକୁ ୩ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାବ୍ୟତୀତ ଅର୍ଥମନ୍ତ୍ରୀ ସୀତାରାମନ୍ ଆସାମରେ ୧୨.୭ ଲକ୍ଷ ମେଟ୍ରିକ୍ ଟନ୍ ବିଶିଷ୍ଟ ଏକ ୟୁରିଆ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ମଧ୍ୟ ଘୋଷଣା କରିଛନ୍ତି। ଏଥିସହ ପୂର୍ବାଞ୍ଚଳରେ ବନ୍ଦ ପଡ଼ିଥିବା ୩ଟି ୟୁରିଆ ପ୍ଲାଣ୍ଟକୁ ନିକଟରେ ପୁନଃ କାର୍ଯ୍ୟକ୍ଷମ କରାଯାଇଥିବାରୁ ୟୁରିଆ ଯୋଗାଣ ତ୍ୱରାନ୍ୱିତ ହେବା ସହ ୟୁରିଆ ଉତ୍ପାଦନରେ ଆତ୍ମନିର୍ଭରଶୀଳତା ବଢ଼ିବ ବୋଲି ଅର୍ଥମନ୍ତ୍ରୀ ଆଶା କରିଛନ୍ତି।

## ୧୦୦ ଜିଲା ପାଇଁ ଧନଧାନ୍ୟ ଯୋଜନା

- ଡାଲି ଜାତୀୟ ଶସ୍ୟରେ ଆତ୍ମନିର୍ଭରଶୀଳତା ବୃଦ୍ଧି ଲକ୍ଷ୍ୟ
- କିଷାନ କ୍ରେଡିଟ୍ କାର୍ଡରେ ବଢ଼ିଲା ଋଣ ପରିମାଣ






## ଆଦିବାସୀ ମନ୍ତ୍ରଣାଳୟକୁ ୪୫% ଅଧିକ

କେନ୍ଦ୍ର ବଜେଟରେ ଆଦିବାସୀ ମନ୍ତ୍ରଣାଳୟକୁ ପୂର୍ବବର୍ଷ ତୁଳନାରେ ୪୫ ପ୍ରତିଶତ ଅଧିକ ବ୍ୟୟବରାଦ କରାଯାଇଛି। ଆଦିବାସୀବହୁଳ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ବିକାଶ ଦିଗରେ ଅଧିକ ବ୍ୟୟ କରାଯିବ। ଏଥିପାଇଁ ମନ୍ତ୍ରଣାଳୟକୁ ୧୪,୯୨୫.୮୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଆଦିବାସୀ ପିଲାଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ କରୁଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପାଇଁ ୭,୦୮୮.୬୦ କୋଟି ଟଙ୍କା ବ୍ୟୟ ହେବ। ଆଦିବାସୀଙ୍କୁ ବର୍ଷତମାମ ରୋଜଗାର ସୁଯୋଗ ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ଜନଜାତିୟା ବିକାଶ ମିଶନ ନିମନ୍ତେ ୩୮୦ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଯୋଜନା ପାଇଁ ୩୩୫.୯୭ କୋଟି ରଖାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍ ଜନମନ) ପାଇଁ ୩୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଜନଜାତିଙ୍କ ସାମାଜିକ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି। ସେହିପରି ଧରତି ଆବା ଜନଜାତିୟା ଗ୍ରାମ ଉତ୍କର୍ଷ ଅଭିଯାନ ପାଇଁ ପାଣ୍ଠି ପରିମାଣ ୨,୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।

## ସକ୍ଷମ ଅଙ୍ଗନୱାଡ଼ି, ପୋଷଣ ୨.୦ ପାଇଁ ୨୧,୯୬୦ କୋଟି

ଆସନ୍ତା ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ୨୬,୮୮୯.୬୯ କୋଟି ଟଙ୍କା ମଞ୍ଜୁର ହୋଇଛି। ସେଥିରୁ ସକ୍ଷମ ଅଙ୍ଗନୱାଡ଼ି ଏବଂ ପୋଷଣ-୨.୦ ପାଇଁ ସର୍ବାଧିକ ୨୧,୯୬୦ କୋଟି ଟଙ୍କା ରଖାଯାଇଛି। କୁପୋଷଣ ଦୂର କରିବା ସହ ଶୈଶବ ଯତ୍ନକୁ ସୁଦୃଢ଼ କରିବା ଦିଗରେ ଏହି ଅର୍ଥ ବ୍ୟୟ ହେବ। କିଶୋରୀଙ୍କ ପାଇଁ ଥିବା ଯୋଜନାର ପୁନର୍ଗଠନ କରାଯାଇଛି। ଶିଶୁ ଓ କିଶୋରୀମାନଙ୍କୁ ପୋଷଣ ସାମର୍ଥ୍ୟ ଯୋଗାଇବା, ଶୈଶବ ଯତ୍ନ ଓ ଶିକ୍ଷା ଏବଂ ଅଙ୍ଗନୱାଡ଼ି ଭିତ୍ତିଭୂମିକୁ ଏଥିରେ ସାମିଲ କରାଯାଇଛି। ସକ୍ଷମ ଅଙ୍ଗନୱାଡ଼ି ଏବଂ ପୋଷଣ ୨.୦ ଯୋଜନାରେ ଆକାଂକ୍ଷୀ ଜିଲା ଏବଂ ଉତ୍ତରପୂର୍ବାଞ୍ଚଳରେ ୮ କୋଟିରୁ ଊର୍ଦ୍ଧ୍ୱ ଛୋଟ ପିଲା, ୧ କୋଟି ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳା ଏବଂ ୨୦ ଲକ୍ଷ କିଶୋରୀଙ୍କୁ ପୌଷ୍ଟିକ ଆହାର ଯୋଗାଇ ଦିଆଯିବ। ଶିଶୁ ସୁରକ୍ଷା ସେବାକୁ ଗୁରୁତ୍ୱ ଦେଉଥିବା ମିଶନ ବାତ୍ସଲ୍ୟ ପାଇଁ ବଜେଟରେ ୧,୫୦୦ କୋଟି ମଞ୍ଜୁର ହୋଇଛି। ଅସୁରକ୍ଷିତ ଶିଶୁମାନଙ୍କ ପାଇଁ ସୁରକ୍ଷିତ ଓ ନିରାପଦ ପରିବେଶ ସୃଷ୍ଟି କରିବା ଏହି ଯୋଜନାର ଲକ୍ଷ୍ୟ। ଏହା ବ୍ୟତୀତ ମହିଳା ସଶକ୍ତୀକରଣ, ମିଶନ ଶକ୍ତି ପାଇଁ ୩,୧୫୦ କୋଟି ଟଙ୍କା ଆବଣ୍ଟନ ହୋଇଛି। ଏହା ଅଧୀନରେ ରହିଥିବା ସମ୍ବଲ ଯୋଜନାରେ ବେଟି ବଚାଓ ବେଟି ପଢ଼ାଓ, ୱାନ୍ ଷ୍ଟପ୍ ସେଣ୍ଟର, ନାରୀ ଅଦାଲତ, ମହିଳା ହେଲ୍ପଲାଇନ ଓ ମହିଳା ପୋଲିସ ଭଲ୍ୟୁଣ୍ଟର ଆଦି ଉପକ୍ରମ କାର୍ଯ୍ୟକାରୀ ହେଉଛି। ସେହିପରି ସାମର୍ଥ୍ୟ ଯୋଜନାରେ ବିପଦରେ ଥିବା ମହିଳାଙ୍କ ପାଇଁ ସ୍ୱଧାର ଗୃହ, ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା, କର୍ମଜୀବୀ ମହିଳା ହଷ୍ଟେଲ, ନ୍ୟାଶନାଲ କ୍ରେଚ୍ ସ୍କିମ୍ ଆଦି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି।

## ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠି ଅପରିବର୍ତ୍ତିତ

ଗ୍ରାମାଞ୍ଚଳର ଶ୍ରମିକଙ୍କୁ ବାର୍ଷିକ ୧୦୦ ଦିନର ନିଯୁକ୍ତି ପ୍ରଦାନ ସକାଶେ ଉପା ଅମଳରେ ଆରମ୍ଭ ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) ଯୋଜନାକୁ ଆଗାମୀ ଆର୍ଥିକବର୍ଷ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇ ନାହିଁ। ୨୦୨୪-୨୫ରେ ୮୬,୦୦୦ କୋଟି ଆବଣ୍ଟନ କରାଯାଇଥିବାବେଳେ ଏଥର ମଧ୍ୟ ସମାନ ବ୍ୟବସ୍ଥା କରାଯାଇଛି। କୃଷକମାନଙ୍କୁ ଜୀବିକା ଉପାର୍ଜନରେ ଏହି ଯୋଜନା ବିଶେଷ ସହାୟକ ହୋଇଥାଏ।

## ମଧୁବନୀ ଶାଢ଼ି ପିନ୍ଧି ବଜେଟ ଉପସ୍ଥାପନ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଲୋକ ସଭାରେ ବଜେଟ ଉପସ୍ଥାପନ କରିବା ସମୟରେ ଏକ ଧଳା ରଙ୍ଗର ମଧୁବନୀ ହ୍ୟାଣ୍ଡଲୁମ ରେଶମ ଶାଢ଼ି ପିନ୍ଧିଥିଲେ। ବିହାରର ମଧୁବନୀ କଳା ଓ ପଦ୍ମ ପୁରସ୍କାର ବିଜେତା ଦୁଲାରୀ ଦେବୀଙ୍କ କୌଶଳକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ନିର୍ମଳାଙ୍କର ଏହି ବଜେଟ ଡେ' ଲୁକ୍ ରହିଥିଲା। ଗତବର୍ଷ ନଭେମ୍ବର ୨୯ରେ ନିର୍ମଳା ବିହାରର ମିଥିଳା ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌କୁ ଗସ୍ତ କରିଥିଲେ। ଏହି ସମୟରେ ୨୦୨୧ର ପଦ୍ମଶ୍ରୀ ବିଜେତା ଦୁଲାରୀଙ୍କ ସହ ତାଙ୍କର ଭେଟ ହୋଇଥିଲା। ଉପାହାର ସ୍ୱରୂପ ଦୁଲାରୀ ନିର୍ମଳାଙ୍କୁ ନିଜ ଦ୍ୱାରା ପ୍ରସ୍ତୁତ ଏହି ମଧୁବନୀ ଶାଢ଼ି ଦେଇଥିଲେ ଏବଂ ବଜେଟରେ ଉକ୍ତ ଶାଢ଼ିକୁ ପିନ୍ଧିବା ପାଇଁ ସେ ନିର୍ମଳାଙ୍କୁ ଅନୁରୋଧ କରିଥିଲେ। ଉକ୍ତ ଶାଢ଼ିରେ ମଧୁବନୀ ପେଣ୍ଟିଂ କରିବା ପାଇଁ ଏକ ମାସର ସମୟ ଲାଗିଥିବା ଦୁଲାରୀ କହିଛନ୍ତି। ସେହିପରି ଏହି ଶାଢ଼ିରେ ମାଛ, ଜଳ, ପାନ, ପଦ୍ମଫୁଲ ଆଦିର ଚିତ୍ର ରହିଛି। ଏସବୁ ମଧୁବନୀର ପରିଚୟ ହୋଇଥିବା ଦୁଲାରୀ କହିଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ଶାଢ଼ି ପିନ୍ଧି ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ କରିବା ପୂରା ମିଥିଳା ଓ ବିହାର ପାଇଁ ଗର୍ବର ବିଷୟ ବୋଲି ଦୁଲାରୀ କହିଛନ୍ତି।



ପଦ୍ମଶ୍ରୀ ଦୁଲାରୀ ଦେବୀ ଦେଇଥିଲେ ଉପହାର

## ଲୋକଙ୍କ ବଜେଟ: ପ୍ରଧାନମନ୍ତ୍ରୀ



ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉପସ୍ଥାପନ କରିଥିବା ବଜେଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭରପୂର ପ୍ରଶଂସା କରିଛନ୍ତି। ଏହି ବଜେଟକୁ ସେ ଜନତା ଜନାର୍ଦ୍ଦନଙ୍କ ବଜେଟ ବୋଲି କହିଛନ୍ତି। ସେ କହିଛନ୍ତି, ଭାରତର ବିକାଶ ଯାତ୍ରା ବଜେଟ ୨୦୨୫-୨୬ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହା ହେଉଛି ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷାର ବଜେଟ, ଯାହା ପ୍ରତ୍ୟେକ ଭାରତୀୟଙ୍କ ସ୍ୱପ୍ନକୁ ପୂରଣ କରିପାରିବ। ଏହି ବଜେଟ ବିକଶିତ ଭାରତ ମିଶନକୁ ଆଗେଇ ନେବା ସହ ଲୋକଙ୍କ ସଞ୍ଚୟ ବୃଦ୍ଧି କରିବ। ଏହାସହ ଦେଶର ପୁଞ୍ଜି ବିନିଯୋଗ ଓ ଅଭିବୃଦ୍ଧିକୁ ଏହା ଦ୍ରୁତ ଗତିରେ ବଢ଼ାଇବ। ଏଥିପାଇଁ ଅର୍ଥମନ୍ତ୍ରୀ ନିର୍ମଳା ଓ ତାଙ୍କ ପୂରା ଟିମ୍ ପ୍ରଶଂସାର ପାତ୍ର। ମୋଦି ଆହୁରି କହିଛନ୍ତି, ସାଧାରଣତଃ ସରକାରଙ୍କ ଆୟ କିପରି ବଢ଼ିବ, ତାହା ଉପରେ ବଜେଟର ଫୋକସ୍ ରହିଥାଏ। କିନ୍ତୁ ବଜେଟ ୨୦୨୫-୨୬ରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦେଶର ପ୍ରତ୍ୟେକ ନାଗରିକଙ୍କର ଆୟ କିପରି ବୃଦ୍ଧି ପାଇବ, ସେମାନଙ୍କର ସଞ୍ଚୟ କିପରି ବଢ଼ିବ, ଦେଶର ବିକାଶରେ ସେମାନେ କିପରି ଅଂଶୀଦାର ହେବେ ସେନେଇ ଏହି ବଜେଟ ଏକ ଦୃଢ଼ ମୂଳଦୁଆ ପକାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ନେତା କହିଲେ...



ବୈଶ୍ୱିକ ଅନିଶ୍ଚିତତା ମଧ୍ୟରେ ଅର୍ଥନୈତିକ ସଙ୍କଟର ସମାଧାନ ପାଇଁ ଦେଶର ଆର୍ଥିକ କ୍ଷେତ୍ରରେ ଆଦର୍ଶଗତ ପରିବର୍ତ୍ତନର ଆବଶ୍ୟକତା ରହିଛି। ବଜେଟ ୨୦୨୫ରେ ଏ ସମ୍ପର୍କରେ କିଛି ମଧ୍ୟ ଉଲ୍ଲେଖ ନାହିଁ।
**– ରାହୁଲ ଗାନ୍ଧୀ, ଲୋକ ସଭା ବିରୋଧୀ ଦଳ ନେତା**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହୃଦୟରେ ଦେଶର ମଧ୍ୟବିତ୍ତ ଶ୍ରେଣୀ ସର୍ବଦା ରହିଆସିଛି। ବିକଶିତ ଭାରତ ଗଠନରେ ମୋଦି ସରକାରଙ୍କ ଦୂରଦୃଷ୍ଟିର ଏକ ବ୍ଲୁ ପ୍ରିଣ୍ଟ ହେଉଛି ଏହି ବଜେଟ।
**– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**



ପୂରା ଦେଶ ମୁଦ୍ରାସ୍ଫୀତି ଓ ବେକାରି ସମସ୍ୟାକୁ ନେଇ ସଂଘର୍ଷ କରୁଥିବାବେଳେ ବଜେଟକୁ ନେଇ କେନ୍ଦ୍ର ସରକାର ନିଜ ପ୍ରଶଂସାରେ ବ୍ୟସ୍ତ ଅଛନ୍ତି। ଏହା ଦୁର୍ଭାଗ୍ୟଜନକ। ବଜେଟ ୨୦୨୫ ଜରିଆରେ କେନ୍ଦ୍ର ସରକାର ଲୋକଙ୍କୁ ଧୋକା ଦେବାକୁ ପ୍ରୟାସ କରିଛନ୍ତି।
**– ମଲ୍ଲିକାର୍ଜୁନ ଖାର୍ଗେ, ଏଆଇସିସି ସଭାପତି**



ବଜେଟ ୨୦୨୫ ହେଉଛି କେନ୍ଦ୍ର ସରକାରଙ୍କ ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡ୍‌ମ୍ୟାପ୍, ଯାହା ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷା ଓ ସ୍ୱପ୍ନକୁ ଦର୍ଶାଉଛି।
**– ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ସଭାପତି**



ଦିଲ୍ଲୀ ଓ ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବଜେଟରେ ମଧ୍ୟବିତ୍ତଙ୍କ ପାଇଁ ଇନ୍‌କମ ଟାକ୍ସକୁ କୋହଳ କରାଯାଇଛି। ଏହାକୁ ଛାଡ଼ି ଅର୍ଥମନ୍ତ୍ରୀଙ୍କ ନିକଟରେ ଦେଶର ବିକାଶ ପାଇଁ ଅନ୍ୟ କୌଣସି ଯୋଜନା ଏହି ବଜେଟରେ ଦେଖିବାକୁ ମିଳି ନାହିଁ।
**–ପି. ଚିଦାମ୍ବରମ୍, ପୂର୍ବତନ ଅର୍ଥ ମନ୍ତ୍ରୀ**



କେନ୍ଦ୍ରୀୟ ବଜେଟ ବିହାରର ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଏହା ଏକ ପ୍ରଗତିଶୀଳ ଓ ଭବିଷ୍ୟବାଦୀ ବଜେଟ।
**– ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ**



ଏହା ଏକ ଜନ ବିରୋଧୀ ବଜେଟ। ଭାରତୀୟ ଅର୍ଥନୀତି ପାଇଁ ଏହି ବଜେଟର ବିନାଶକାରୀ ପ୍ରଭାବ ରହିବ। ପୁଣିଥରେ ପଶ୍ଚିମବଙ୍ଗକୁ ନିରାଶ ହେବାକୁ ପଡ଼ିଛି।
**–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତର ସଂକଳ୍ପକୁ ପୂରା କରିବା ଦିଗରେ ଏହି ବଜେଟ ରହିଛି। ଏଥିରେ ଯୁବକ, ଗରିବ, କୃଷକ, ମହିଳାଙ୍କ ସମେତ ସମାଜର ସବୁ ବର୍ଗର ଲୋକଙ୍କୁ ପ୍ରାଧାନ୍ୟ ମିଳିଛି।
**– ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**



ଏହା ଏକ ପକ୍ଷପାତପୂର୍ଣ୍ଣ ବଜେଟ। ଏଥିରେ ତାମିଲନାଡୁର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ସହ ଏହି ବଜେଟରେ ବିଶ୍ୱାସଘାତ ହୋଇଛି।
**– ଏମ୍‌କେ ଷ୍ଟାଲିନ, ତାମିଲନାଡୁ ମୁଖ୍ୟମନ୍ତ୍ରୀ**



ଦେଶର ଆୟର ଏକ ବଡ଼ ଅଂଶ କିଛି ବିଲିୟନେୟାର ପୁଞ୍ଜିପତିମାନଙ୍କ ଋଣ ଛାଡ଼ କରିବାରେ ଚାଲିଯାଉଛି। ଏପରି ପୁଞ୍ଜିପତିଙ୍କ ଋଣ ଛାଡ଼ ନ କରିବାକୁ କେନ୍ଦ୍ର ନିକଟରେ ଦାବି କରିଥିଲି, ଯାହାକୁ ବଜେଟରେ ସ୍ଥାନ ମିଳିନାହିଁ।
**– ଅରବିନ୍ଦ କେଜ୍‌ରିୱାଲ, ଆପ୍ ଜାତୀୟ ଆବାହକ**



ଆଗକୁ ବିହାରରେ ବିଧାନସଭା ନିର୍ବାଚନ ଥିବାରୁ ବଜେଟରେ ରାଜ୍ୟକୁ ବିଶେଷ ସହାୟତା ଦିଆଯାଇଛି ବୋଲି ବିରୋଧୀ ଅଭିଯୋଗ ଆଣୁଛନ୍ତି। ଯଦି ଏହା ସତ୍ୟ, ତେବେ ଆଗାମୀ ଦିନରେ ଏପରି ନ ହେବା ପାଇଁ ସେମାନଙ୍କୁ 'ଏକ ଦେଶ ଏକ ନିର୍ବାଚନ ବିଲ୍'କୁ ସମର୍ଥନ କରିବା ଉଚିତ।
**– ଚିରାଗ ପାଶ୍ୱାନ, ଏଲ୍‌ଜେପି (ଆର୍) ଅଧ୍ୟକ୍ଷ**



କେନ୍ଦ୍ର ବଜେଟ ଜୁମଲାବାଜିରେ ଭରପୂର ରହିଛି। ଅନେକ ପୁରୁଣା ଘୋଷଣା ଏହି ବଜେଟରେ ସ୍ଥାନ ପାଇଛି। ବେକାରୀ ସମସ୍ୟା ନେଇ ବଜେଟରେ କିଛି ନାହିଁ।
**– ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା**



ବଜେଟ ପରିସଂଖ୍ୟାନଠାରୁ ମହାକୁମ୍ଭ ଦଳାଚକଟାରେ କେତେ ଲୋକଙ୍କର ମୃତ୍ୟୁ ଘଟିଛି ଜାଣିବା ପାଇଁ ଲୋକେ ବେଶି ଇଚ୍ଛୁକ। ମହାକୁମ୍ଭରେ ନିଖୋଜ ବ୍ୟକ୍ତିଙ୍କ ତଲାସି ଅଭିଯାନ ପ୍ରକ୍ରିୟାକୁ ବ୍ୟାପକ କରିବାର ଆବଶ୍ୟକତା ରହିଛି।
**– ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ**

# ଦୁଇଟି ବିଚାର



**ଆକାର ପଟେଲ**

ଭାରତର ପ୍ରଧାନମନ୍ତ୍ରୀ ଦୁଇଟି ବିଚାର ବା ଯୋଜନାକୁ ନେଇ ପ୍ରତିଶ୍ରୁତିବଦ୍ଧ, ଯାହା ତାଙ୍କ ଶାସନକାଳରେ ବି ପ୍ରକାଶ ପାଇଛି। ପ୍ରଥମଟି ହେଉଛି ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ ଭାବେ ଗଢ଼ି ତୋଳିବା। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚାଇନା ଭଳି ଭାରତ ବୃହତ୍ ଶକ୍ତି ଭାବେ ଧନୀ ଏବଂ ପ୍ରଭାବଶାଳୀ ଦେଶ ହୋଇଯିବ। ଏହା ଏକ ବଡ଼ ବିଚାର ହେଲେ ବି କିଭଳି ପରିବର୍ତ୍ତନ ହେବ କିମ୍ବା କେଉଁ ଧାରାରେ ଏହା ସଞ୍ଚାଳିତ ହେବ ତାହାର କୌଣସି ସିଦ୍ଧାନ୍ତ ନାହିଁ। ନରେନ୍ଦ୍ର ମୋଦି ଏହା କରିବାକୁ ଚାହୁଁଥିଲେ ମଧ୍ୟ ଆରମ୍ଭରୁ କିପରି ଏହା କରାଯିବ ତାହା ଜ୍ଞାତ ବାହାରେ । ଅପରପକ୍ଷେ ତାଙ୍କ ପରାମର୍ଶଦାତାମାନେ ଏ ବିଷୟରେ ଅବଗତ । ହେଲେ ଅର୍ଥ ବ୍ୟବସ୍ଥାର ଚିରାଚରିତ କିମ୍ବା ତ୍ରୁଟିପୂର୍ଣ୍ଣ ଧାରା ଅର୍ଥାତ୍ ମାନ୍ଦା ଅଭିବୃଦ୍ଧି ଆଣୁଥିବା ବେଳେ ସେମାନେ ନୀରବ ରହୁଛନ୍ତି। କିନ୍ତୁ ସେମାନେ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ବିଷୟ ଚିତ୍କାର କରି କହୁଛନ୍ତି । ସାଧାରଣତଃ ନେହେରୁଙ୍କ ନୀତି ଭୟଙ୍କର ଥିଲା ବୋଲି ସମାଲୋଚନା କରାଯାଉଛି। କିନ୍ତୁ ନେହେରୁ ଅନାବଶ୍ୟକ ଭାବେ ଭାରତର ଅର୍ଥ ବ୍ୟବସ୍ଥାକୁ କ୍ଷତି କରି ନ ଥିଲେ କିମ୍ବା ସବୁଠୁ ଗରିବ ଏବଂ ବିପଦରେ ଥିବା ଭାରତୀୟଙ୍କୁ ହଠାତ୍ ବିମୁଦ୍ରୀକରଣ କରି ଅନେକ ସପ୍ତାହ କଠିନ ସ୍ଥିତି ମଧ୍ୟକୁ ଠେଲି ଦେଇ ନ ଥିଲେ।

ମାର୍ଚ୍ଚ ୨୦୨୦ରେ କୋଭିଡ୍ ପ୍ରକାଶ ପାଇବା ପୂର୍ବରୁ ୨ ବର୍ଷ ୩ ମାସ, ଅର୍ଥାତ୍ ୯ଟି ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ଧିମା ହୋଇଯାଇଥିଲା। କାହିଁକି ହୋଇଥିଲା ସରକାର ତାହା କହିଲେ ନାହିଁ। କାରଣ ସରକାରଙ୍କ ପାଖରେ କୌଣସି ବାସ୍ତବ ବାଟ ଏବଂ ଯୋଜନା ନ ଥିଲା। ଯେତେବେଳେ କୋଭିଡ୍ ଚାଲିଗଲା ସେତେବେଳେ ଲକ୍‌ଡାଉନ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଅଭିବୃଦ୍ଧି ସୁଧୁରିବାରେ ଲାଗିଲା। ଏହି ସମୟରେ ପ୍ରଶଂସକମାନେ ଉଚ୍ଚ ସ୍ୱରରେ ପ୍ରଶଂସା କରିବାକୁ ଲାଗିଲେ। ଏବେ ଯେତେବେଳେ ଆମେ ପୂର୍ବର ମାନ୍ଦାବସ୍ଥା କଥା କହୁଛୁ ସେତେବେଳେ କାହା ମୁହଁ ଖୋଲୁନାହିଁ। ତେବେ ଏ କ୍ଷେତ୍ରରେ ସବୁଠୁ ବଡ଼ ସମର୍ଥକ ହେଉଛନ୍ତି କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ତଥା ଅର୍ଥନୀତିଜ୍ଞ ଅରବିନ୍ଦ ପାନଗାରିଆ । ସେ ମୋଦିଙ୍କ ପ୍ରତି ଆକର୍ଷିତ ହୋଇଥିଲେ। କାରଣ ପାନଗାରିଆଙ୍କ ଧାରଣା ଥିଲା ଯେ,ତାଙ୍କ ଭଳି ମୋଦି ଥିଲେ ଜଣେ ଫ୍ରି- ମାର୍କେଟ ମ୍ୟାନ ବା ମୁକ୍ତ ବଜାରରେ ବିଶ୍ୱାସ କରୁଥିବା ମଣିଷ। ସେ ଆମେରିକା ଫେରିଯିବା ଲାଗି ୨୦୧୭ ସେପ୍ଟେମ୍ବରରେ ନୀତି ଆୟୋଗ ଉପାଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ସେ ଭାରତ ସରକାରଙ୍କ ପ୍ରୋଟେକ୍‌ସନିଜମ୍ (ନିଜ ଦେଶର ଶିଳ୍ପକୁ ବଞ୍ଚାଇବା ଲାଗି ଅନ୍ତର୍ଜାତୀୟ ବାଣିଜ୍ୟ ନୀତିରେ କଠୋରତା ଆଣିବା)କୁ ସମାଲୋଚନ କରି ଆସୁଛନ୍ତି। ତାଙ୍କ ବିଶ୍ୱାସ ଥିଲା ଯେ ୨୦୨୦ରେ ଟାୟାର, ଟେଲିଭିଜନସେଟ୍ ପରି ଦ୍ରବ୍ୟଗୁଡ଼ିକ ଉପରେ ଭାରତର ଆମଦାନୀ ଶୁଳ୍କ, ଯାହା ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ଗଠନକୁ ଉତ୍ସାହିତ କରିବା ଲାଗି ଉଦ୍ଦିଷ୍ଟ ଥିଲା, ତାହା ବିମୁଦ୍ରୀକରଣ ବିଚାର ଭଳି କ୍ଷତିକାରକ ହେବ। ୨୦୧୭ରେ ମୋଦି ପ୍ରୋଟେକ୍‌ସନିଜମ୍ ଦିଗରେ ନେଇଥିବା ଭୁଲ୍ ପଦକ୍ଷେପକୁ ନେଇ ଚିନ୍ତିତ ଥିଲେ ବୋଲି ସେ କହିଥିଲେ। ଏହା ଏଯାବତ୍ ବଦଳି ନାହିଁ।

୨୦୨୦ ଅଗଷ୍ଟରେ ଆତ୍ମନିର୍ଭର ଭାରତ ଯୋଜନା ଘୋଷଣା କରାଯାଇଥିଲା। ଅନ୍ତର୍ଜାତୀୟ ବାଣିଜ୍ୟ ଉପରେ ମୋଦି କରିଥିବା ନୀତିଗତ ତ୍ରୁଟି ୧୯୯୧ରେ କରାଯାଇଥିବା ଭଲ କାମକୁ ବ୍ୟର୍ଥ କରିଦେଇଥିଲା। ଆତ୍ମନିର୍ଭର ଭାରତ ଯୋଜନାର ୬ ବର୍ଷ ମଧ୍ୟରେ କ'ଣ ହାସଲ କରିଛି ବୋଲି ସେ ପଚାରିଛନ୍ତି। ବରଂ ଇଲେକ୍‌ଟ୍ରୋନିକ ସାମଗ୍ରୀର ଆମଦାନୀ ବୃଦ୍ଧିପାଇଛି। ୨୦୧୩-୧୪ରେ ଏହା ୩୨.୪ ବିଲିୟନ ଆମେରିକୀୟ ଡଲାର ଥିବାବେଳେ ୨୦୧୮-୧୯ରେ ଏହା ୫୫.୬ ବିଲିୟନ ଡଲାରକୁ ବୃଦ୍ଧି ଘଟିଥିଲା। ଏହି ସମାନ ଅବଧିରେ ରପ୍ତାନି ମନ୍ଥର ଗତିରେ ଅର୍ଥାତ୍ ୭.୬ ବିଲିୟନ ଡଲାରରୁ ୮.୯ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ଏହି ବର୍ଷଗୁଡ଼ିକରେ ସୁରକ୍ଷିତ ଭାବେ ସବ୍‌ସିଡିରେ ଅନେକ ମୋବାଇଲ ଫୋନ ଆସେମ୍ବ୍ଲି ଫାର୍ମଗୁଡ଼ିକ ଆସିଛନ୍ତି, କିନ୍ତୁ ସେମାନେ ଏକ ଶକ୍ତିଶାଳୀ ଇଲେକ୍ଟ୍ରୋନିକ ଶିଳ୍ପ ସୃଷ୍ଟି କରିପାରି ନାହାନ୍ତି। ଅପରପଟେ ଭାରତୀୟଙ୍କ ମାଲିକାନାରେ ଥିବା ପ୍ରାୟ ସବୁ ଫାର୍ମ ବୈଶ୍ୱିକ ମାନକ ଅନୁଯାୟୀ ଛୋଟ ଏବଂ ଏଗୁଡ଼ିକ ମଧ୍ୟରୁ କୌଣସିଟି ନିଜସ୍ୱ ରପ୍ତାନି କ୍ଷମତା ହାସଲ କରିନାହାନ୍ତି। ତେବେ ଏଭଳି ଦୃଷ୍ଟିକୋଣ ଥିବା ବ୍ୟକ୍ତି ମୋଦିଙ୍କର ଜଣେ ସମର୍ଥକ ହେବା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ପ୍ରଥମ ଘଟଣାରେ ଅର୍ଥାତ୍ ଦେଶକୁ ବିକଶିକ କରିବାରେ ମୋଦିଙ୍କର କିଛି ରଣନୀତିକ ଦିଗ ରହିଥିବା ଅନୁମାନ କରାଯାଉଥିଲା। ପାନଗାରିଆ ତାଙ୍କ ମୁକ୍ତ ବଜାର ବିଚାରଧାରା ମୋଦିଙ୍କଠାରେ ଥିଲା ବୋଲି ମଧ୍ୟ ବିଚାର କରିଥିଲେ। ଏହା ହିଁ ସମସ୍ୟା। ଦିନେ ପାନଗାରିଆ ମୋଦିଙ୍କ ପ୍ରତି ଥିବା ଆନୁଗତ୍ୟକୁ ଏଡାଇ ଚାଲିଯାଇଥିଲେ ଓ ତା'ପରଦିନ ଏକ ସିଦ୍ଧାନ୍ତ ସମ୍ବଳିତ ରିପୋର୍ଟ ଉପସ୍ଥାପନ କରିଥିଲେ, ଯେଉଁଥିରେ ବାସ୍ତବରେ ୨୦୦୩ରୁ ୨୦୧୪ ଭାରତର ସବୁଠୁ ଭଲ ଅଭିବୃଦ୍ଧିଶୀଳ ବର୍ଷ ଥିଲା ବୋଲି ଉଲ୍ଲେଖ ରହିଥିଲା।

ପାନଗାରିଆଙ୍କ ଭଳି ଅନ୍ୟମାନେ ଭୟରେ ରହିବାର କାରଣ ପଛରେ ରହିଛି ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ ବୃହତ୍ ବିଚାରର ପ୍ରତିବଦ୍ଧତା। ଏହି ବିଚାର ହେଉଛି ସାମ୍ବିଧାନିକ ସହାବସ୍ଥାନକୁ ଧ୍ୱଂସ କରି ଏକ ସଂଖ୍ୟାଗରିଷ୍ଠବାଦ ଦେଶ ପ୍ରତିଷ୍ଠା କରିବା। ଅର୍ଥ ବ୍ୟବସ୍ଥାରେ ସଫଳ ନ ହେଲେ ବି ଏଥିରେ ଅତ୍ୟନ୍ତ ସଫଳ ଯୋଜନା ରହିଛି। ପରିଣାମ ମଧ୍ୟ ଆମ ସମ୍ମୁଖରେ ସ୍ପଷ୍ଟ। ସେ ଗୁଜରାଟରେ ଯାହା ଚାହିଁଥିଲେ ଏବଂ ଏବେ ଦେଶରେ ଯାହା ଚାହୁଁଛନ୍ତି, ଉଭୟକୁ ହାସଲ କରିବାକୁ ସେ ପ୍ରଭାବୀ ପଦକ୍ଷେପ ନେଇ ଆସିଛନ୍ତି, ଯାହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଦେଶରେ ବାଛବିଚାର, ବାଦ୍‌ଦେବା, ନିର୍ଯାତନା ତଥା ଉତ୍ପୀଡ଼ନର ପଥ ଭାଜପା ଶାସିତ ରାଜ୍ୟଗୁଡ଼ିକ ଆପଣାଇଛନ୍ତି। ମୁସଲମାନଙ୍କ ଖାଦ୍ୟ, ସେମାନଙ୍କ କାମ ଓ ବାସସ୍ଥାନ, ପୋଷାକ, ବିବାହ, ଛାଡ଼ପତ୍ରକୁ ନେଇ ଆଇନ ଅଣାଯାଇଛି। ଏଭଳି ଏକ ବିଚାର ଭାରତର ରାଜନୀତିରେ ଦୃଢ଼ ଭାବେ ରହିଛି, ଯାହାକୁ ୧୫ ବର୍ଷ ମଧ୍ୟରେ ବଦଳାଇବା କଠିନ ହୋଇପଡ଼ିଛି।

Email:aakar.patel@gmail.com

# ୟୁସିସିର ସାମ୍ବିଧାନିକ ଦିଗ



**ସୌଭାଗ୍ୟ ସୁନ୍ଦରରାୟ**

ଉତ୍ତରାଖଣ୍ଡରେ ଏକକ ନାଗରିକ ସଂହିତା (ୟୁସିସି) କାର୍ଯ୍ୟକାରୀ ହୋଇଛି। ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡ ଏହି ଆଇନ କାର୍ଯ୍ୟକାରୀ କରିଛି। ଏହା ପରକୁ ଭାଜପା ଶାସିତ ରାଜ୍ୟଗଣ ଉତ୍ତରାଖଣ୍ଡକୁ ଅନୁସରଣ କରିବାର ସମ୍ଭାବନା ରହିଛି। କିନ୍ତୁ ଏ ସଂକ୍ରାନ୍ତ ବିଲ୍ ଅଦ୍ୟାବଧି ପାର୍ଲାମେଣ୍ଟରେ ଉପସ୍ଥାପିତ ହୋଇନାହିଁ। ପାର୍ଲାମେଣ୍ଟରେ ଉପସ୍ଥାପନ ନିମନ୍ତେ ଏହା ଉପରେ ତର୍ଜମା ଚାଲିଛି। ୨୦୨୪ ନିର୍ବାଚନ ପୂର୍ବରୁ ୟୁସିସି ପ୍ରଚଳନ ନିମନ୍ତେ ଭାଜପା କ୍ଷେତ୍ର ପ୍ରସ୍ତୁତି ଆରମ୍ଭ କରି ଉତ୍ତରାଖଣ୍ଡରୁ ଏହାର ଶୁଭାରମ୍ଭ କରିଥିଲା। ବ୍ୟକ୍ତିଗତ ଆଇନ ବଦଳରେ ଏକକ ଆଇନ ବା ୟୁନିଫର୍ମ ସିଭିଲ କୋଡ୍ ପ୍ରଚଳନ କରାଯିବାର ଆବଶ୍ୟକତା ପ୍ରତି ଦଳ ଗୁରୁତ୍ୱ ଦେଇଆସୁଛି।

ପର୍ସନାଲ ଆଇନ ଅନ୍ତର୍ଭୁକ୍ତ କେତେକ ବିଷୟକୁ ନେଇ ସୁପ୍ରିମକୋର୍ଟରେ ମାମଲା ଦାଏର ହୋଇଛି। ଏଥିମଧ୍ୟରୁ ୨ଟି ମାମଲା ଛାଡ଼ପତ୍ର ଓ ଭରଣପୋଷଣକୁ ନେଇ ଦାଏର ହୋଇଛି। ପୋଷ୍ୟ ସନ୍ତାନ ଓ ଅଭିଭାବକତ୍ୱ ନେଇ ଅନ୍ୟ ଏକ ମାମଲା ଦାଏର ହୋଇଛି। ଏକକ ବିବାହ ଆଇନ ଓ ଉତ୍ତରାଧିକାରୀ ସୂତ୍ରକୁ ନେଇ ମଧ୍ୟ ୨ଟି ମାମଲା ଦାଏର କରାଯାଇଛି। ତେବେ ଅଦାଲତ ମୌଳିକ ଅଧିକାର ଭିତ୍ତିରେ ଏହି ମାମଲାର ଶୁଣାଣି ପାଇଁ ରାଜି ହୋଇଥିବାବେଳେ ପର୍ସନାଲ ଆଇନ ଅଥବା ଏକକ ଆଇନ ପରିସରକୁ ଯିବା ପାଇଁ ମନା କରି ଦେଇଛନ୍ତି। ଏହା ସରକାର ଓ ବିଧିପାଳିକାର ଦାୟିତ୍ୱ ବୋଲି ଅଦାଲତ ଦର୍ଶାଇଛନ୍ତି। ଏକକ ନାଗରିକ ସଂହିତାକୁ କିଛି ରାଜନୈତିକ ଦଳ ଓ ମୁସଲିମ ଗୋଷ୍ଠୀ ବିରୋଧ କରୁଛନ୍ତି। ନ୍ୟାୟ ଓ ଆଇନ ମନ୍ତ୍ରାଳୟ ସଂସଦୀୟ କମିଟି ଅଧ୍ୟକ୍ଷ ତଥା ପରିଲୋକଗତ ଭାଜପା ନେତା ସୁଶୀଲ ମୋଦି ଉତ୍ତର-ପୂର୍ବାଞ୍ଚଳ ଆଦିବାସୀଙ୍କୁ ଏଥିରୁ ବାଦ୍ ଦିଆଯିବା ପାଇଁ ପୂର୍ବରୁ ମତ ରଖିଥିଲେ।

ଏକକ ନାଗରିକ ସଂହିତା ଏକ ପୁରୁଣା ପ୍ରସଙ୍ଗ। ସମ୍ବିଧାନ ପ୍ରଣୟନ ସଭାରେ ଏହି ପ୍ରସଙ୍ଗ ଉଠିଥିଲା। ତେବେ ଏହି ସମୟରେ ଦେଶରେ ଅନେକ ଅଗ୍ରାଧିକାର ସମସ୍ୟା ରହିଥିଲା। ଏଣୁ ସଭାର ସଦସ୍ୟଗଣ ଅଗ୍ରାଧିକାର ଦିଗ ଉପରେ ଅଧିକ ଚିନ୍ତା କରିଥିଲେ। ସଭାର ସଦସ୍ୟ ଡ. ବି.ଆର.ଆମ୍ବେଦକର (ଦଳିତ) ଦଳିତ ଉତ୍ଥାନ ପାଇଁ ଚିନ୍ତିତ ଥିବାବେଳେ କନ୍ହେୟାଲାଲ ମୁନ୍‌ସୀ (ନିଷ୍ଠାବାନ୍ ହିନ୍ଦୁ) ଜଣେ ରକ୍ଷଣବାଦୀ ନେତା ଭାବେ ଭାରତୀୟ ସାଂସ୍କୃତିକ ପୁନର୍ଜାଗରଣରେ ବିଶ୍ୱାସ ରଖିଥିଲେ। ମିନୋ ମସାନୀ (ପାର୍ସୀ) ଗଣତାନ୍ତ୍ରିକ ସମାଜବାଦ ଚିନ୍ତାଧାରାର ବ୍ୟକ୍ତି ଥିଲେ। ସେହିପରି ରାଜକୁମାରୀ ଅମ୍ରିତ କୌର ଶିଖ୍ ସମ୍ପ୍ରଦାୟର ହୋଇଥିବାବେଳେ ହଂସ ମେହେଟ୍ଟା ଗୁଜରାଟୀ ବ୍ରାହ୍ମଣ ଥିଲେ। ତେବେ ସଭାର ସଦସ୍ୟଗଣ ବିବିଧ ପୃଷ୍ଠଭୂମି ଏବଂ ଚିନ୍ତା ଚେତନାରେ ଭିନ୍ନ ଥିଲେ ମଧ୍ୟ ଜାତି, ଧର୍ମ, ସମ୍ପ୍ରଦାୟ ଓ ଭାଷା ନିର୍ବିଶେଷରେ ସମସ୍ତ ନାଗରିକଙ୍କ ପାଇଁ ଏକକ ଭାରତୀୟ ଆଇନ ପ୍ରସ୍ତୁତ ନିମନ୍ତେ ଚାହିଁଥିଲେ। କିନ୍ତୁ ସମୟର ତାଡ଼ନା ଯୋଗୁ ତାହା ହୋଇପାରିଲା ନାହିଁ। ଫଳରେ ଏହି ଚିନ୍ତାଧାରା ଭିନ୍ନ ରୂପରେ ଡିରେକ୍ଟିଭ ପ୍ରିନ୍ସିପୁଲ୍ ଅଫ ଷ୍ଟେଟ ପଲିସି ବା ନିର୍ଦ୍ଦେଶିତ ନୀତି ହୋଇ ସମ୍ବିଧାନରେ ରହିଗଲା।



ଦେଶର ସମ୍ପ୍ରଦାୟଭିତ୍ତିକ ଗୋଷ୍ଠୀକୁ ଯଦି ଦେଖାଯାଏ ଦେଶ ବିଭାଜନ ହେବା ପରେ ଯେଉଁ ଅଂଶଟି ଭାରତ ଭାବେ ରହିଗଲା ତାହା ହିନ୍ଦୁ ବହୁଳ। ଯେଉଁ ଅଂଶଟି ପାକିସ୍ତାନ ହେଲା ତାହା ମୁସଲମାନ ବହୁଳ। ୨୦୧୧ ମସିହା ଜନଗଣନା ରିପୋର୍ଟ ଅନୁଯାୟୀ ଭାରତରେ ହିନ୍ଦୁଙ୍କ ସଂଖ୍ୟା ପ୍ରାୟ ୯୬.୬୨ କୋଟି ଅର୍ଥାତ୍ ମୋଟ ଜନସଂଖ୍ୟାର ୭୯.୮୦%। ଦେଶର ୨୮ଟି ରାଜ୍ୟରେ ହିନ୍ଦୁ ହେଉଛନ୍ତି ସଂଖ୍ୟାବହୁଳ। ଏହା ପରକୁ ଇସଲାମ ଧର୍ମାବଲମ୍ବୀଙ୍କ ସଂଖ୍ୟା ରହିଛି। ଏହି ସମ୍ପ୍ରଦାୟର ସଂଖ୍ୟା ମୋଟ ଜନସଂଖ୍ୟାର ଶତକଡ଼ା ୧୪.୨୩% ଅର୍ଥାତ ୧୭.୨୨ କୋଟି। ଜମ୍ମୁ-କଶ୍ମୀର ଓ ଲାକ୍ଷାଦ୍ୱୀପରେ ଏହି ବର୍ଗ ସଂଖ୍ୟାବହୁଳ। ଏହା ପରକୁ ରହିଛନ୍ତି ଖ୍ରୀଷ୍ଟ ଧର୍ମାବଲମ୍ବୀ। ଏମାନଙ୍କ ସଂଖ୍ୟା ପ୍ରାୟ ୨.୭୮ କୋଟି ଯାହା ମୋଟ ଜନସଂଖ୍ୟାର ଶତକଡ଼ା ୨.୭୮%। ଏହି ସମ୍ପ୍ରଦାୟ ମେଘାଳୟ, ଅରୁଣାଚଳ ପ୍ରଦେଶ, ମିଜୋରାମ ଓ ନାଗାଲାଣ୍ଡରେ ଅଧିକ ସଂଖ୍ୟାରେ ରହିଥାନ୍ତି। ଶିଖ୍ ଧର୍ମାବଲମ୍ବୀଙ୍କ ସଂଖ୍ୟା ପଞ୍ଜାବରେ ଅଧିକ ରହିଛି। ମୋଟ ଜନସଂଖ୍ୟାରେ ଏମାନଙ୍କ ଅଂଶ ୧.୭୨% ଅର୍ଥାତ୍ ପ୍ରାୟ ୨ କୋଟି। ଏଥିସହ ବୌଦ୍ଧ ଓ ଜୈନ ସମ୍ପ୍ରଦାୟର ଜନସାଧାରଣ ମଧ୍ୟ ଅଛନ୍ତି। ବୌଦ୍ଧ ଧର୍ମାବଲମ୍ବୀଙ୍କ ହାର ୦.୭% ହୋଇଥିବାବେଳେ ଜୈନ ଓ ଅନ୍ୟାନ୍ୟ ସମ୍ପ୍ରଦାୟ ସଂଖ୍ୟା ୦.୩୭%। ବହୁ ଭାଷାଭାଷୀ ଓ ସମ୍ପ୍ରଦାୟର ଭାରତ ବର୍ଷରେ ବିବାହ, ଶୁଦ୍ଧିକ୍ରିୟା, ଛାଡ଼ପତ୍ର, ଉତ୍ତରାଧିକାରୀ ମନୋନୟନ, ଭରଣପୋଷଣ, ଧାର୍ମିକ କାର୍ଯ୍ୟ ଆଦି କେଉଁ ଅନାଦି କାଳରୁ ବ୍ୟକ୍ତିଗତ ଆଇନ ଅନୁଯାୟୀ ପରିଚାଳିତ ହୋଇଆସୁଛି। କିଛି ଲିପିବଦ୍ଧ ରହିଛି, କିଛି କାର୍ଯ୍ୟ ନିଜନିଜ ଧର୍ମଗ୍ରନ୍ଥ ଆଶ୍ରାରେ ଚାଲିଆସୁଛି।

୧୯୪୮ମସିହା ନଭେମ୍ବରରେ ଡ. ଆମ୍ବେଡକରଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନ ଚିଠା ପ୍ରସ୍ତାବ ତର୍ଜମା ପାଇଁ ଉପସ୍ଥାପିତ ହେବା ସମୟରେ ସମ୍ବିଧାନ ପ୍ରଣୟନ ସଭାର ୫ ଜଣ ମୁସଲମାନ ସଦସ୍ୟ ଏଥିରେ ସଂଶୋଧନ ପ୍ରସ୍ତାବ ଆଣି ଏକକ ଆଇନର ବିରୋଧ କରିଥିଲେ। ଏହି ନେତାଗଣ ଯୁକ୍ତି ଦର୍ଶାଇଥିଲେ ଯେ, ଦେଶର ଉନ୍ନତ ସ୍ଥାନ ମୁମ୍ବାଇ ଓ ଅନୁନ୍ନତ ଅଞ୍ଚଳରେ ବସବାସ କରୁଥିବା ଜନତାଙ୍କୁ ଏକକ ଆଇନରେ ସମାନ କରାଯାଇପାରିବ ନାହିଁ। ଏଥିସହ ଜନସାଧାରଣ ବ୍ୟକ୍ତିଗତ ଆଇନ ସହ ଓତପ୍ରୋତ ଭାବେ ଜଡ଼ିତ ଥିବାରୁ ଏହାକୁ ତତ୍କାଳ ପରିତ୍ୟାଗ କରିବା ସହଜ ନୁହେଁ। ଦେଶରୁ ନିରକ୍ଷରତା ସମ୍ପୂର୍ଣ୍ଣ ଦୂର ହେବା ସହ ଜନସାଧାରଣ ପ୍ରଗତିଶୀଳ ହେବାପରେ ଧୀରେ ଧୀରେ ଏକକ ଆଇନ ପ୍ରଣୟନ କରାଯାଇପାରେ ବୋଲି ଏହି ସଦସ୍ୟମାନେ ଯୁକ୍ତି ଦର୍ଶାଇଥିଲେ। ଏହି ସଂଶୋଧନ ପ୍ରସ୍ତାବ ଅବଶ୍ୟ କାଟ୍ ଖାଇଯାଇଥିଲା। କିନ୍ତୁ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ଆହ୍ୱାନ ଯୋଗୁ ଏହି ସମୟ ବେଳକୁ ଦେଶରେ ହିନ୍ଦୁ - ମୁସଲିମ ବିଦ୍ୱେଷ ଜାରି ରହିଥାଏ। ହିନ୍ଦୁ ବହୁଳ ଅଞ୍ଚଳରେ ମୁସଲିମ ଓ ମୁସଲିମ ବହୁଳ ଅଞ୍ଚଳରେ ହିନ୍ଦୁଙ୍କ ପ୍ରତି ଆକ୍ରମଣ ହେଉଥାଏ। ଶିଖ୍ ସମ୍ପ୍ରଦାୟ ମଧ୍ୟ ଏଥିରୁ ବାଦ୍ ଯାଇ ନ ଥାନ୍ତି। ଫଳରେ କଂଗ୍ରେସ ଏକ ହିନ୍ଦୁ ପ୍ରଧାନ ଦଳ ଓ ହିନ୍ଦୁ ରାଷ୍ଟ୍ର ଗଠନ କରିବାକୁ ଚାହୁଁଛି ବୋଲି ଜିନ୍ନାଙ୍କ ଅଭିଯୋଗରୁ ମୁକ୍ତ ହୋଇ ଦଳ ଓ ଦେଶର ଏକ ଧର୍ମନିରପେକ୍ଷ ଭାବମୂର୍ତ୍ତି ପ୍ରତିଷ୍ଠା ପାଇଁ ଜବାହରଲାଲ ନେହେରୁ ଚିନ୍ତିତ ଥିଲେ। ସଂଖ୍ୟାବହୁଳ ହିନ୍ଦୁ ଅଞ୍ଚଳରେ ମୁସଲମାନମାନେ ନିଜକୁ ଯେପରି ସୁରକ୍ଷିତ ଓ ନିରାପଦ ମନେ କରିବେ ତାହା ସେ ଚାହୁଁଥିଲେ। ତେଣୁ ହିନ୍ଦୁ ବହୁଳ ଅଞ୍ଚଳରେ ନିଜ ନିରାପତ୍ତା ପ୍ରତି ମୁସଲମାନ ସମ୍ପ୍ରଦାୟ ଯେଉଁ ଆଶଙ୍କା କରୁଛନ୍ତି ତାହା ସମ୍ବିଧାନ ଦ୍ୱାରା ଦୂର ହେବା ଆବଶ୍ୟକ ବୋଲି ନେହେରୁ ଚାହିଁଥିଲେ। ତେଣୁ ଉପସ୍ଥିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟକ୍ତିଗତ ଆଇନରେ ହାତ ନ ମାରିବାକୁ ସେ ପରାମର୍ଶ ଦେଇଥିଲେ।

ଦୀର୍ଘ ବର୍ଷ ବ୍ୟବଧାନ ପରେ ଏକକ ଆଚରଣ ସଂହିତା ପ୍ରଣୟନ ଦିଗରେ ଅଗ୍ରସର ହେବା ପାଇଁ ୧୯୮୫ରେ ମହମ୍ମଦ ଅହମ୍ମଦ ଖାଁ ବନାମ ଶାହା ବାନୋ ବେଗମ ମାମଲାରେ ସୁପ୍ରିମକୋର୍ଟ ସୁଯୋଗ ସୃଷ୍ଟି କରିଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ। ମୁସଲିମ ବ୍ୟକ୍ତିଗତ ଆଇନ ବିରୋଧରେ ଯାଇ ଅଦାଲତ ୬୨ ବର୍ଷୀୟା ଶାହା ବାନୋଙ୍କୁ ଭରଣପୋଷଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜୀବ ଗାନ୍ଧୀଙ୍କ ନେତୃତ୍ୱାଧୀନ ସରକାର ଏକ ସଂଶୋଧିତ ଆଇନ ବଳରେ ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ଏକପ୍ରକାର ପଙ୍ଗୁ କରି ଦେଇଥିଲେ। ଏହି ଆଇନ ପ୍ରତିବାଦରେ ରାଜୀବ ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରୁ ଅରିଫ ମହମ୍ମଦ ଖାଁ ଇସ୍ତଫା ଦେଇଥିଲେ। ମୁସଲିମ ସମ୍ପ୍ରଦାୟରେ ମହିଳା ଅଧିକାର ସାବ୍ୟସ୍ତ କ୍ଷେତ୍ରରେ ଏହି ରାୟ ପରେ ତିନି ତଲାକ୍‌କୁ ମଧ୍ୟ ସୁପ୍ରିମକୋର୍ଟ ଅସାମ୍ବିଧାନିକ ଦର୍ଶାଇଛନ୍ତି। ୧୯୪୮ ମସିହାର ଅବସ୍ଥା ଦେଶରେ ଏବେ ନାହିଁ। ଦେଶର ଗଣତାନ୍ତ୍ରିକ ଭାବନା ପରିପକ୍ୱ ହେଲାଣି। ନାଗରିକ ମଧ୍ୟ ସଚେତନ ହେଲେଣି। ଭିନ୍ନଧର୍ମ, ଭିନ୍ନଜାତି ବିବାହ ବୃଦ୍ଧି ପାଇଛି। ଦୀର୍ଘ ଦିନର ରାମ ଜନ୍ମଭୂମି ମାମଲାର ଫଇସଲା ହୋଇପାରିଛି। ଏଭଳି ସ୍ଥିତିରେ ଏକକ ନାଗରିକ ସଂହିତା ଉପରେ କେନ୍ଦ୍ର ସହମତି ଆଣିବା ଆବଶ୍ୟକ। ନିଜ ଶାସିତ ରାଜ୍ୟରେ ପରୋକ୍ଷ ଭାବେ କାର୍ଯ୍ୟକାରୀ କରାଇବା ଭାରତର ସଂଘୀୟ ବ୍ୟବସ୍ଥା ପ୍ରତି ଠିକ୍ ମାର୍ଗ ନୁହେଁ। କାରଣ ପାର୍ଲାମେଣ୍ଟରେ ଗୃହୀତ ପୂର୍ବରୁ ଉତ୍ତରାଖଣ୍ଡ ଯେଉଁ ଆଇନ ଆଣିଛି ତାହା ନ୍ୟାୟିକ ତର୍ଜମା ପରିସରକୁ ନ ଆସିବ ବୋଲି କୁହାଯାଇ ପାରିବ ନାହିଁ।

ମୋ: ୯୪୩୭୨୨୯୨୩୩

# ବଞ୍ଚାଅ ଆନ୍ଦୋଳନ



**ବିପ୍ଳବ**

ମଣିଷ ବଡ଼ ଚତୁର ପ୍ରାଣୀ। ସେଥିପାଇଁ ସେ ବିଶାଳ ହସ୍ତୀକୁ ଆୟତ୍ତ କରି ତାକୁ ପୋଷା ମନାଏ, ଦ୍ରୁତଗାମୀ ଅଶ୍ୱ ଉପରେ ସବାର ହୁଏ, ଜଙ୍ଗଲର ବ୍ୟାଘ୍ରକୁ ପିଞ୍ଜରାବଦ୍ଧ କରିପାରେ। ନିଜ ଆୟଠାରୁ କାହିଁ କେତେ ହଜାର ଗୁଣ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିପାରେ। ନିଜର ଅସୀମିତ କାମନାକୁ ଚରିତାର୍ଥ କରିବାକୁ ନକଲି ରସୁଣ ଠୁଁ ପ୍ଲାଷ୍ଟିକ ଚାଉଳ ପର୍ଯ୍ୟନ୍ତ ଅଖାଦ୍ୟ ପ୍ରସ୍ତୁତକରି ତା'ର ବଜାର ପ୍ରବେଶ କରେଇ ପାରେ। ସର୍ବ ଶେଷରେ ନିଜର ସ୍ୱାର୍ଥ ପାଇଁ ସମସ୍ତଙ୍କୁ ଅବିଚାରିତ ଭାବରେ ହତ୍ୟାକରି ବଞ୍ଚାଓ ଆନ୍ଦୋଳନ ରଚିପାରେ।

ଏଇ କିଛି ବର୍ଷ ହେବ ବିଭିନ୍ନ ରାଜନୈତିକ ଦଳ, କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ବଞ୍ଚାଓ ଆନ୍ଦୋଳନ ନାରା ଶୁଭୁଛି। ଯେ କୌଣସି ବ୍ୟକ୍ତିବିଶେଷ ଅନୁଭବ କରିବ ଯେ ଏମାନେ ଖୁବ୍ ସମ୍ବେଦନଶୀଳ ଆଉ ଅନ୍ୟମାନଙ୍କ ପାଇଁ ଏମାନଙ୍କ ପ୍ରାଣ କାନ୍ଦିଉଠୁଛି। କିନ୍ତୁ ବାସ୍ତବତା ଏହାଠୁଁ ଦୂରରେ। ନା ଏମାନଙ୍କର କାହା ପ୍ରତି ଦୟା ଥାଏ ନା ସମବେଦନା ଥାଏ। କେବଳ ସ୍ୱାର୍ଥର ରୁଟି ସେକିବା ସେମାନଙ୍କୁ ଜଣାଥାଏ। ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀ ଏବେ ଖାଙ୍କରା ପଡ଼ିଛି। ଜଳ ବଦଳରେ ଚତୁଃଦିଗ କେବଳ ବାଲୁକା ସ୍ତୁପ, ସାହାରା ମରୁର ଭ୍ରମ। ଯେଉଁଠି ଟିକେ ଜଳଧାର ଅଛି ତାହା ପୁଷ୍କରିଣୀ ଜଳ ପରି ସ୍ଥିର ଓ ପ୍ରଦୂଷିତ। ମହାନଦୀ ଉପରେ ବର୍ଷ ବର୍ଷ ଧରି ନିର୍ଭର କରି ଆସୁଥିବା ଚାଷୀକୁଳ ଏବେ ହତାଶ। ମାଛମରା ଉପରେ ନିର୍ଭର କରି ବଞ୍ଚୁଥିବା ଧୀବର ପ୍ରମାଦ ଗଣିଲେଣି। ମହାନଦୀ କୂଳରେ ପାନୀୟ ଜଳର ଉତ୍କଟ ଅଭାବ । କିନ୍ତୁ ମହାନଦୀରୁ ଜଳ ନେଇ ପାଣି ପାଉଚ ଆଉ ପ୍ଲାଷ୍ଟିକ ବୋତଲରେ ପାଣି ଲିଟର ୨୦ ଟଙ୍କା ବିକି କମ୍ପାନୀ ମାଲାମାଲ। ରାଜନୈତିକ ଦଳଗୁଡ଼ିକର ଆରୋପ ପ୍ରତ୍ୟାରୋପ ଭିତରେ ଚାଲିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ ମାତ୍ର ମହାନଦୀ ଏବେ ଆଇସିୟୁରେ। ସମାଧାନ ପାଇଁ ରାଜନୈତିକ ଇଚ୍ଛାଶକ୍ତି କାହିଁ, ଆନ୍ତରିକତା କାହିଁ?

ସର୍ବଭାରତୀୟ ସ୍ତରରେ ମଝିରେ ମଝିରେ କେତେଗୁଡ଼ିଏ ବଞ୍ଚାଅ ଆନ୍ଦୋଳନର ମୃଦୁ କମ୍ପନ ଶୁଭୁଛି। ଏଇ ଯେମିତି ଗଣତନ୍ତ୍ର ବଞ୍ଚାଅ, ସମ୍ବିଧାନ ବଞ୍ଚାଅ, ହିନ୍ଦୁ ବଞ୍ଚାଅ, ଗୋମାତା ବଞ୍ଚାଅ ଇତ୍ୟାଦି। ପ୍ରକୃତରେ ଏ ସବୁ କେତେ ସଙ୍କଟରେ ରହିଛି ଆଉ ଆନ୍ଦୋଳନ ପାଇଁ ଡାକରା ଦେଉଥିବା ଦଳ, ଗୋଷ୍ଠୀ ବା ବ୍ୟକ୍ତିବିଶେଷ କେତେ ଆଗ୍ରହୀ ତାହା ତର୍ଜମାର ବିଷୟ। ପାକିସ୍ତାନ ଆଉ ବାଂଲାଦେଶରେ ହିନ୍ଦୁମାନଙ୍କ ସଂଖ୍ୟାରେ ଦ୍ରୁତ ହ୍ରାସ ଆଉ ଅତ୍ୟାଚାର କାହାଣୀ କାହାକୁ ଅଛପା ନୁହେଁ। ମାତ୍ର ସମାଧାନ ସୂତ୍ର କାହିଁ ? ଭାରତ ଭଳି ଏକ କୃଷିପ୍ରଧାନ ରାଷ୍ଟ୍ରରେ ଯାହାର ବିକାଶ ଗୋସମ୍ପଦଜନିତ କୃଷି ଦ୍ୱାରା ସମ୍ଭବ ସେଠି ପ୍ରତ୍ୟହ ପଡ଼ୋଶୀ ରାଷ୍ଟ୍ରକୁ ଗୋଚାଲାଣ ହେଉଛି। ଗୋରୁକୁ ମାତା ବୋଲି ସ୍ୱୀକାର କରୁଥିବା ହିନ୍ଦୁର ଦୟାରେ ଗୋରୁଟିଏ ବଞ୍ଚିବା ପାଇଁ ସଂଘର୍ଷ କରୁଛି। ଗୋ ସମ୍ପଦର ଦ୍ରୁତ ହ୍ରାସ ସହ ପନିର ବେପାର ବୃଦ୍ଧି ପାଉଛି, ଆଶ୍ଚର୍ଯ୍ୟ ସଂଯୋଗ! ଏଣେ ଗୋମାତା ବଞ୍ଚାଓ ନାରା ଶୁଭୁଛି ତେଣେ ଗୋମାତା ଆଖିରୁ ଲୁହ ଝରୁଛି।




ଆମ ଭାଷା, ସାହିତ୍ୟ, ସଂସ୍କୃତି ସିନେମା, ଯାତ୍ରା, ପରମ୍ପରା କଥା ନ କହିବା ଭଲ। ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା ହୋଇ ମଧ୍ୟ ଓଡ଼ିଆ କହିବାକୁ, ଲେଖିବାକୁ, ପଢ଼ିବାକୁ ଲୋକେ ଅମଙ୍ଗ। ସେଥିପାଇଁ କିଛି ବର୍ଷ ହେବ ଓଡ଼ିଆ ଭାଷା ବଞ୍ଚାଓ ଆନ୍ଦୋଳନ ଚାଲୁଛି। ଆଶଙ୍କା କରାଯାଉଛି ଭାଷା କାଳେ ମରିଯିବ। ଏଥି ସହିତ ଓଡ଼ିଆ ସିନେମା ବଞ୍ଚାଅ ଆନ୍ଦୋଳନ ସହିତ ଓଡ଼ିଆ ଯାତ୍ରା ବଞ୍ଚାଓ ଆନ୍ଦୋଳନ ମଝିରେ ମଝିରେ ଚାଲୁଛି। ଓଡ଼ିଆ ସିନେମା ନକଲ କରିକରି ଓଡ଼ିଆ ପାଣି ପବନ ଠୁଁ ଦୂରେଇ ନିଜର ସ୍ଥିତି ହରେଇ ସାରିଛି। ଓଡ଼ିଆ ଯାତ୍ରା ପ୍ରତିଭାଶୂନ୍ୟ ନର୍ତ୍ତକୀ ଆଉ କିଛି ଉଦ୍‌ଭ୍ରାନ୍ତ ଦର୍ଶକଙ୍କ ଦୟାରେ ନିଜର ବଞ୍ଚିବା ପାଇଁ ସଂଘର୍ଷ କରୁଛି।

ଏ ସବୁ ଆନ୍ଦୋଳନ ପରେ ମଣିଷ କେତେକ ନିର୍ଦ୍ଦିଷ୍ଟ ଦିବସ ପାଳନ କରି ସେସବୁ ବଞ୍ଚେଇବା ପାଇଁ ପ୍ରଚାର କରେ। ସଭା ସମିତିରେ ଲୁହ ଗଡ଼ା ନାଟକ ରଚେ। ବନ ମହୋତ୍ସବ ତା'ର ଏକ ଜ୍ୱଳନ୍ତ ଉଦାହରଣ। ବର୍ଷ ବର୍ଷ ଧରି ମଣିଷକୁ ଫଳ, ଫୁଲ, ଜାଳେଣି ଆଉ ଅମ୍ଳଜାନ ଦେଇ ବଞ୍ଚେଇ ଆସିଥିବା ବୃକ୍ଷକୁ ମନୁଷ୍ୟ ନିର୍ମମ ଭାବରେ ହତ୍ୟାକରି ବନ ମହୋତ୍ସବ ପାଳେ। ବୃକ୍ଷ ବଞ୍ଚାଓ ନାରା ଦିଏ।

ମନୁଷ୍ୟ ଭାବୁଛି ଏ ପୃଥିବୀରେ ତା'ର ବଞ୍ଚିବାର ଏକଚାଟିଆ ଅଧିକାର। ସେଥିପାଇଁ ସେ ସମୂହ କଥା ଭୁଲି ଆତ୍ମକେନ୍ଦ୍ରିକ ହୋଇଯାଇଛି। ସେଥିପାଇଁ ଆଜି ଜଙ୍ଗଲ ଧ୍ୱଂସ। ଜଳ, ବାୟୁ, ମୃତ୍ତିକା ସବୁ ପ୍ରଦୂଷିତ। ଜନପଦରେ ବାର୍‌ହା, ହାତୀ, ବ୍ୟାଘ୍ର, ମାଙ୍କଡ଼ଙ୍କ ଦୌରାତ୍ମ୍ୟ। ପୃଥିବୀର ଅଧିକାଂଶ ପ୍ରଦୂଷିତ ସହର ଆମ ଦେଶରେ। ଏ ସବୁ ବଞ୍ଚେଇ ରଖିବା ପାଇଁ ଆନ୍ଦୋଳନ ଦରକାର ଆଉ ସେଥିପାଇଁ ଆନ୍ତରିକତା ଲୋଡ଼ା। ନିଜର ଅସ୍ତିତ୍ୱ ବଞ୍ଚେଇବା ଚକ୍କରରେ କେବଳ ବ୍ୟାନର ଆଉ ଭାଷଣରେ ବଞ୍ଚାଓ ଆନ୍ଦୋଳନ ସୀମିତ ରହିଲେ ତା'ର ଭୟାବହ ପରିଣାମ ସମସ୍ତଙ୍କୁ ଭୋଗିବାକୁ ହେବ। ବେଳ ହୁଁ ସାବଧାନ।

ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

## ଏଇ ଭାରତରେ

ରୋଷେଇ ଘର ବର୍ଜ୍ୟ ବା କିଚେନ ୱେଷ୍ଟ ସମସ୍ୟାର ସମାଧାନ କରିପାରିଛନ୍ତି ହାଇଦ୍ରାବାଦର ପାବନି ଲୋଲ୍ଲା। ସେ ଏକ ହୋମ୍ କମ୍ପୋଷ୍ଟର ନିର୍ମାଣ କରିଛନ୍ତି। ଏହା ସମ୍ପୂର୍ଣ୍ଣ ଦୁର୍ଗନ୍ଧମୁକ୍ତ । ସାଧାରଣ କମ୍ପୋଷ୍ଟର ୪୫ରୁ ୬୦ ଦିନ ମଧ୍ୟରେ ଖତ ପ୍ରସ୍ତୁତ କରିପାରୁଥିବାବେଳେ ହୋମ୍ କମ୍ପୋଷ୍ଟରରେ ଏହା ମାତ୍ର ୭ ଦିନ ମଧ୍ୟରେ ହୋଇପାରୁଛି। ପରିବା ଚୋପା, ବଳକା ଖାଦ୍ୟ ଆଦି ଜୈବିକ ବର୍ଜ୍ୟରୁ ଏହି ଖତ ହୋଇପାରୁଛି। ହୋମ୍ କମ୍ପୋଷ୍ଟରକୁ ଡଷ୍ଟବିନ୍ ଭଳି ଘରର ଯେକୌଣସି ସ୍ଥାନରେ ରଖାଯାଇପାରିବ। ଏହା ମାସକୁ ୩୦ କେଜି କିଚେନ ୱେଷ୍ଟକୁ ଖତ କରିପାରିବ। 'ଫ୍ୟୁଚର ଷ୍ଟେପ୍ସ' ଷ୍ଟାର୍ଟଅପ ମାଧ୍ୟମରେ ଏହି କମ୍ପୋଷ୍ଟର ନିର୍ମାଣ କରୁଛନ୍ତି ପାବନି; ଯେଉଁଥିରେ ସହପ୍ରତିଷ୍ଠାତା ଭାବେ ରହିଛନ୍ତି ମହେଶ ୟୁ ଓ ସିଦ୍ଧେଶ ସାକୋରେ। ଗୋଟିଏ ହୋମ୍‌କମ୍ପୋଷ୍ଟରକୁ ୩,୫୦୦ ଟଙ୍କାରେ ବିକ୍ରି କରାଯାଉଛି। କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ ଓ ତେଲଙ୍ଗାନାରେ ଅଧିକ କମ୍ପୋଷ୍ଟର ବିକ୍ରି କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୨ ଫେବୃଆରୀ ୧୯୭୬

- ରାଜ୍ୟର ୩୭୫ଟି ନୂତନ ହାଇସ୍କୁଲରେ ପୁସ୍ତକ ବ୍ୟାଙ୍କ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ସାଢ଼େ ୪ ଲକ୍ଷ ଟଙ୍କା ମଞ୍ଜୁର।
- ବିହାର ପ୍ରଦେଶ ସଙ୍ଗଠନ କଂଗ୍ରେସର କାର୍ଯ୍ୟକାରୀ କମିଟି ବୈଠକରେ ଶାସକ କଂଗ୍ରେସ ସହିତ ମିଶିଯିବା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଛି।
- ରାଷ୍ଟ୍ରପତି ଫକିରୁଦ୍ଦିନ ଅଲି ଅହମ୍ମଦ ତାମିଲନାଡୁର ଡିଏମ୍‌କେ ସରକାରକୁ ବରଖାସ୍ତ କରିବା ସହ ସମ୍ବିଧାନର ୩୫୬ ଧାରା ଅନୁସାରେ ରାଜ୍ୟର ଶାସନ ବ୍ୟବସ୍ଥା ହାତକୁ ନେଇଛନ୍ତି।

## ଚିରନ୍ତନୀ

ସନ୍ଧ୍ୟା ରହିଛି ମୋହରି ଆଶାରେ
ରଞ୍ଜିବି ତା'ର ଭାଲ
ପ୍ରଭାତ ଡାକଇ ବିରହ-ଭାଷାରେ
ମୋହରି ପାଇଁ ବିକଳ।
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 5 | | | 2 | |
| | | | 9 | | 8 | | | |
| | | | | 7 | | | | |
| | 4 | | 5 | | | | | 9 |
| 3 | 2 | 5 | 1 | | | 6 | 8 | |
| | 6 | | | | | | | |
| | | 2 | 8 | | 6 | | | |
| 1 | 5 | | 2 | | | | | 6 |
| 6 | 8 | | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 6 | 9 | 3 | 4 | 7 | 5 | 2 |
| 5 | 2 | 4 | 7 | 1 | 8 | 6 | 3 | 9 |
| 7 | 9 | 3 | 2 | 5 | 6 | 4 | 8 | 1 |
| 6 | 1 | 2 | 8 | 4 | 3 | 5 | 9 | 7 |
| 9 | 7 | 8 | 6 | 2 | 5 | 1 | 4 | 3 |
| 4 | 3 | 5 | 1 | 9 | 7 | 8 | 2 | 6 |
| 3 | 4 | 1 | 5 | 7 | 2 | 9 | 6 | 8 |
| 2 | 6 | 9 | 4 | 8 | 1 | 3 | 7 | 5 |
| 8 | 5 | 7 | 3 | 6 | 9 | 2 | 1 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆତଙ୍କବାଦୀଙ୍କ କାର୍ଯ୍ୟକଳାପ

ମହାଶୟ,

ଗତ ୨/୩ ବର୍ଷଧରି ପାକିସ୍ତାନୀ ଆତଙ୍କବାଦୀଙ୍କ ସୀମାରେ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି, ଯାହାକି ଭାରତୀୟ ସୁରକ୍ଷା ବଳ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ବୋଲି ବିବେଚନା କରାଯାଏ । ଯେତେବେଳେ ବାଲାକୋଟ୍ ଆକ୍ରମଣ ହୋଇଥିଲା, ସେତେବେଳେ ଆମ ସରକାର ଆକାଶମାର୍ଗରୁ ଏୟାରଷ୍ଟ୍ରାଇକ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ଅନେକ ଆତଙ୍କବାଦୀଙ୍କର ମୃତ୍ୟୁ ଘଟିଥିଲା । ଏହା ପୂର୍ବରୁ ପୁଲୱାମା ଆକ୍ରମଣ ଘଟଣାରେ ସର୍ଜିକାଲ ଷ୍ଟ୍ରାଇକ୍ ମଧ୍ୟ କରାଯାଇଥିଲା । କିନ୍ତୁ ବିଡ଼ମ୍ବନାର ବିଷୟ ଏହିକି ଯେ, ସେହି ସମୟଠାରୁ ଏଯାବତ୍ ଯଦିବା ପାକିସ୍ତାନୀ ଆତଙ୍କବାଦୀ ଭାରତର ଅନେକ ଯବାନଙ୍କୁ ଶହୀଦ କରିଛନ୍ତି, ତଥାପି ଭାରତ ସରକାର ପୂର୍ବଭଳି କିଛି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି । ଫଳତଃ ନିର୍ଦ୍ୱନ୍ଦ୍ୱରେ ପାକିସ୍ତାନୀ ଆତଙ୍କବାଦୀମାନେ ଆମ ଯବାନମାନଙ୍କୁ ହତ୍ୟା କରି ଚାଲିଛନ୍ତି । ତେବେ ସରକାରଙ୍କର ଏ କି ପ୍ରକାର ଆଚରଣ ? ଭାରତଠାରୁ ପାକିସ୍ତାନ, ବିଶେଷକରି ସାମରିକ କ୍ଷେତ୍ରରେ ବହୁ ଦୁର୍ବଳ। କ'ଣ ପାଇଁ ଭାରତ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି, ତାହା ଜଣାପଡୁନାହିଁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଯଦି ସରକାର ଦୃଢ଼ ପଦକ୍ଷେପ ନେଇ ପାକ୍ ଅଧିକୃତ କଶ୍ମୀର ପାକିସ୍ତାନଠାରୁ ଛଡ଼ାଇ ଆଣିପାରନ୍ତେ, ତେବେ ସେମାନେ ଭୟଭୀତ ହୋଇପଡ଼ନ୍ତେ। ଏପରି ଆତଙ୍କ ଖେଳାଇ ଆମ ଦେଶର ବୀର ଯବନାମାନଙ୍କ ଉପରକୁ ଗୁଳି ଚଳାଇବାକୁ ୧୦୦ ଥର ଚିନ୍ତାକରନ୍ତେ। ତେଣୁ ଆତଙ୍କବାଦୀମାନଙ୍କୁ ମୂଳପୋଛ କରାଯାଇପାରିଲେ ସମଗ୍ର ବିଶ୍ୱ ଭାରତର ପରାକ୍ରମ ଜାଣିପାରନ୍ତା । ଏଥିପାଇଁ ଭାରତ ସରକାର ପାକିସ୍ତାନ ପ୍ରେରିତ ଉଗ୍ରବାଦକୁ ତୁରନ୍ତ ଦମନ କରନ୍ତୁ।

-ବିଷ୍ଣୁଚରଣ ମହାପାତ୍ର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଶିକ୍ଷାର ଉନ୍ନତି ହେଲେ ଦେଶର ପ୍ରଗତି ସମ୍ଭବ

ରଘୁନାଥପୁର,୧।୨(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଧରାଧରପୁରସ୍ଥିତ କୁତାମଚଣ୍ଡୀ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସମ୍ବନ୍ଧୀୟ ଦିଗଦର୍ଶନ ଦିଆଯିବା ସହ ଶିକ୍ଷାର ଉନ୍ନତି ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୂତନ ଶିକ୍ଷାନୀତି ୨୦୨୦ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଛାତ୍ରୀଛାତ୍ରମାନେ ନିଜର ଚରିତ୍ର ଗଠନ ଉପରେ ଧ୍ୟାନ ଦେବାପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ନଳିନୀପ୍ରଭା ମୁଦୁଲି ଓ ବରିଷ୍ଠ ଶିକ୍ଷକ ନିକୁଞ୍ଜ କିଶୋର ଦାଶ ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ। ଆୟୋଜିତ ସଭାରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଭାଗବତ ବେହେରା, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାନ୍ତି, ଶିକ୍ଷା କର୍ମଚାରୀ ଅଲେଖ ଚରଣ ବେହେରା ଓ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ ଚରଣ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ବିଦ୍ୟାଳୟରେ ଅନୁଷ୍ଠିତ କ୍ରୀଡା ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ପକ୍ଷରୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଭକ୍ତବତ୍ସଳ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଅଶୋକ କୁମାର ରାଉତ ଅତିଥି ପରିଚୟ ଓ ଗୌରାଙ୍ଗ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପାବନି ଚରଣ ବିଶ୍ୱାଳ ଓ ରବି ପ୍ରାସାଦ ସ୍ୱାଇଁଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ଗଛକଟା ବିରୋଧରେ ଜଙ୍ଗଲ କମିଟିର ଧାରଣା

କୁଜଙ୍ଗ,୧।୨(ମନୋଜ ପ୍ରଧାନ)

ଜିଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳରୁ ଜଙ୍ଗଲ କମିଟି ଅଗୋଚରରେ ଗଛ କଟାଯାଉଥିବା ଅଭିଯୋଗ କରି ଶନିବାର ଧାରଣା ଦିଆଯାଇଛି। ଶୁକ୍ରବାର କମ୍ପାନୀ ପକ୍ଷରୁ ୯୦ ଘରିଆ କମିଟିର ଜଙ୍ଗଲ କଟାଯାଉଥିବାବେଳେ, ବାଲିସାହି ୧୬୨ ଘରିଆ ଜଙ୍ଗଲ କମିଟିର କିଛି ଗଛ କାଟି ଦିଆଯାଇଥିବା ନେଇ ଖବର ପ୍ରଚାରିତ ହୋଇଥିଲା। ଘଟଣା ପ୍ରଚାର ହେବାପରେ ସନ୍ଧ୍ୟାରେ ୧୬୨ ଘର ଜଙ୍ଗଲ କମିଟି ପକ୍ଷରୁ ଘଣ୍ଟ ବାଡେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ବୈଠକ ବସିଥିଲା। ଶନିବାର ସକାଳେ ୧୦ ଜଣ କମିଟି ସଦସ୍ୟ ଓ ୮ ଜଣ ଜଙ୍ଗଲ ଜଗୁଥିବା ପାଳିଆ ପ୍ରକଳ୍ପ ଅଞ୍ଚଳରେ ପହଞ୍ଚି ଗଛ କଟାଯାଇଥିବା ଦେଖିଥିଲେ। ଏହି ସମୟପରେ ଉକ୍ତ ସ୍ଥାନରେ କେତୋଟି ମେଶିନ



ପହଞ୍ଚି ୧୬୨ ଘରିଆ ଜଙ୍ଗଲ କମିଟିର ଜଙ୍ଗଲରୁ ଗଛକଟା ଆରମ୍ଭ କରିବାରୁ, ଉପସ୍ଥିତ କମିଟି ସଦସ୍ୟ ଓ ଜଙ୍ଗଲ ପାଳିଆ ଏହାକୁ ବିରୋଧ କରିଥିଲେ। ମାତ୍ର ବିରୋଧକୁ ନ ମାନି ମେଶିନ ସାହାଯ୍ୟରେ ଗଛକଟା ବଳବତ୍ତର ରହିଥିଲା। ଏନେଇ ଗାଁରେ ଖବର ଦିଆଯିବାରେ ଜଙ୍ଗଲ କମିଟିର ଶତାଧିକ ପୁରୁଷ, ମହିଳା ଓ ଛୋଟ ପିଲାମାନେ କମ୍ପାନୀ ଫାଟକ ନିକଟରେ ପହଞ୍ଚି ଧାରଣାରେ ବସିଥିଲେ। ଜଙ୍ଗଲ କମିଟି ସଭାପତି ବିଜୟ ନାୟକ,ବିଷ୍ଣୁ ଲେଙ୍କା,ଗୌରହରି ଦାସ, ରଞ୍ଜନ ନାୟକ, ମାନଗୋବିନ୍ଦ ପ୍ରଧାନ,ସୁଶାନ୍ତ ଦାସ,ଯୋଗେନ୍ଦ୍ର ଡାଳୁଆ,ଆରତୀ ଦାସ, ସୁଲୋଚନା ଓଝା ଓ ମଞ୍ଜୁ ମଳିକଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। କ୍ରମଶଃ ଧାରଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ଗଛକଟାକୁ ବନ୍ଦ ରଖାଯାଇ ଘଟଣାସ୍ଥଳରୁ ମେଶିନଗୁଡିକୁ ହଟାଇ ନିଆଯାଇଛି। ଏ ସମ୍ପର୍କରେ କମିଟି ସଦସ୍ୟମାନେ ଅଭିଯୋଗ କରିଛନ୍ତି ଯେ, ଏହି ଜଙ୍ଗଲ ଏବେ ପ୍ରକଳ୍ପ ଅଞ୍ଚଳରେ ଥିଲେ ମଧ୍ୟ ବହୁ ପୂର୍ବରୁ ଆମେ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିଲୁ। ପ୍ରକଳ୍ପକୁ ଏହି ଜଙ୍ଗଲ ହସ୍ତାନ୍ତର କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦାବି ମୁତାବକ କୌଣସି କ୍ଷତିପୂରଣ ଦିଆଯାଇ ନାହିଁ। ଏହାସତ୍ତ୍ୱେ କମ୍ପାନୀ ପକ୍ଷରୁ ଜଙ୍ଗଲ କାଟିବା ପାଇଁ କମିଟି ପକ୍ଷରୁ ସହମତି ଦିଆଯାଇଛି। ମାତ୍ର ଜଙ୍ଗଲ କମିଟିର ସଦସ୍ୟମାନେ ନିଜେ ଗଛ କାଟି ମଜୁରୀ ପାଇବା ପାଇଁ ପୂର୍ବରୁ କଥାବାର୍ତ୍ତା ହୋଇଥିଲା। ମାତ୍ର କମ୍ପାନୀ ପକ୍ଷରୁ ଏପରି କରା ନଯାଇ ମେଶିନ ସହାୟତାରେ ଗଛ କଟାଯାଉଥିବାରୁ ବିରୋଧ କରାଯାଇଛି ବୋଲି କମିଟି ସଦସ୍ୟମାନେ କହିଛନ୍ତି। ସୂଚନାଯୋଗ୍ୟ, ୧୯୯୯ ମହାବାତ୍ୟାରେ ଜଙ୍ଗଲ ଧ୍ୱଂସ ପାଇଯିବା ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହି ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଥିଲା। ପରବର୍ତ୍ତୀ ସମୟରେ ଜଙ୍ଗଲ ମାଫିଆଙ୍କ କବଳରୁ ଜଙ୍ଗଲକୁ ରକ୍ଷା କରିବାପାଇଁ, ସ୍ଥାନୀୟ ଲୋକମାନେ ଜଙ୍ଗଲ କମିଟି ଗଠନ କରି ପାଳି କରି ଜଗି ଆସୁଛନ୍ତି।

## କେଶବାନନ୍ଦ ନୋଡାଲ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ

ରାଜକନିକା,୧।୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ କେଶବାନନ୍ଦ ନୋଡ଼ାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ସ୍କୁଲ ପରିଚାଳନା କମିଟି ସଭାପତି ସୌଭାଗ୍ୟ ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଆର୍‌ସିସି କୈଳାଶ ଚନ୍ଦ୍ର ସାହୁ , ମୁଖ୍ୟବକ୍ତା ଭାବେ ନୋଡାଲ ସିଆରସିସି ସଞ୍ଜୟ କୁମାର ବଳ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ଛାତ୍ର ଆୟୁଷମାନ ନାୟକ ଓ କୁସଲ କୁମାର ସାହୁ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ । ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ମଞ୍ଚ ସଂଯୋଜନା କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ନାୟକ । ଅତିଥି ପରିଚୟ ପ୍ରଦାନ କରିଥିଲେ ସହକାରୀ ଶିକ୍ଷକ ନିର୍ମଳ ଚନ୍ଦ୍ର ଦାଶ । ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ନରେଶ କୁମାର ବଳ । ଶିକ୍ଷୟିତ୍ରୀ କନକଲତା ଦାଶ, ପ୍ରଭାସିନୀ ପଣ୍ଡା,ପାରମିତା ବିଶ୍ୱାଳଙ୍କ ସହ ସ୍କୁଲ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

Govt. of Jharkhand
OFFICE OF THE EXECUTIVE ENGINEER
Field Survey Division, Advance Planning, Road Construction Department
Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

शुद्धि पत्र

एतद द्वारा सूचित किया जाता है कि कार्यालय द्वारा निर्गत e-Tender Reference No RCD/FSD /AP/ RAN/55/24-25 दिनांक 27.01.2025 जिसका पी0आर0न0– 345267 Road (23–24) D को अपरिहार्य कारणों से रद्द किया जाता है।

कार्यपालक अभियंता
क्षेत्र सर्वेक्षण प्रमण्डल, अग्रिम योजना, प0 नि0 वि0, राँची

PR 345611 Road (24-25)_D

# ପଟ୍ଟାମୁଣ୍ଡାଇ କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପଟ୍ଟାମୁଣ୍ଡାଇ,୧।୨
(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ସମାଜବିଜ୍ଞାନ ବିଭାଗ ଓ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ କଲେଜ ସମାଜ ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ କଲେଜଠାରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମାଜବିଜ୍ଞାନ ପ୍ରାକ୍ତନ ପ୍ରଫେସର ଡ଼ ପ୍ରେମାନନ୍ଦ ପଣ୍ଡା ବିଶେଷଜ୍ଞ ଭାବେ ଯୋଗ ଦେଇ ଆଦିବାସୀ ସମୁଦାୟର ନିରନ୍ତର ବିକାଶ ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବିଷୟ ବିଶେଷଜ୍ଞ ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜବିଜ୍ଞାନ ସହକାରୀ ପ୍ରଫେସର ଡ଼ ଦୀନବନ୍ଧୁ ସାହୁ ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇ ନିରନ୍ତର ବିକାଶର ଆଦିବାସୀ ସମୁଦାୟ ଉପରେ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଭୂୟାଁ ସ୍ୱାଗତଭାଷଣ ଓ ପ୍ରାଧ୍ୟାପକ ରଞ୍ଜିତ କେଶରୀ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ ସମାଜବିଜ୍ଞାନ ବିଭାଗ ମୁଖ୍ୟ କ୍ୟାପଟେନ ମନୋଜ ପରିଡ଼ା ଭିତ୍ତି ପ୍ରବନ୍ଧ ପାଠ କରିଥିଲେ । କେନ୍ଦ୍ରାପଡ଼ା କଲେଜ ସମାଜ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ମଧୁସ୍ମିତା ସିଂ, ରାଜକନିକା ଏସ୍‌ଏନ କଲେଜ ସମାଜବିଜ୍ଞାନ ଅଧ୍ୟାପକ ଏସଏନ ତିର୍କୀଭାଷଣ ଦେଇଥିଲେ । ଏଇ ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ । ପ୍ରାଧ୍ୟାପକ ଡ଼ ସୁନୀଲ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଏଥିରେ ଡ଼ ପ୍ରଫୁଲ୍ଲ ଜେନା, ଡ଼ ହିମାଂଶୁ ପରିଡା,ଭବାନୀ ପ୍ରସାଦ ପଣ୍ଡା, ଡ଼ ସୁବାସ ସାହୁ ଗୌରାଙ୍ଗ ପଣ୍ଡା, ତନ୍ମୟ ସାହୁ, ଡ଼ ସୁଜାତା ଭଞ୍ଜ,ଅଧ୍ୟାପିକା ଦୀପିକା ନାୟକ, ସ୍ୱାଧୀନ ପ୍ରିୟଦର୍ଶନୀ ଓ ବିଜୟଲକ୍ଷ୍ମୀ ପଣ୍ଡିତ ପ୍ରମୁଖ ବିଭିନ୍ନ କଲେଜ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ଡ. ଦୁଃଶାସନ ପରିଡା, ଡ.ଫକୀର ପ୍ରଧାନ, ଡ.ରମେଶ ସାହୁ, ସର୍ବେଶ୍ୱର ସାହୁ, ଡ. ଅଳି ଦାଶ ଓ ପ୍ରମୋଦ ସ୍ୱାଇଁ ପରିଚାଳନା କରିଥିଲେ।

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025006, ତା.27.01.2025ରିଖ

**କାର୍ଯ୍ୟର ନାମ :** ବାଘୁଆପାଳ ଠାରେ ROH ସେଡ୍‌ର ନିର୍ମାଣ ଏବଂ ବାଘୁଆପାଳ ଠାରେ CC ପରୀକ୍ଷଣ ସୁବିଧାଗୁଡ଼ିକର ନିର୍ମାଣ ସମ୍ବନ୍ଧୀୟ ଫର୍ମେସନ୍‌ରେ ମାଟି କାମ, ଛୋଟ ପୋଲ, P.WAY ଲିଙ୍କିଙ୍ଗ୍ କାର୍ଯ୍ୟ, ଟ୍ରାକ୍ ବାଲାଷ୍ଟ ଯୋଗାଣ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1304.75 ଲକ୍ଷ, EMD : ₹ 8,02,400/-, କାର୍ଯ୍ୟ ଶେଷ ହେବା ଅବଧି: 09 (ନଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.02.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭାଗ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-139/CH/24-25

OFFICE OF THE SUPERINTENDING ENGINEER
QUALITY ASSURANCE DIVISION, HIRAKUD
Email: ero_hrs@rocketmail.com
Tender Call Notice No. QADHKD-07/2024-25
No.260 Date: 29.01.2025

TENDER FOR SUPPLY OF EQUIPMENTS

No.A-1000:- Sealed tenders are invited with 1% EMD for supply as per following list from reputed equipment manufacturers / authorized supplier / authorized Indian agents of foreign suppliers.

| Sl. No. | Brief Description of items | Quantity |
|---|---|---|
| 1 | Flow Table (Concrete) | 2 Nos. |
| 2 | GSB (26.5 mm, 19mm, 13.2mm) Sieve | 3 Nos. |
| 3 | WMM (53mm, 45mm, 22.4mm, 11.2mm) Sieve | 4 Nos. |
| 4 | Vernier Caliper 200mm- Digital-Insize make | 2 Nos. |
| 5 | Outside Micrometer-Digital | 2 Nos. |
| 6 | Demountable Mechanical Strain Gauge | 1 No. |

The tenders will be received by the Superintending Engineer, Quality Assurance Division, Hirakud, who is tender inviting authority from the manufactures/ authorized supplier / authorized Indian agents of foreign suppliers **upto 1 P.M. on dated 13.02.2025**.

The details tender call notice along with tender documents is available in DOWR, Odisha website, www.dowr.odisha.gov.in from 04.02.2025 to 13.02.2025 upto 1 P.M. Bidders who download the bidding documents from the website will have to pay Rs.600/- (Rupees Six hundred) only towards the cost of tender paper in shape of Demand Draft issued from any scheduled / Nationalized Bank **in favour of Superintending Engineer, Quality Assurance Division, Hirakud** payable **at SBI, Burla Branch, Burla** and submit the draft in separate envelope marked as **"Cost of Bidding Documents"**, failing which the tender shall be treated as non-responsive and shall be rejected. The authority will not be responsible, if any portion of the tender document is modified and in all cases this conditions stipulated in the original document kept in the office of the undersigned shall prevail. Bids must be delivered in the tender box having identification no. as QADHKD-07/2024-25.

The sealed tenders as mentioned in tender document will be accepted upto **1 P.M. on date 13.02.2025** and will be opened at **3 P.M. on date 13.02.2025** at the Office of the **Superintending Engineer, Quality Assurance Division, Hirakud** in presence of the tenderers or their authorized representatives. If the office happened to be closed on the date of receipt of bids as specified, the bids will be received and opened on the next working day at the same time and venue. Other details can be seen in the bidding documents. The authority reserves the right to reject any or all tenders without assigning any reason.

Sd./- Superintending Engineer
Quality Assurance Division, Hirakud
OIPR-32451/11/0003/2425




## ଚୋରି ଟଙ୍କା ଉଦ୍ଧାର, ଜଣେ ଗିରଫ

କୁଜଙ୍ଗ,୧।୨
(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ବଳରାମପୁର ଗ୍ରାମର ସୁପ୍ରଭା ମହାନ୍ତିଙ୍କ ଘରୁ ନଗଦ ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଗୁରୁବାର ରାତିରେ ଚୋରି ହୋଇଥିଲା। ସୁପ୍ରଭା କୁଜଙ୍ଗ ଥାନାରେ ଶୁକ୍ରବାର ଅଭିଯୋଗ କରିଥିଲେ। ପୋଲିସ ଏହାକୁ ଭିତ୍ତି କରି ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଏହି ଅଭିଯୋଗରେ ପୋଲିସ ଉକ୍ତ ଗ୍ରାମର ହାପି ବେହେରାକୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୨୦ ହଜାର ଟଙ୍କା ମିଳିଛି।

## ଯୋଗ କରି ସଫଳତା ପାଇଲେ ଛାତ୍ରୀଛାତ୍ର

ପାରାଦୀପ, ୧।୨
(ଶରତ ରାଉତ)

ପାରାଦୀପ ପୋର୍ଟ ଟ୍ରଷ୍ଟ ୟୁପି ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ଯୋଗ ଦ୍ୱାରା ଏକାଧିକ ସଫଳତା ମିଳିଛି। ପ୍ରଧାନ ଶିକ୍ଷକ ଶଙ୍କର ଚରଣ ଖୁଣ୍ଟିଆଙ୍କ ନେତୃତ୍ୱରେ ଏବଂ ଯୋଗ ପ୍ରଶିକ୍ଷିକା ଝରଣା ପତିଙ୍କ ନେତୃତ୍ୱରେ ଜୁନିୟର ବର୍ଗର ପିଲାମାନେ ଯୋଗ ପ୍ରଦର୍ଶନ କରିଥିଲେ। ବିବେକାନନ୍ଦ ମେମୋରିଆଲ ଟ୍ରଷ୍ଟ ଦ୍ୱାରା ଆୟୋଜିତ ସମାରୋହରେ ଅଙ୍କିତା ସ୍ୱାଇଁ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କଠାରୁ ପୁରସ୍କୃତ ହୋଇଥିଲେ।

झारखण्ड सरकार
कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमण्डल, चतरा

ई–अतिअल्पकालीन् पुनर्निविदा आमंत्रण सूचना

ई–पुनर्निविदा संख्या– 09/RII/2024-25/RWD/CHATRA दिनांक– 31.01.2025

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र॰ सं॰ | आईडेन्टिफिकेशन संख्या / पैकेज संख्या | कार्य का नाम | प्राक्कलित राशि | | कार्य समाप्ति की अवधि | टेण्डर कॉल सं॰ |
|---|---|---|---|---|---|---|
| | | | अंक में (लाख) | अक्षर में | | |
| 1 | RWD/ CHATRA /40/ 2024-25 | मयुरहण्ड प्रखण्ड के फुलांग पंचायत के ग्राम फुलांग पी॰एम॰जी॰एस॰वाई॰ रोड से तिलेटांड़ तक पथ निर्माण कार्य (लं॰–3.000 कि॰मी॰)। | 303.387 | तीन करोड़ तीन लाख अड़तीस हजार सात सौ मात्र | 15 माह | तृतीय |

2. वेबसाईट में निविदा प्रकाशन की तिथि :– 10.02.2025
3. ई–निविदा प्राप्ति की अंतिम तिथि एवं समय :– 17.02.2025 अपराह्न 5.00 बजे तक।
4. ई–निविदा खोलने की तिथि एवं समय :– 19.02.2025 अपराह्न 3.30 बजे।
5. ई–निविदा आमंत्रित करनेवाले पदाधिकारी का नाम एवं पता :– कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा, द्वितीय तल, विकास भवन, चतरा।
6. ई–निविदा प्रकोष्ठ का दूरभाष संख्या :– 06541-296208
विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग,कार्य प्रमण्डल, चतरा
PR 345613 Rural Work Department(24-25).D

केनरा बैंक Canara Bank
सिंडिकेट Syndicate
କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ସହ-ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ । ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ବନ୍ଧକଦାତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି । ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଚୌଦ୍ୱାର ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ସହ-ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଚୌଦ୍ୱାର ଶାଖା** ଋଣଗ୍ରହୀତା/ବନ୍ଧକଦାତା: **ଶ୍ରୀମତୀ ଜ୍ୟୋସ୍ନାରାଣୀ ଦାସ,** ସ୍ୱା: ଶ୍ରୀ ସୁରେନ ଚନ୍ଦ୍ର ଦାସ, **ସହ-ଋଣଗ୍ରହୀତା: (୧)ଶ୍ରୀ ସମରଜିତ୍ ଦାସ,** ପିତା: ୰ସୁରେନ ଚନ୍ଦ୍ର ଦାସ, **(୨)ଶ୍ରୀମତୀ ମାର୍ମିନା ମଲ୍ଲିକ,** ସ୍ୱା: ଶ୍ରୀ ସମରଜିତ୍ ଦାସ, ସମସ୍ତଙ୍କ ଠିକଣା: ସା/ପୋ.-କପଲେଶ୍ୱର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ-୭୫୪୦୭୧। | **(କ)ଶ୍ରୀମତୀ ଜ୍ୟୋସ୍ନାରାଣୀ ଦାସ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୮୫୯/୨୭୧୧, ପ୍ଲଟ ନଂ.୨୮୨/୫୪୪୨, ଏରିଆ: ଏ୦.୦୨୦ ଡିସିମିଲି, କିସମ:ଘରବାରୀ, ଏବଂ ଖାତା ନଂ.୮୫୯/୨୭୧୪, ପ୍ଲଟ ନଂ.୨୮୩/୫୪୪୫, ଏରିଆ: ୦.୦୪୦ ଡିସିମିଲି, କିସମ: ଘରବାରୀ, ମୌଜା: କପଲେଶ୍ୱର, ଥାନା: ଚୌଦ୍ୱାର, ତହସିଲି: ଟାଙ୍ଗି-ଚୌଦ୍ୱାର, ଜିଲ୍ଲା: କଟକ, ଏସ୍ଆରଓ: ଜଗତପୁର, ଚାରିପାର୍ଶ୍ୱରେ: ଉତ୍ତର- ଭେଣ୍ଡର, ଦକ୍ଷିଣ- ଶ୍ୟାମ ସାହୁ, ପୂର୍ବ- ଶ୍ୟାମ ସାହୁ, ପଶ୍ଚିମ- ୧୪ ଫୁଟ ଚଉଡା ରାସ୍ତା । / **(ଖ)୨୫.୧୧.୨୦୨୪/(ଗ)୩୦.୦୧.୨୦୨୫/(ଘ)୨୫.୧୧.୨୦୨୪** ସୁଦ୍ଧା **ଟ.୨୦,୩୩,୪୨୩.୧୫**(କୋଡିଏ ଲକ୍ଷ ତେତିଶି ହଜାର ଚାରି ଶହ ତେଇଶି ଟଙ୍କା ପନ୍ଦର ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |

ତାରିଖ: ୦୧.୦୨.୨୦୨୫, ସ୍ଥାନ: କଟକ
କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ବଜେଟ ଦରଦୀ ପରି ମନେହେଉନି

ନୟାଗଡ,୧।୨(ଲୋକନାଥ ମିଶ୍ର)


ପ୍ରଶାନ୍ତ କୁମାର ବେହେରା


ପ୍ରିୟମ୍ବଦା ଦାଶ


ମୁରଲୀଧର ଜେନା


ସୌମ୍ୟରଞ୍ଜନ ପ୍ରଧାନ

ଅର୍ଥମନ୍ତ୍ରୀ ନିର୍ମଳା ସୀତା ରମଣଙ୍କ ଦ୍ୱାରା ପ୍ରସ୍ତୁତ କେନ୍ଦ୍ର ବଜେଟ ସାଧାରଣ ଲୋକଙ୍କ ପାଇଁ ଏତେଟା ଦରଦୀ ମନେ ହେଉନି। ଟିଭି, ମୋବାଇଲ ଭଳି କିଛି ଉପଭୋକ୍ତା ସାମଗ୍ରୀର ଦର ହ୍ରାସ କରି ଅର୍ଥମନ୍ତ୍ରୀ ବଜେଟକୁ ଲୋକାଭିମୁଖୀ କରିବାକୁ ପ୍ରମାଣିତ କରିଛନ୍ତି ହେଲେ ମୋବାଇଲ ରିଚାର୍ଜର ଉଚ୍ଚ ଦର, ଟିଭି କେବୁଲ ସଂଯୋଗର ଉଚ୍ଚ ରିଚାର୍ଜ ଦର ବାଧିବ। ସେହିଭଳି ବାଇକ୍‌ର ଦାମ କମାଇ ପେଟ୍ରୋଲ ଦର ବୃଦ୍ଧି ନ୍ୟାୟ ପରି ପ୍ରତୀୟମାନ ହେଉନି। ଅଷ୍ଟମ ବେତନ କମିଶନକୁ ଆଖି ଆଗରେ ରଖି ଆୟକର ଛାଡ ସୀମା ୧୨ଲକ୍ଷକୁ ବୃଦ୍ଧି ଚାଲାକ୍ ପଦକ୍ଷେପ ପରି ଲାଗୁଛି ବୋଲି ଅଧ୍ୟାପକ ମୁରଲୀ ଧର ଜେନା କହିଛନ୍ତି।

ପନିପରିବା, ଡାଲି ଚାଉଳ ପରି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ନିରାକରଣ ପାଇଁ ବଜେଟରେ ବ୍ୟବସ୍ଥା ନାହିଁ। ଆୟକର ଅଧିକ ଛାଡ ସ୍ୱାଗତଯୋଗ୍ୟ ପଦକ୍ଷେପ। ଓଡିଶାର ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇ ନାହିଁ। ମହିଳାମାନଙ୍କ ପାଇଁ ଆଖି ଦୃଶିଆ ପଦକ୍ଷେପ ବଜେଟରେ ନାହିଁ। ବଜେଟରେ ଅଧିଖ ନୂତନତ୍ୱ ନାହିଁ କିନ୍ତୁ ମଧ୍ୟବିତ୍ତ ଶ୍ରେଣୀ ପାଇଁ କିଛି ସୁବିଧା ଅଛି। ଏହା ଏକ ମିଶ୍ରିତ ବଜେଟ୍ ବୋଲି ଅବସର ପ୍ରାପ୍ତ ଅଧ୍ୟାପିକା ପ୍ରୀୟମ୍ବଦା ଦାଶ କହିଛନ୍ତି।

ବେକାରଙ୍କ ପାଇଁ ବଜେଟରେ ବ୍ୟବସ୍ଥା ନାହିଁ। ମୋବାଇଲ ରିଚାର୍ଜ ଭାଉଚର ଦରବୃଦ୍ଧିକୁ ରୋକା ଯାଇଥିଲେ ଭଲ ହୋଇଥାନ୍ତା। କୃଷି କ୍ଷେତ୍ରରେ ଉତ୍ପାଦନର ବୃଦ୍ଧି ପାଇଁ ପ୍ରୋତ୍ସାହନ ରାଶି ବ୍ୟବସ୍ଥା କରାଇଥିଲେ ଚାଷୀ ଉପକାର ପାଇଥାନ୍ତେ। ତୃଣମୂଳ ସ୍ତରକୁ ବଜେଟ ପ୍ରଭାବିତ କଲାପରି ଲାଗୁ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ପରି ବିକାଶ କ୍ଷେତ୍ରରେ ଭିତ୍ତିଭୂମିର ଗଠନ ଦିଗରେ ଗୁରୁତ୍ୱ ଦେବାର ଆବଶ୍ୟକତା ଥିଲା। ଇନକମ ଟ୍ୟାକ୍ସ କ୍ଷେତ୍ରରେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ଏକ ପ୍ରକାରର ଖୁସିର ଝଲକ ରହିଛି। ତେବେ ବିକାଶ ଦିଗରେ ସଂପୃକ୍ତ ବଜେଟ ସମ୍ଭାବନା ଓ ଆସ୍ଥା ସୃଷ୍ଟି କରିବାର ପ୍ରୟାସ ଲାଗି ବ୍ୟବସ୍ଥା ଅଛି ବୋଲି ରଣପୁରର ଶିକ୍ଷାବିତ ପ୍ରଶାନ୍ତ କୁମାର ବେହେରା କହିଛନ୍ତି।

ଡବଲ ଇଞ୍ଜିନ ସରକାରରେ ବଜେଟ୍‌ରେ ବଡ ଫାଇଦା ଦେଖିବାକୁ ମିଳିଛି। ୧୨ ଲକ୍ଷ ପର୍ଯ୍ୟନ୍ତ ଆୟକରଦାତା ଆୟକର ଦେବେନି। ପୁଣି ୧୨ଲକ୍ଷ ୭୫ ଦରମା ପାଉଥିବା କର୍ମଚାରୀ ଟ୍ୟାକ୍ସ ଦେବନି। ମଧ୍ୟମ ବର୍ଗର ଲୋକଙ୍କ ପାଇଁ ବଜେଟ ଖୁସି ଆଣି ଦେଇଛି। ଖୁସିର କଥା ନିବେଶକମାନଙ୍କର ସଂଖ୍ୟା ବଢ଼ିବ। ୨୦ କୋଟି ପର୍ଯ୍ୟନ୍ତ ଋଣ ଦିଆଯିବ। ପର୍ଯ୍ୟଟନ ସ୍ଥଳ ଉପରେ ଅଧିକ ପୁଞ୍ଜି ନିବେଶ ଯୋଗୁ ବିକାଶ ହେବ ବୋଲି ଲକ୍ଷ୍ମୀପ୍ରସାଦର ପୂର୍ବତନ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନ କହିଛନ୍ତି।


ପଦ୍ମବେଶରେ ଦର୍ଶନ ଦେଲେ ଶ୍ରୀଜୀଉ: ନୟାଗଡ଼ ପୁରୁଣା ସହରରେ ପୂଜା ପାଉଥିବା ଶ୍ରୀଜୀଉ ଶନିବାର ସନ୍ଧ୍ୟାରେ ପଦ୍ମବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ପଦ୍ମବେଶ ଦେଖିବା ପାଇଁ ଭକ୍ତଙ୍କ ଗହଳି ଲାଗି ରହିଥିଲା । ନୟାଗଡ଼ ଦେବୋତ୍ତର ବିଭାଗ ପକ୍ଷରୁ ପଦ୍ମବେଶ ପାଇଁ ସହଯୋଗ କରାଯାଇଥିଲା ।

## ବାତଜ୍ୱର ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଦଶପଲ୍ଲା,୧।୨
(ପ୍ରକାଶ କୁମାର ପାଣି)

ଶନିବାର ନୟାଗଡ଼ ଜିଲା ପକ୍ଷରୁ ବାତଜ୍ୱର ଏବଂ କୁଷ୍ଠ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦଶପଲ୍ଲା ଅଞ୍ଚଳରେ ଥିବା ପ୍ରାୟ ୨୦ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଡିଏମ୍‌ଓ ଡ଼ା. ବନମାଳି ପ୍ରଧାନ, ଦଶପଲ୍ଲା ଡାକ୍ତରଖାନା ଇନ୍‌ଚାର୍ଜ ଡା.ସନ୍ଦୀପ ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର କବି, ମଧୁସ୍ମିତା ସାହୁ,ଆନନ୍ଦ କୁମାର ପଟେଲ ପ୍ରମୁଖ ଉପସ୍ଥିତ ରହି ଏବିଷୟରେ ଅବଗତ କରାଇବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିଭଳି କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ ଛାତ୍ରୀମାନଙ୍କୁ ନେଇ କଲେଜ ପରିସରରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଅଧକ୍ଷା ଡ.ପୂର୍ଣ୍ଣମାସୀ ଦେବୀ,ଯୁକ୍ତ ୩ କଲେଜ ଅଧକ୍ଷା ଦୁର୍ଗାବତୀ ଆଚାର୍ଯ୍ୟ ଏବଂ ଛାତ୍ରୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ମଧଖଣ୍ଡ ସିଏଚ୍‌ସି ସୁପରଭାଇଜର ମନୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବାଇକ୍ ଧକ୍କାରେ ରଙ୍ଗମିସ୍ତ୍ରି ମୃତ

ନୟାଗଡ଼,୧।୨(ଲୋକନାଥ ମିଶ୍ର)

ବାଇକ୍ ଧକ୍କାରେ ଜଣେ ରଙ୍ଗମିସ୍ତ୍ରୀଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ କୈବଲ୍ୟ ପ୍ରଧାନ(୬୦)। ଘର ରଣପୁର ଥାନାର ବେଗୁନିଆପାଟଣା ଗାଁରେ। କୈବଲ୍ୟ ନୟାଗଡ଼ ସହରର ଖଣ୍ଡପଡ଼ା ରୋଡ଼ସ୍ଥିତ ଲକ୍ଷ୍ମଣ ନଗରରେ ଭଡ଼ାରେ ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଡ଼ାଘରକୁ ଚାଲି ଚାଲି ନୟାଗଡ଼-ଖଣ୍ଡପଡା ରାସ୍ତାରେ ଯାଉଥିଲେ। ଏହି ସମୟରେ ନୂଆଗାଁ ଥାନା ସୋରଡ଼ା ଗାଁର କାହ୍ନା ମୁଳି(୨୫) ଖଣ୍ଡପଡ଼ା ରୋଡ଼ରେ ବାଇକ୍‌ରେ ଫେରୁଥିଲେ। ଖଣ୍ଡପଡ଼ା ରୋଡ଼ରେ ବାଇକ୍ ଧକ୍କାରେ କୈବଲ୍ୟ ଗୁରୁତର ହୋଇଥିଲେ। ତାଙ୍କୁ ଶୁକ୍ରବାର ସନ୍ଧ୍ୟାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ଏକ ନେଇ ଏକ ମାମଲା(ନଂ. ୪୧/୨୫) ରୁଜୁ ହୋଇଛି। ବାଇକ ଚାଳକଙ୍କୁ ଶନିବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ବିଶ୍ୱଶାନ୍ତି ମହାଯଜ୍ଞ

ନୟାଗଡ଼,୧।୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ୍ ବରପଲ୍ଲୀର ପୁରୁଷୋତ୍ତମପୁର ଶାସନରେ ଗତ ୨୯ ତାରିଖରେ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ଶୈବ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଶ୍ରୀ କପିଳେଶ୍ୱର ମହାଦେବଙ୍କ ପୀଠରେ ଗତ ବୁଧବାର ଅଙ୍କୁରାରୋପଣ, ଗୁରୁବାର କଳସ ଯାତ୍ରା, ଶୁକ୍ରବାର ଆହୁତି ପ୍ରଦାନ ଓ ଶନିବାର ପୂର୍ଣ୍ଣାହୁତି ହୋଇଥିଲା ।

## ବାଇକ ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଖଣ୍ଡପଡ଼ା,୧।୨(ଅଜୟ କୁମାର ମହାରଣା): ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଯୋଗିଆପଲ୍ଲୀ ଘାଟି ନିକଟରେ ବାଇକ୍ ଦୁର୍ଘଟଣାରେ ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ପଞ୍ଚାୟତ ଉଦୟପୁର ଗ୍ରାମର ଦେବରାଜ ଗୁରୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି । ତାଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦେବରାଜ ସ୍ତ୍ରୀଙ୍କୁ ଧରି ଏକ ବାଇକ୍‌ରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ବେଳେ ଯୋଗିଆପଲ୍ଲୀ ଘାଟିନିକଟରେ ବିପରୀତ ଦିଗରୁ ଆସୁଥିବା ଆଉ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ଉଭୟେ ସ୍ୱାମୀ ସ୍ତ୍ରୀ ରାସ୍ତା କଡକୁ ଛିଟିକି ପଡି ଗୁରୁତର ହୋଇଥିଲେ।

## ଆଦିବାସୀ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ: କେରଳ ଗଲେ ୪୦

ଫୁଲବାଣୀ, ୧।୨
(ରାକେଶ କୁମାର ରାଉତ)

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଓ ବାଲିଗୁଡ଼ାସ୍ଥିତ ୧୨୭ ସିଆର୍‌ପିଏଫ୍ ମିଳିତ ଆନୁକୂଲ୍ୟରେ ୩ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହେଉଥିବା ୧୬ତମ ଆଦିବାସୀ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଜିଲା ତୁମୁଡ଼ିବନ୍ଧରୁ ୪୦ ଜଣ ଯୁବତୀଯୁବକ କେରଳର ଥି ରୁ ବ ନ୍ତ ପୁ ର । ମ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ ପିଏଆଇ ଟିଡିଏ ଫୁଲବାଣୀଠାରେ ଏକ ଆଲୋଚନା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଆଇନଜୀବୀ ସତ୍ୟ ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ଅଧିକାରୀ ନଭନୀତ କୁମାର ଯୋଗ ଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ।





**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025006, ତା.27.01.2025ରିଖ

**କାର୍ଯ୍ୟର ନାମ :** ବାଘୁଆପାଳ ଠାରେ ROH ସେଡ୍‌ର ନିର୍ମାଣ ଏବଂ ବାଘୁଆପାଳ ଠାରେ CC ପରୀକ୍ଷଣ ସୁବିଧାଗୁଡ଼ିକର ନିର୍ମାଣ ସମ୍ବନ୍ଧୀୟ ଫର୍ମେସନ୍‌ରେ ମାଟି କାମ, ଛୋଟ ପୋଲ, P.WAY ଲିଙ୍କିଙ୍ଗ୍ କାର୍ଯ୍ୟ, ଟ୍ରାକ୍ ବାଲାଷ୍ଟ ଯୋଗାଣ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1304.75 ଲକ୍ଷ, EMD : ₹ 8,02,400/-, କାର୍ଯ୍ୟ ଶେଷ ହେବା ଅବଧି: 09 (ନଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.02.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-139/CH/24-25

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning, Road Construction Department**
Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

**शुद्धि पत्र**

एतद द्वारा सूचित किया जाता है कि कार्यालय द्वारा निर्गत e-Tender Reference No RCD/FSD /AP/ RAN/55/24-25 दिनांक 27.01.2025 जिसका पी0आर0न0– 345267 Road (23–24) D को अपरिहार्य कारणों से रद्द किया जाता है।

कार्यपालक अभियंता
क्षेत्र सर्वेक्षण प्रमण्डल, अग्रिम योजना,
PR 345611 Road (24-25)_D पथ निर्माण विभाग, राँची

**OFFICE OF THE SUPERINTENDING ENGINEER**
**QUALITY ASSURANCE DIVISION, HIRAKUD**
**Email: ero_hrs@rocketmail.com**
**Tender Call Notice No. QADHKD-07/2024-25**
No.260 Date: 29.01.2025

**TENDER FOR SUPPLY OF EQUIPMENTS**

No.A-1000:- Sealed tenders are invited with 1% EMD for supply as per following list from reputed equipment manufacturers / authorized supplier / authorized Indian agents of foreign suppliers.

| Sl. No. | Brief Description of items | Quantity |
|---|---|---|
| 1 | Flow Table (Concrete) | 2 Nos. |
| 2 | GSB (26.5 mm, 19mm, 13.2mm) Sieve | 3 Nos. |
| 3 | WMM (53mm, 45mm, 22.4mm, 11.2mm) Sieve | 4 Nos. |
| 4 | Vernier Caliper 200mm- Digital-Insize make | 2 Nos. |
| 5 | Outside Micrometer-Digital | 2 Nos. |
| 6 | Demountable Mechanical Strain Gauge | 1 No. |

The tenders will be received by the Superintending Engineer, Quality Assurance Division, Hirakud, who is tender inviting authority from the manufactures/ authorized supplier / authorized Indian agents of foreign suppliers **upto 1 P.M. on dated 13.02.2025**.

The details tender call notice along with tender documents is available in DOWR, Odisha website, www.dowr.odisha.gov.in from 04.02.2025 to 13.02.2025 upto 1 P.M. Bidders who download the bidding documents from the website will have to pay Rs.600/- (Rupees Six hundred) only towards the cost of tender paper in shape of Demand Draft issued from any scheduled / Nationalized Bank **in favour of Superintending Engineer, Quality Assurance Division, Hirakud** payable **at SBI, Burla Branch, Burla** and submit the draft in separate envelope marked as **"Cost of Bidding Documents"**, failing which the tender shall be treated as non-responsive and shall be rejected. The authority will not be responsible, if any portion of the tender document is modified and in all cases this conditions stipulated in the original document kept in the office of the undersigned shall prevail. Bids must be delivered in the tender box having identification no. as QADHKD-07/2024-25.

The sealed tenders as mentioned in tender document will be accepted upto **1 P.M. on date 13.02.2025** and will be opened at **3 P.M. on date 13.02.2025** at the Office of the **Superintending Engineer, Quality Assurance Division, Hirakud** in presence of the tenderers or their authorized representatives. If the office happened to be closed on the date of receipt of bids as specified, the bids will be received and opened on the next working day at the same time and venue. Other details can be seen in the bidding documents. The authority reserves the right to reject any or all tenders without assigning any reason.

**Sd./- Superintending Engineer**
OIPR-32451/11/0003/2425 **Quality Assurance Division, Hirakud**

**झारखण्ड सरकार**
**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल, चतरा**

**ई–अतिअल्पकालीन् पुनर्निविदा आमंत्रण सूचना**

ई–पुनर्निविदा संख्या– 09/RII/2024-25/RWD/CHATRA दिनांक– 31.01.2025

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र॰ सं॰ | आईडेन्टिफिकेशन संख्या / पैकेज संख्या | कार्य का नाम | प्राक्कलित राशि | | कार्य समाप्ति की अवधि | टेण्डर कॉल सं॰ |
|---|---|---|---|---|---|---|
| | | | अंक में (लाख) | अक्षर में | | |
| 1 | RWD/ CHATRA/40/ 2024-25 | मयुरहण्ड प्रखण्ड के फुलांग पंचायत के ग्राम फुलांग पी.एम.जी.एस.वाई. रोड से तिलेटांड़ तक पथ निर्माण कार्य (लं॰–3.000 कि॰मी॰)। | 303.387 | तीन करोड़ तीन लाख अड़तीस हजार सात सौ मात्र | 15 माह | तृतीय |

2. वेबसाईट में निविदा प्रकाशन की तिथि :– 10.02.2025
3. ई–निविदा प्राप्ति की अंतिम तिथि एवं समय :– 17.02.2025 अपराह्न 5.00 बजे तक।
4. ई–निविदा खोलने की तिथि एवं समय :– 19.02.2025 अपराह्न 3.30 बजे।
5. ई–निविदा आमंत्रित करनेवाले पदाधिकारी का नाम एवं पता :– कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा, द्वितीय तल, विकास भवन, चतरा।
6. ई–निविदा प्रकोष्ठ का दूरभाष संख्या :– 06541-296208

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियंता,
PR 345613 Rural Work Department(24-25).D ग्रामीण कार्य विभाग,कार्य प्रमण्डल, चतरा

केनरा बैंक Canara Bank | सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ସହ-ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ । ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ବନ୍ଧକଦାତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି। ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଚୌଦ୍ୱାର ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ସହ-ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଚୌଦ୍ୱାର ଶାଖା** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ,** ସ୍ୱା: ଶ୍ରୀ ସୁରେନ ଚନ୍ଦ୍ର ଦାସ, **ସହ-ଋଣଗ୍ରହୀତା: (୧)ଶ୍ରୀ ସମରଜିତ୍ ଦାସ,** ପିତା: ୰ସୁରେନ ଚନ୍ଦ୍ର ଦାସ, **(୨)ଶ୍ରୀମତୀ ମାମିନା ମଲ୍ଲିକ,** ସ୍ୱା: ଶ୍ରୀ ସମରଜିତ୍ ଦାସ, ସମସ୍ତଙ୍କ ଠିକଣା: ସା/ପୋ.-କପଳେଶ୍ୱର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ-୭୫୪୦୭୧। | **(କ)ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୮୫୯/୨୭୧୧, ପ୍ଲଟ ନଂ.୨୮୨/୫୪୪୨, ଏରିଆ: ଏ୦.୦୨୦ ଡିସିମିଲି, କିସମ:ଘରବାରୀ, ଏବଂ ଖାତା ନଂ.୮୫୯/୨୭୧୪, ପ୍ଲଟ ନଂ.୨୮୩/୫୪୪୫, ଏରିଆ: ୦.୦୪୦ ଡିସିମିଲି, କିସମ: ଘରବାରୀ, ମୌଜା: କପଳେଶ୍ୱର, ଥାନା: ଚୌଦ୍ୱାର, ତହସିଲି: ଟାଙ୍ଗି-ଚୌଦ୍ୱାର, ଜିଲ୍ଲା: କଟକ, ଏସ୍‌ଆରଓ: ଜଗତପୁର, ଚାରିପାର୍ଶ୍ୱରେ: ଉତ୍ତର- ଭେଣ୍ଡର, ଦକ୍ଷିଣ- ଶ୍ୟାମ ସାହୁ, ପୂର୍ବ- ଶ୍ୟାମ ସାହୁ, ପଶ୍ଚିମ- ୧୪ ଫୁଟ ଚଉଡା ରାସ୍ତା । / **(ଖ)୨୫.୧୧.୨୦୨୪/(ଗ)୩୦.୦୧.୨୦୨୫/(ଘ)୨୫.୧୧.୨୦୨୪** ସୁଦ୍ଧା **ଟ.୨୦,୩୩,୪୨୩.୧୫**(କୋଡିଏ ଲକ୍ଷ ତେତିସି ହଜାର ଚାରି ଶହ ତେଇସି ଟଙ୍କା ପନ୍ଦର ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |

ତାରିଖ: ୦୧.୦୨.୨୦୨୫, ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ସଂକ୍ଷେପରେ

### ଓଡ଼ିଶା ସହ ଟାଟା ଷ୍ଟିଲ୍‌ର ସମ୍ପର୍କ ୧୦୦ ବର୍ଷ ପୁରୁଣା: ଟାଟା ଷ୍ଟିଲ୍

ଯାଜପୁର,୧।୨(ହର୍ଷବର୍ଦ୍ଧନ ବେହେରା) : ଓଡ଼ିଶାବାସୀଙ୍କ ସହ ଟାଟା ଷ୍ଟିଲର ସମ୍ପର୍କ ୧୦୦ ବର୍ଷରୁ ଅଧିକ ପୁରୁଣା। ଏହାର ସଫଳତା ଏବଂ ଭବିଷ୍ୟତର ଅଭିବୃଦ୍ଧି ଆକାଂକ୍ଷା ସ୍ଥାନୀୟ ଲୋକମାନଙ୍କ ସମର୍ଥନ ପାଇଁ ମିଳି ପାରିଛି । ଗତ ୧୦ ବର୍ଷ ମଧ୍ୟରେ ଆମେ ଓଡ଼ିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗ କରିଛୁ। ଯେଉଁଠାରେ କି ଆମର ଖଣି କାର୍ଯ୍ୟ ଏବଂ ଗ୍ରୀନଫିଲ୍ଡ କଳିଙ୍ଗନଗର କାରଖାନା ସହିତ ଅଧିଗ୍ରହଣ ମାଧ୍ୟମରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ ଏବଂ ଭୂଷଣ ଷ୍ଟିଲ ଆଦି ୩ଟି ଉତ୍ପାଦନ କାରଖାନା ଅଛି। ଗତ ୨୮ ତାରିଖରେ ଯେତେବେଳେ କେତେଜଣ ବ୍ୟକ୍ତି ଟାଟା ଷ୍ଟିଲର ସହାୟକ ସଂସ୍ଥା ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) କାରଖାନା ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । ସେତେବେଳେ ଆମେ ଅତ୍ୟନ୍ତ ବ୍ୟସ୍ତ ହୋଇପଡିଥିଲୁ । ଆମ ସୁରକ୍ଷା କର୍ମୀଙ୍କ ଦଳ ଏଥିରେ ହସ୍ତକ୍ଷେପ କରିଥିଲେ। ଯାହାଫଳରେ ଧସ୍ତାଧସ୍ତି ହୋଇଥିଲା ଏବଂ କେତେଜଣ ଲୋକ ଏଥିରେ ଆହତ ହୋଇଥିଲେ । ଆମର କୌଣସି ସୁରକ୍ଷାକର୍ମୀ କାହାକୁ ଛୁରାମାଡ଼ କରିଥିବା ଘଟଣାର ଯେଉଁ ଗୁଜବ ପ୍ରକାଶ ପାଉଛି ତାହାକୁ ଆମେ ଦୃଢ଼ ଭାବେ ଖଣ୍ଡନ କରୁଛୁ। ଏହା ସମ୍ପୂର୍ଣ୍ଣ ମିଥ୍ୟା ରିପୋର୍ଟ । ଟାଟା ଷ୍ଟିଲ ସର୍ବଦା ସମସ୍ତ ସରକାରୀ ନିୟମ ଏବଂ ନିର୍ଦ୍ଦେଶାବଳୀକୁ ପାଳନ କରି ଆସିଛି ।

# ୪୦% ଜମିରେ ମାଡୁନି ପାଣି, ତଦନ୍ତ ନିର୍ଦ୍ଦେଶ

**ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ**

- ଯେତେ ଅଭିଯୋଗ କଲେ ବି ସଫଳତା ଶୂନ
- ମାର୍ଚ୍ଚ ୩ରେ ଧାରଣା ଚେତାବନୀ

ଯାଜପୁର,୧।୨(ହର୍ଷବର୍ଦ୍ଧନ ବେହେରା) :

ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଯାଜପୁର ଜିଲାର ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା ହୋଇଥିଲା। ହେଲେ ଏହି ପରିକଳ୍ପନାକୁ ପ୍ରାୟ ୧୫ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କେତେକ ପ୍ରକଳ୍ପ ଜରିଆରେ ଏଯାଏ ମାତ୍ର ୪୦% କାର୍ଯ୍ୟକାରୀ ହୋଇ ପାରିଥିବା ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତିକରି ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ଅଧସ୍ତନ ସଚିବ ପ୍ରଶାନ୍ତ କୁମାର ସାହୁ ତୁରନ୍ତ ଆବଶ୍ୟକ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମେଗା ଲିଫ୍ଟ ଚିଫ୍ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବାଡ ଫସଲ ଖାଇବା ସଦୃଶ ଜିଲାରେ ନିର୍ମିତ ୧୨ ମେଗା ଉଠାଜଳସେଚନ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ଓ ହରିଲୁଟ୍‌ରେ



ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ ।

ଉଚ୍ଚ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ସଂପୃକ୍ତି ରହିଥିବାରୁ ଯେତେ ଅଭିଯୋଗ ହେଲେ ବି କୌଣସି ସଫଳତା ମିଳି ପାରୁନାହିଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।

ଚାଷୀମାନଙ୍କ ପକ୍ଷରୁ ପରିଷଦର ସଭାପତି କୁଳମଣି ଶୁକ୍ଳ କରିଥିବା ଅଭିଯୋଗ ଅନୁସାରେ ଅସଲପୁର ତଥା କମ୍ପଗଡ଼ ଉଠାଜଳସେଚନ ପ୍ରକଳ୍ପରେ ୪୦% ଜଳସେଚନ ହୋଇ ପାରିନାହିଁ। ଏହି ପ୍ରକଳ୍ପ ୧୫।୧୨।୨୦୨୧ରେ ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ତାହା ଏଯାଏ ଶେଷ ହୋଇ ପାରିନାହିଁ। ଅନ୍ୟପକ୍ଷେ ପାର୍ବତୀଗିରି ମେଗା ଉଠା ଜଳସେଚନ ପ୍ରକଳ୍ପରେ ଖରିଫରେ ୧୨,୬୬୨ ହେକ୍ଟର ଜମିରେ ଜଳସେଚନ ହୋଇ ପାରିଛି ବୋଲି ରିପୋର୍ଟ ଦେଇଛନ୍ତି। ଚାଷୀ ଏବଂ ବିଭାଗର ରିପୋର୍ଟରେ କୌଣସି ତାଳମେଳ ରହୁନାହିଁ। ଅସଲପୁର ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୧୯ଟି ଗ୍ରାମର ୨୦୦୦.୧୯ ହେକ୍ଟର ଜମିରେ ପାଣି ମାଡିବ ବୋଲି ଧାର୍ଯ୍ୟ ହୋଇଛି। କିନ୍ତୁ ଅଧିକ ପାଣି ରହୁଥିବା ଅସଲପୁରରେ ନ କରି କମ୍ପଗଡ଼ରେ ଇଣ୍ଟାକଏଣ୍ଟ ନିର୍ମାଣ ହୋଇଥିବାରୁ ଏହି ପ୍ରକଳ୍ପ ଏଯାଏ ବିଫଳ ହୋଇଛି। ୫ରୁ ୧୦ ହେକ୍ଟର ଲେଖାଏଁ ଜଳସେଚନ କରି ରାଜ୍ୟ ସରକାରଙ୍କୁ ବଦନାମ କରାଯାଉଛି ବୋଲି ଅଭିଯୋଗରେ ଦର୍ଶାଇବା ସହ ନିର୍ଦ୍ଧାରିତ ସମୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ୩।୩।୨୦୨୫ରେ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ତୁଳସୀପୁର ପମ୍ପ ହାଉସ ମାଧ୍ୟମରେ ଚାଷୀ ପାଣି ପାଇଁ ଏବେ ବି ଅନେଇ ବସିଛନ୍ତି। ଖରସ୍ରୋତା ନଦୀରୁ ତୁଳସୀପୁର ପମ୍ପହାଉସ ଜରିଆରେ ରସୁଲପୁର ବ୍ଲକ ଭଗୀରଥପୁର, ସାରଙ୍ଗପୁର, ଟିକରପଡା, ନଠୁଆବର, ଆଦମପୁର, ନଗୁଆଁ, ବାଲାଙ୍ଗି, ବାଉଁଶଅଁଟା, କୁରୁକୁରା ପ୍ରଭୃତି ଚାଷୀଙ୍କ ଜମିରେ ଏଯାଏ ପାଣି ମାଡି ନାହିଁ। ଚାଷୀ ରବୀନ୍ଦ୍ର ବେହେରା, ରମେଶ ବେହେରା, ଦୀପକ ବେହେରା ପ୍ରମୁଖ କୁହନ୍ତି, ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ତାଙ୍କ ଜମିରେ ଉଠାଜଳସେଚନ ପ୍ରକଳ୍ପରେ ପାଣି ମାଡିବ ବୋଲି ପାଇପ୍ ପକେଇଛନ୍ତି। ପାଣି ମାଡିଲେ ପନିପରିବା ସହ ଧାନ ଚାଷ କରି ଆର୍ଥିକ ସ୍ଥିତିକୁ ସୁଧାରିବୁ ବୋଲି ଆଶା ରଖିଛୁ। କିନ୍ତୁ ପାଣି ଆଉ ମାଡିବ କି ନାହିଁ ତାହା ସନ୍ଦେହରେ ରହିଛୁ ବୋଲି ଚାଷୀମାନେ ମନ ଦୁଃଖରେ ପ୍ରକାଶ କରିଛନ୍ତି। ବଡ଼ଚଣା ନିର୍ବାଚନ ମଣ୍ଡଳୀର ୨୦୦୦ ହେକ୍ଟର, ବରୀ ନିର୍ବାଚନ ମଣ୍ଡଳୀର ୩,୭୦୦ ହେକ୍ଟର, ଧର୍ମଶାଳା ଓ କୋରେଇ ନିର୍ବାଚନ ମଣ୍ଡଳୀର ୫,୪୦୦ ହେକ୍ଟର ଏବଂ ଯାଜପୁର ନିର୍ବାଚନ ମଣ୍ଡଳୀର ୧୭୦୦ ହେକ୍ଟର ଜମିରେ ଜଳସେଚନର ଆଶା ରହିଥିଲା। କିନ୍ତୁ ପ୍ରଶାସନିକ କଳରେ ଅବହେଳା ଯୋଗୁ ଯୋଜନାର ସଫଳତା ବହୁ ଦୂରରେ ରହି ଯାଉଛି ବୋଲି ମତପ୍ରକାଶ ପାଇଛି।







@ ସୀମାଞ୍ଚଳ



@ ସୁକାନ୍ତ



@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଭୋଟକା ପଞ୍ଚାୟତରେ ଜବ୍‌କାର୍ଡ ବଣ୍ଟନ ମେଳା



ରସୁଲପୁର,୧।୨(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଦ୍ୱାରା ଜବକାର୍ଡ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରାଉତ ୨୦୦ରୁ ଅଧିକ ଜବ୍‌କାର୍ଡଧାରୀଙ୍କୁ କାର୍ଡ ପ୍ରଦାନ କରିବା ସହ ଉକ୍ତ କାର୍ଡର ଉପଯୋଗିତା ଓ ଉପକାରିତା ସମ୍ପର୍କରେ ବୁଝାଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଆପ୍ ଲୋକାର୍ପଣ ହେବା ପରେ ଜବକାର୍ଡର ଚାହିଦା ବଢିଯାଇଛି। ଆବାସ ପାଇଁ ମହିଳାଙ୍କ ଆବେଦନକୁ ଗୁରୁତ୍ୱ ଦିଆଯାଉଛି। ଆବେଦନ ସମୟରେ ଜବକାର୍ଡ ଏକ ପ୍ରମାଣପତ୍ର ଭାବରେ ଆବଶ୍ୟକ ପଡୁଛି। ଅଧିକାଂଶ ମହିଳା ଆବେଦନକାରୀଙ୍କ ନାମରେ ଜବକାର୍ଡ ନ ଥିବାରୁ ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ଜବକାର୍ଡ ଯୋଗାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଆବେଦନ ଛଡ଼ା ମୋ ଉପକାରୀ ବଗିଚା, ବ୍ୟକ୍ତିଗତ ପାଇଖାନା, ଶୋଷକ ଖାତ, ଗୋବର ଖାତ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜରିଆରେ କାର୍ଯ୍ୟକାରୀ ହେଉଥିବା ଜାବତୀୟ କାର୍ଯ୍ୟରେ ଏହି କାର୍ଡ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଏଠାରେ ଆୟୋଜିତ ମେଳାରେ ପଞ୍ଚାୟତ ଏଡିଇଓ ରୁକ୍ମିଣୀ ନାଥ, ନାଏବ ସରପଞ୍ଚ କେଦାର କୁମାର ଦେଓ, ୱାର୍ଡସଭ୍ୟ ଶ୍ୟାମସୁନ୍ଦର ସାହୁ, ସଦାନନ୍ଦ ପଣ୍ଡା ଓ ରଞ୍ଜୀତା ମଲିକ ପ୍ରମୁଖ ଯୋଗଦେଇ ସହାୟତା କରିଥିଲେ।

## ଷ୍ଟିୱାର୍ଟ ସ୍କୁଲ ବନ୍ଦ ପ୍ରସଙ୍ଗରେ ତ୍ରିପାକ୍ଷିକ ଆଲୋଚନା

କାଳିଆପାଣି,୧।୨(ଅସିତ ମହାନ୍ତ):

କାଳିଆପାଣି ଖଣି ଅଞ୍ଚଳରେ ଥିବା ଷ୍ଟିୱାର୍ଟ ସ୍କୁଲ୍ ବନ୍ଦ କରାଯିବା ପ୍ରସଙ୍ଗରେ ଅଭିଭାବକ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ନିକଟରେ ଅଭିଯୋଗ କରିବା ପରେ ଶନିବାର ମନ୍ତ୍ରୀଙ୍କ ପ୍ରତିନିଧି, ଅଭିଭାବକ ଓ ସ୍କୁଲ ଅଧ୍ୟକ୍ଷଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା କରାଯାଇଛି। ସମ୍ପୃକ୍ତ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ମନମାନି ଓ ଏକଛତ୍ରବାଦ ନୀତିକୁ ନେଇ ଗତ ମଙ୍ଗଳବାର ଅଭିଭାବକ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସ୍କୁଲ କିପରି ଚାଲିବ ଓ ଛାତ୍ରୀଛାତ୍ର କିପରି ଉନ୍ନତ ଶିକ୍ଷା ପାଇବେ ସେ ନେଇ ୨୦୦ରୁ ଅଧିକ ଅଭିଭାବକ ମନ୍ତ୍ରୀଙ୍କୁ ଜଣାଇଥିଲେ। ଏହାକୁ ଗୁରୁତର ସହ ନେଇ ମନ୍ତ୍ରୀ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ତଥା ତାଙ୍କ ପ୍ରତିନିଧି ଅମଳେନ୍ଦୁ ବେହୁରାଙ୍କୁ ସ୍କୁଲ ସମସ୍ୟା ବିଷୟରେ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ବେହୁରା ସ୍କୁଲ ପରିସରରେ ପହଞ୍ଚିବା ସହ କେତେଜଣ ଅଭିଭାବକ ଓ ସ୍କୁଲ ଅଧ୍ୟକ୍ଷଙ୍କ ସହ ତାଙ୍କ କାର୍ଯ୍ୟାଳୟ କକ୍ଷରେ ତ୍ରିପାକ୍ଷିକ ଆଲୋଚନା କରିଥିଲେ। ଏହି ଆଲୋଚନାରେ ସାମ୍ବାଦିକ ରବି କର ଓ ଅସିତ ମହାନ୍ତ ସାମିଲ ହୋଇଥିଲେ। ସ୍କୁଲ୍ ବନ୍ଦର କାରଣ ସମ୍ପର୍କରେ ବେହୁରା ଅଧ୍ୟକ୍ଷଙ୍କଠାରୁ ଅବଗତ ହୋଇଥିଲେ। କିପରି ସ୍କୁଲ ଚାଲିବ ସେ ନେଇ ଆଗାମୀ ୪ରୁ୫ ଦିନ ମଧ୍ୟରେ ମ୍ୟାନେଜମେଣ୍ଟ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ। ବେହୁରା ସବୁ ଶୁଣିବା ପରେ ମନ୍ତ୍ରୀଙ୍କୁ ଅବଗତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାରେ ଜ୍ଞାନରଞ୍ଜନ ଧୀର, ରବୀନ୍ଦ୍ର ଭଞ୍ଜ, ବୁଲୁ ମଲ୍ଲିକ, ପ୍ରଦୀପ ପଣ୍ଡା, ଦେବସ୍ମିତା ସାହୁ ପ୍ରମୁଖ ଅଭିଭାବକ ସାମିଲ ହୋଇଥିଲେ।



ଷ୍ଟିୱାର୍ଟ ସ୍କୁଲ୍ ବନ୍ଦ ପ୍ରସଙ୍ଗରେ ଆଲୋଚନା କରାଯାଉଛି ।

## ବେଆଇନ କଳାପଥର ଖାଦାନକୁ ନେଇ ଗୋଷ୍ଠୀ ସଂଘର୍ଷ

ଯାଜପୁର,୧।୨(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ବେଆଇନ ଖାଦାନଗୁଡ଼ିକୁ ଅକ୍ତିଆର କରିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଶନିବାର ସନ୍ଧ୍ୟା ପ୍ରାୟ ୫ଟାରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଥାନୁଆଳ ଗ୍ରାମର ଦୁଃଖିଶ୍ୟାମ ଦୋରା ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେ ଧର୍ମଶାଳା ଥାନାରେ ଏନେଇ ଅଭିଯୋଗ କରିଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ବାଜରା ପାହାଡରେ ଏକାଧିକ କଳାପଥର ଖାଦାନ ରହିଛି। କେତେକ ଖାଦାନକୁ ଲିଜ ଦିଆଯାଇ ନ ଥିବାରୁ ସେଗୁଡିକୁ ବେଆଇନ ଭାବେ ଅକ୍ତିଆର କରିବାକୁ ଥାନୁଆଳ ଓ ମୁରାରିପୁର ଗ୍ରାମର ଲୋକେ ଟଣାଓଟଣା ହେଉଛନ୍ତି। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଅନ୍ୟପକ୍ଷରେ ଧର୍ମଶାଳା ତହସିଲ ଅଞ୍ଚଳରେ ୮୪ କଳାପଥର ଖାଦାନ ରହିଛି। ସେଥିରୁ ମାତ୍ର ୨୨ ଖାଦାନରୁ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇ ଇ-ଟ୍ରାନଜିଟ ପାସ ପ୍ରଦାନ କରାଯାଇଛି। ୯ଟି ଖାଦାନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଥିବାରୁ ସେଗୁଡିକୁ ବନ୍ଦ କରାଯାଇଛି। ଏହାସହ ଭୂସ୍ଖଳନ ପାଇଁ ଗୋଟିଏ, ଗୋଟିଏ ବିଲୁପ୍ତ ପ୍ରାୟ, ୨୫ଟି ଖାଦାନ କୋର୍ଟ କଚେରିରେ ଏବଂ ୯ଟି ବୈଧାନିକ ଭାବେ ବିଚାରାଧୀନ ରହିଛି। ଏହାବାଦ ୧୭ଟି ଖାଦାନ ବିଭିନ୍ନ କାରଣରୁ ପରିଚାଳନା ହେଉନାହିଁ। ଏହାର ସୁଯୋଗରେ କେତେଜଣ ବ୍ୟବସାୟୀ ବେଆଇନ ଭାବେ କଳାପଥର ଉତ୍ତୋଳନ କରୁଥିବାବେଳେ ସେଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି।

## ମୃତ ଛାତ୍ରୀଙ୍କ ଆଖି ଦାନକଲେ ପରିବାର

କଳିଙ୍ଗନଗର,୧।୨(ଶୁଭାଶିଷ ରାଉତ):

ଦାନଗଦି ବଜାର ନିକଟରେ ଶୁକ୍ରବାର ସ୍କୁଲକୁ ଯାଉଥିବାବେଳେ ହାଇୱା ଧକ୍କାରେ ପ୍ରାଣ ହରାଇଥିବା ଛାତ୍ରୀ ଧୂଳିଗଡ଼ ଗ୍ରାମର ଅର୍ପିତା ବେହେରାଙ୍କ ଆଖିଦାନ କରାଯାଇଛି। ଅର୍ପିତା ଓ ତାଙ୍କ ସାଙ୍ଗ ପ୍ରିୟା ପ୍ରିୟଦର୍ଶିନୀ ବାରିକ ଦାନଗଦି ବୁନ୍ଦରାଜ ସ୍କୁଲକୁ ଯାଉଥିବାବେଳେ ସେମାନଙ୍କୁ ପଛପଟୁ ଏକ ହାଇୱା ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୨ ଛାତ୍ରୀ ଗୁରୁତର ହୋଇଥିଲେ। ସେମାନଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅର୍ପିତାଙ୍କ ମୃତ୍ୟୁ ହୋଇଥିଲା। ପରେ ତାଙ୍କ



ପରିବାର ଲୋକେ ଅର୍ପିତାଙ୍କ ଆଖିଦାନ କରିବା ପାଇଁ ସ୍ଥିର କରିଥିଲେ। ମୃତ୍ୟୁ ପରେ ବି ଅର୍ପିତାଙ୍କ ଆଖି ଦୁନିଆ ଦେଖିବ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି।

## ଭିସା ଷ୍ଟିଲ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

କଳିଙ୍ଗନଗର,୧।୨(ଶୁଭାଶିଷ ରାଉତ): କଳିଙ୍ଗନଗର ସ୍ଥିତ ଭିସା ଷ୍ଟିଲ କାରଖାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗନଗର ଶିଳ୍ପାଞ୍ଚଳ ସଡ଼କ ବ୍ୟବହାରକାରୀଙ୍କୁ ସୁରକ୍ଷିତ ଗାଡ଼ି ଚାଳନା, ହେଲମେଟ ଓ ସିଟବେଲ୍ଟର ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଛି। ଯମ, ଚିତ୍ରଗୁପ୍ତ ଓ ଘାତକ ଚରିତ୍ରରେ ଥିବା ଅଭିନେତା ନିୟମ ମାନୁଥିବା ବାଇକ୍ ଆରୋହୀ ଓ ବଡ଼ ଗାଡି ଚାଳକଙ୍କୁ ଫୁଲ ଏବଂ ଚକୋଲେଟ ବାଣ୍ଟିଥିଲେ। ସେହିପରି ସୁରକ୍ଷା ଅବମାନନା କରୁଥିବା ଲୋକଙ୍କୁ ସୁରକ୍ଷା ସମ୍ପର୍କିତ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ପଥପ୍ରାନ୍ତ ସଚେତନତା ପୂର୍ବରୁ କାରଖାନାର କର୍ମଚାରୀମାନେ କାରଖାନା ମୁଖ୍ୟ ଫାଟକ ନିକଟରୁ ମିଲିଟାରୀ ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରାକୁ କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟ ବରିଷ୍ଠ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବଡ଼ଚଣା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଚଣ୍ଡିଖୋଲ,୧।୨(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ମହିଳା ମହାବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷା ପ୍ରଣତୀ ମହାନ୍ତିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ବିଧାୟକ ଅମର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀଶିକ୍ଷା କ୍ଷେତ୍ରରେ ମହାବିଦ୍ୟାଳୟର ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହିତ ଏହାର ଉତ୍ତରୋତ୍ତର ଉନ୍ନତିପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଷ୍ଠାତା ସମ୍ପାଦକ ନିର୍ମଳ ଚନ୍ଦ୍ର ସାମଲ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି ଓ ସମିତି ସଭ୍ୟ ମଧୁ ସୁଦନ ବଳ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଶୁଭ୍ରାଂଶୁ ସାହୁ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ବାଣୀପୀଠରେ ଡିଜିଟାଲ ମନିଟରିଂ ସିଷ୍ଟମ




ଡିଜିଟାଲ ମନିଟରିଂ ସିଷ୍ଟମ ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୧।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଧର୍ମଶାଳା ବାଣୀପୀଠରେ ଶନିବାର ଡିଜିଟାଲ ମନିଟରିଂ ସିଷ୍ଟମ କାର୍ଯ୍ୟକ୍ରମର ଉଦ୍‌ଘାଟିତ ହୋଇଯାଇଛି। ଆଇଡିବିଆଇ ବ୍ୟାଙ୍କର ସିଏସ୍‌ଆର୍ ପାଣ୍ଠିରୁ ପ୍ରଦତ୍ତ ଅର୍ଥରେ ସ୍କୁଲ ପରିସରରେ ୧୪ ସିସି କ୍ୟାମେରା ଲଗାଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଆଞ୍ଚଳିକ ମୁଖ୍ୟ ଡ. ନିହାର ରଞ୍ଜନ ସାମଲ ଉଦ୍‌ଘାଟନ କରି ରାଜ୍ୟରେ ୧୫୦ଟି ସ୍କୁଲକୁ ସିଏସ୍‌ଆର ପାଣ୍ଠିରୁ ଆବଶ୍ୟକ ଜିନିଷ ଯୋଗାଇଦିଆଯିବ ବୋଲି କହିଥିଲେ। ପ୍ରଧାନଶିକ୍ଷକ ବାସୁଦେବ ରାଉଳ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ଯାଜପୁର ରୋଡ୍ ଶାଖା ପରିଚାଳକ ଜୟଦେବ ବେହେରା, ବିଇଓ ଅଭଜିତ ବାରିକ, ପୁରାତନ ଛାତ୍ର ସଂସଦର ସଭାପତି ଡା. ବିଜୟ କୁମାର ଶତପଥୀ, ଉପଦେଷ୍ଟା ରମେଶ ସିଂ, କାର୍ଯ୍ୟକ୍ରରେ ସଂଯୋଜକ ଆଲୋକ ରଞ୍ଜନ କର ଓ ବିଚିତ୍ର କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ବ୍ୟାଙ୍କର ଏତାଦୃଶ ସହଯୋଗକୁ ଭୂୟସୀ ପ୍ରଶଂସା କରିଥିଲେ। ଶିକ୍ଷକ ପ୍ରଭାତ କୁମାର କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ନୃସିଂହ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

## ଶହୀଦ ଦିବସ ପାଳିତ

ବରୀ,୧।୨(ମହେନ୍ଦ୍ର ସ୍ୱାଇଁ):

ବରୀ ପୂଜ୍ୟପୂଜା ପରିଷଦ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଓ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକଙ୍କ ଜୟନ୍ତୀ ସ୍ଥାନୀୟ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ମଦମୁକ୍ତ ଭାରତ ଗଠନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠାନର ଆବାହକ ସତ୍ୟରଞ୍ଜନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରର ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରବୋଧ ସାମଲ ଯୋଗଦେଇ ପଦ୍ମଚରଣଙ୍କ ନିଷ୍ଠାକୁ ଇତିହାସ ମନେରଖିବ ବୋଲି କହିଥିଲେ। ଗାନ୍ଧିବାଦୀ ମଣିଷ କୁଳମଣି ଶୁକ୍ଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଦ୍ମଚରଣଙ୍କ କାର୍ଯ୍ୟଧାରାର ମୂଲ୍ୟାୟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୃଷକନେତା ପ୍ରଶାନ୍ତ ବେହୁରିଆ ଯୋଗଦେଇଥିଲେ। ଅଧ୍ୟାପକ ସୁଦୀପ୍ତ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ରଶ୍ମିରଞ୍ଜନ ପତି ସ୍ୱାଗତ ଅଭିଭାଷଣ ଦେଇଥିଲେ।

# ବଣିଆପସିକୁ ହରାଇ ରାଛିପୁର ଚାମ୍ପିୟନ

**ଜହ୍ନା ବଳଦେବଜୀଉ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

କୋରେଇ,୧।୨(ଚନ୍ଦ୍ରକାନ୍ତ ପତି):

କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା କ୍ରିକେଟ ପଡ଼ିଆରେ ୨୪ତମ ଜହ୍ନା ବଳଦେବଜୀଉ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବଣିଆପସିକୁ ହରାଇ ରାଛିପୁର ଚାମ୍ପିୟନ ହୋଇଛି। ଏମ୍‌ଏମ୍ ସିସି କ୍ଲବ ବଣିଆପସି ଓ ବାବା ଏକ୍ସଆଇ କ୍ଲବ୍ ରାଛିପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଛିପୁର ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୧୮ ରନ




ଅତିଥିଙ୍କ ଗହଣରେ ଖେଳାଳିମାନେ ।

ସଂଗ୍ରହ କରିଥିଲା। ଜବାବରେ ବଣିଆପସି ୨୦ ଓଭରରେ ୯ ଉଇକେଟ ହରାଇ ୧୬୯ ରନ କରିଥିଲା। ରାଛିପୁର ଦଳର ଚନ୍ଦନ ମହାପାତ୍ର ଧୂଆଁଧାର ବ୍ୟାଟିଂକରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାନ୍ ଅଫ ଦି ଟୁର୍ନାମେଣ୍ଟ ଭାବରେ ଆକାଶ ଜେନା, ବେଷ୍ଟ ବ୍ୟାଟ୍ସମ୍ୟାନ ବିକ୍ରମ ମଲ୍ଲିକ, ବେଷ୍ଟ ବୋଲର ଭାବେ ରାଜ ମିଶ୍ର ପୁରସ୍କୃତ ହୋଇଥିଲେ। ଯୁବନେତା ବିକ୍ରମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ପାଣିକୋଇଲି ଥାନା ଅଧିକାରୀ ରଞ୍ଜିତ ମହାନ୍ତି, ମୁଖ୍ୟବକ୍ତା ଭାବରେ ସାମାଜିକ କର୍ମୀ ବନୋଜ ଜେନା, ସମ୍ମାନିତ ଅତିଥି ଭାବେ ବ୍ୟାସନଗର ଅଞ୍ଚଳର ଯୁବ ସାମାଜିକ କର୍ମୀ ଅଭିଳାଷ ବୋଇତାଇ ଓ ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

# ମହାନଦୀ ଫେରିଘାଟରେ ପୋଲିସ ମୁତୟନ

## ଫେରିଘାଟ ନିୟମ ବଦଳିଲା

ମହାକାଳପଡ଼ା,୧।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ଅଧୀନ ବାହାକୁଦ ଗ୍ରାମ ସଂଲଗ୍ନ ମହାନଦୀ ବାହାକୁଦ –ମୁଷଡିଆ ପାରାଦୀପ ଫେରିଘାଟରେ ଡଙ୍ଗା ଚଳାଚଳକୁ ନେଇ ଶନିବାର ଆଶଙ୍କା ପ୍ରକାଶ ପାଇଥିଲା । ପଞ୍ଚାୟତ ପକ୍ଷରୁ ପୂର୍ବରୁ ଏହି ଫେରିଘାଟ ପାଇଁ ଅମିୟ କୁମାର ସ୍ୱାଇଁଙ୍କୁ ଦାୟିତ୍ୱ ନିର୍ବାହ ପାଇଁ ଅନୁମତି ପ୍ରଦାନ କରିଥିଲା। ତେବେ ପଞ୍ଚାୟତ ଚିଠିନଂ.୧୧୩/୨୬। ୧।୨୫ରେ ପଞ୍ଚାୟତ ସ୍ୱତନ୍ତ୍ର ଅଧିବେଶନ ପ୍ରସ୍ତାବ ଗୃହୀତ ଅନୁସାରେ ଘାଟରେ ଡଙ୍ଗା ଚଳାଚଳ କରିବା ପାଇଁ ବାହାକୁଦ ଗ୍ରାମର ବିଶ୍ୱନାଥ ବେହେରାଙ୍କୁ ଅନୁମତି ମିଳିଥିଲା। ଅପରପକ୍ଷେ ପଞ୍ଚାୟତ ସାଧାରଣ ଅଧିବେଶନ ନଂ.୩୨/ତା୩୦।୧୨।୨୪ରିଖ ନିଷ୍ପତ୍ତି କ୍ରମେ ପଞ୍ଚାୟତ ଆର୍ଥିକ ଉନ୍ନତି ଓ ଜନସାଧାରଣଙ୍କ ଦାବିକୁ ବିଚାରକୁ ନେଇ ବେହେରାଙ୍କୁ ଅନୁମତି ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ବୋଲି ଚିଠିରେ ଉଲ୍ଲେଖ ରହିଛି। ୨ ମାସ ପରେ ବାର୍ଷିକ ନିଲାମ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପଞ୍ଚାୟତ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ପୂର୍ବରୁ ଏହି ପଞ୍ଚାୟତ ଫେରିଘାଟ ଦାୟିତ୍ୱରେ ଥିବା ସ୍ୱାଇଁଙ୍କୁ ଜାନୁଆରୀ ଶେଷ ସୁଦ୍ଧା କ୍ଷମତା ଛାଡିବା ପାଇଁ ପଞ୍ଚାୟତ ପକ୍ଷରୁ ନୋଟିସ କରାଯାଇଥିଲା। ଚଳିତ ମାସ ପହିଲାଠାରୁ ଅର୍ଥାତ୍ ଶନିବାର ପୂର୍ବାହ୍ନରେ ପଞ୍ଚାୟତ ପକ୍ଷରୁ ବାହାକୁଦ ଗ୍ରାମର ବେହେରାଙ୍କୁ ଫେରିଘାଟରେ ଡ଼ଙ୍ଗା ଚଳାଚଳ କରିବା ଦାୟିତ୍ୱ ନିର୍ବାହ କରିବା ପାଇଁ ସରପଞ୍ଚ ମିଳନ ଦେବନାଥ କହିଛନ୍ତି। ସ୍ୱାଇଁଙ୍କୁ ବାରଣ କରାଯିବା ପରେ ସେ ଦାୟିତ୍ୱ ଛାଡ଼ିଛନ୍ତି । ଏ ନେଇ ବିବାଦ ଉପୁଜିବା ଆଶଙ୍କା କରି ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଦୈନିକ ଘାଟ ମାହାସୁଲ ବାବଦରେ ୧୭ ହଜାର ଟଙ୍କା ପଞ୍ଚାୟତ ପାଣ୍ଠିରେ ଜମା କରିବା ପାଇଁ ଅନୁମତି ମିଳିଥିବା ବିଶ୍ୱନାଥଙ୍କୁ କୁହାଯାଇଛି। ଏ ସଂକ୍ରାନ୍ତରେ ବିଡ଼ିଓ ତଥା ତହସିଲଦାର ଶିବ ମଲିକ କହିଛନ୍ତି, ଫେରି ଘାଟ ଡଙ୍ଗା ଚଳାଚଳ ପାଇଁ ପଞ୍ଚାୟତକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ସେଥିପାଇଁ ଘାଟ ସମ୍ପର୍କରେ ପଞ୍ଚାୟତ ଅଫିସ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ମଲିକ କହିଛନ୍ତି।



ମହାନଦୀ ବାହାକୁଦ–ମୁଷଡିଆ ପାରାଦୀପ ଫେରିଘାଟରେ ପୋଲିସ ଫୋର୍ସ ମୁତୟନ ।

# ଅବସରଦିନ ଶିକ୍ଷୟିତ୍ରୀଙ୍କୁ ମିଳିଲା ପୂର୍ଣ୍ଣ ପେନସନ

ପଟ୍ଟାମୁଣ୍ଡାଇ,୧।୨(କଳ୍ପତରୁ ନାୟକ)

ସାରା ରାଜ୍ୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସର ଗ୍ରହଣ ଦିନ ପୂର୍ଣ୍ଣ ପେନସନ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଶୁକ୍ରବାର ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବା ୨ଜଣ ଶିକ୍ଷୟିତ୍ରୀଙ୍କୁ ପୂର୍ଣ୍ଣକାଳୀନ ପେନସନ ପ୍ରଦାନ କରିଛନ୍ତି । ଏହି ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ବିଇଓ ହରିହର ଦଳାଇ ଅବସର ଗ୍ରହଣ କରିଥିବା ଠାକୁରପାଟଣା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ କୁମାରୀ ମହାପାତ୍ର, ମଝିପନ୍ତରି ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ କାନନବାଳା ପ୍ରଧାନଙ୍କୁ ପୂର୍ଣ୍ଣ ପେନସନ ପ୍ରଦାନ କରିଥିଲେ।

# ମହାକାଳପଡ଼ା ଗଡ଼ାରେ ଭାଜପାର ବିକ୍ଷୋଭ

ମହାକାଳପଡ଼ା,୧।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ଅପମାନସୂଚକ ମନ୍ତବ୍ୟକୁ ନେଇ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି । ଏହି ଅବସରରେ ସୋନିଆ ଓ ରାହୁଲଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକଙ୍କ ଆହ୍ୱାନ କ୍ରମେ ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସଂଖ୍ୟାଧିକ ଦଳୀୟ କାର୍ଯ୍ୟକର୍ତ୍ତା ମିଳିତ ହୋଇ ମହାକାଳପଡ଼ା ବ୍ଲକ ଅଧୀନ ଜମ୍ବୁ – ମାର୍ଶାଘାଇ ମୁଖ୍ୟ କେନାଲ ମହାକାଳପଡ଼ାଗଡ଼ାଠାରେ ଶୁକ୍ରବାର ସନ୍ଧ୍ୟାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଉଭୟଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କଂଗ୍ରେସ ବିରୋଧରେ ଭାଜପା ନେତୃମଣ୍ଡଳୀ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା କର୍ମୀ ସରୋଜ କାନ୍ତ ସାହୁ, ପ୍ରଶାନ୍ତ କୁମାର ସେଠୀ, ପ୍ରତାପ ପାଇକରାୟ, ରୁଦ୍ର ନାରାୟଣ ମୁଦୁଲି, ମାନସ କୁମାର ମହାନ୍ତି, ତ୍ରିଲୋଚନ ରାଉତ, ଜ୍ଞାନ ରଞ୍ଜନ ବସନ୍ତିଆ, ନିଗମ ରଥ, ବଷ୍ଟି ଦେବନାଥ, କ୍ରୀଷ୍ଟପଦ ମଣ୍ଡଳ, ଚନ୍ଦ୍ରକାନ୍ତ ସ୍ୱାଇଁ, ବିଶ୍ୱନାଥ ମହାପାତ୍ରଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ରାଜ୍ୟ ଛାତ୍ର କଂଗ୍ରେସ ସଭାପତିଙ୍କ ଗିରଫ ପ୍ରତିବାଦରେ ବିକ୍ଷୋଭ



ଛାତ୍ର କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଜଗତ୍‌ସିଂହପୁର, ୧।୨ (ପ୍ରମୋଦ କୁମାର ନାୟକ)

ନିକଟରେ ଆର୍‌ଏସ୍‌ଏସ୍ (ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ) ମୁଖ୍ୟ ମୋହନ ଭାଗବତଙ୍କ ଓଡ଼ିଶା ଗସ୍ତ ସମୟରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ ଓ ତାଙ୍କ ସହଯୋଗୀ କଳା ପତାକା ପ୍ରଦର୍ଶନ କରିଥିଲେ। ସେମାନେ ଗଣତାନ୍ତ୍ରିକ ଉପାୟରେ ଏଭଳି ବିରୋଧ କରିଥିବାବେଳେ ପୋଲିସ ଅଗଣତାନ୍ତ୍ରିକ ଭାବରେ ମିଛ ମାମଲା ରୁଜୁ କରି ପ୍ରଧାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଫଳରେ ଭାଜପା ସରକାରର ଅସଲ ଚରିତ୍ର ପଦାରେ ପଡ଼ିଛି। ଶନିବାର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଜଗତ୍‌ସିଂହପୁର ପୌର ପରିଷଦ ସମ୍ମୁଖ ମୁଖ୍ୟ ରାସ୍ତାରେ ଅନୁଷ୍ଠିତ ବିକ୍ଷୋଭରେ ଏହା କୁହାଯିବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବତନ ଜିଲା ଛାତ୍ର କଂଗ୍ରେସ ସଭାପତି ସାଇ ପ୍ରଭଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ଦାବି କରାଯାଇଥିଲା ଯେ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତିଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରାଯାଉ। ନଚେତ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ପୂର୍ବତନ ଜଗତ୍‌ସିଂହପୁର ପୌରାଧକ୍ଷ ବିପ୍ଳବ ଚୌଧୁରୀ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମାନସ ରଥ, ନାରାୟଣ ନାୟକ, ହିମାଂଶୁ ବିଶ୍ୱାଳ, ମୁକ୍ତାର ଅଲ୍ଲୀ, ପ୍ୟାରେଶ ପାତ୍ର , ସୁଶାନ୍ତ କୁମାର ଦାସ, ମିଲନ ମହାରଣା, ସୌମ୍ୟଜିତ ଦାସ, ପ୍ରଦୀପ୍ତ ମିତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ଜ୍ୟୋତିରଞ୍ଜନ ମଲ୍ଲିକ, ଶୁଭାଶିଷ ସ୍ୱାଇଁ, କିଶୋର ବାଘୀ, ରାକେଶ ସ୍ୱାଇଁ, ଅଜୟ ସ୍ୱାଇଁ, ପତ୍ୟୁଷ ନାୟକ, ସୁଜିତ ଦାସ, ସୋରୂପ କାନୁନଗୋ, ରୁଦ୍ର ବେହେରା, ରାଜେନ୍ଦ୍ର ନାୟକ ଓ ମନୋରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିକ୍ଷୋଭ ପୂର୍ବରୁ ପୂର୍ବତନ ଜିଲା ଛାତ୍ର କଂଗ୍ରେସ ସଭାପତି ମହାପାତ୍ରଙ୍କ ନେତୃତ୍ୱରେ ପ୍ରତିବାଦ ଶୋଭାଯାତ୍ରା ଟାଉନ ହଲ ଛକ କଂଗ୍ରେସ କାର୍ଯ୍ୟାଳୟ ନିକଟରୁ ବାହାରି ଜଗତ୍‌ସିଂହପୁର ପୌର ପରିଷଦ ସମ୍ମୁଖ ବିଜୁ ପଟ୍ଟନାୟକ ଛକରେ ପହଞ୍ଚିଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ଓ ଆର୍‌ଏସ୍‌ଏସ୍ ମୁଖ୍ୟଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

# ସମୀର ସୁଶୀଳ ସ୍ମାରକୀ କ୍ରିକେଟ: ବାମଣ୍ଡା ଚାମ୍ପିୟନ



ମନ୍ତ୍ରୀ ସମ୍ପଦ ସ୍ୱାଇଁ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

କୁଜଙ୍ଗ,୧।୨(ମନୋଜ ପ୍ରଧାନ)

ବୁଢ଼ୀ ଜାଡୁଆଣୀ ଯୁବକ ସଂଘ ଜଗତୀ ଆନୁକୂଲ୍ୟରେ ଚାଲିଥିବା ୩୦ ତମ ସମୀର ଓ ସୁଶୀଳ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ନିମପୁର କଟକ ଓ ବାମଣ୍ଡା ଖୋର୍ଦ୍ଧା ମଧ୍ୟରେ ଖେଳାଯାଇଥିଲା। ଏଥିରେ ନିମପୁର କଟକକୁ ହରାଇ ବାମଣ୍ଡା ଖୋର୍ଦ୍ଧା ଚାମ୍ପିୟନ ହୋଇଛି। ନିମପୁର ଟସ୍ ଜିଣି ବୋଲିଂ ନିଷ୍ପତ୍ତି ନେଇଥିଲା। ବାମଣ୍ଡା ଖୋର୍ଦ୍ଧା ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୨୧୩ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ନିମପୁର କଟକ ୧୭ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୨ ରନ ସଂଗ୍ରହ କରି ରନସ୍ ଅପ୍ ହୋଇଥିଲେ। ସତ୍ୟଜିତ ସାହୁ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବାବେଳେ ଅମିତ ରାଉତ ମ୍ୟାନ ଅଫ୍ ଦି ସିରିଜ ଓ ବେଷ୍ଟ ଉଇକେଟ୍ କିପର ଭାବେ ବିବେଚିତ ହୋଇଥିଲେ। ମନୋଜ କୁମାର ବାରିକ ଓ ପ୍ଲାବନ କୁମାର ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିଳ୍ପ,ଦକ୍ଷତା, ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କଟକ ମହାନଗର ନିଗମର ସିଟି ଇଞ୍ଜିନିୟର ତଥା କଟକ ଉନ୍ନୟନ କର୍ତ୍ତୃପକ୍ଷର ଇଞ୍ଜିନିୟରିଂ ସଦସ୍ୟ ଇଂ.ଅତନୁ କୁମାର ସାମନ୍ତ ଯୋଗଦେଇ ରନସ୍ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ଧୀରେନ୍ଦ୍ର ସ୍ୱାଇଁ, ଭାଜପା ଜିଲା ସମ୍ପାଦକ ତପନ ତ୍ରିପାଠୀ, ଯୁବ ନେତା ତ୍ରିଲୋଚନ ତରାଇ, ବାଳକୃଷ୍ଣ ଜେନା, ସମରେନ୍ଦ୍ର ମହାପାତ୍ର, ଆଇନଜୀବୀ ସଞ୍ଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ। କ୍ଲବର ମୁଖ୍ୟ ସଂଯୋଜକ ମନୋଜ କୁମାର ମହାନ୍ତି, ମାନସ ପରିଡା,ତପନ ଦାସ, କେବିସି ଜାଦବ, ଲିଙ୍କନ ଚୌଧୁରୀ, ଦିନେଶ ପରିଡା ,ରମେଶ ସ୍ୱାଇଁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

# ସମୁଦ୍ର କୂଳରେ ମୃତ କଇଁଛ ଖାଉଛନ୍ତି କାଉ, କୁକୁର



ପାରାଦୀପ,୧।୨(ଶରତ ରାଉତ)

ପାରାଦୀପ ବତିଘର ପାଖ ସମୁଦ୍ର କୂଳରେ ଏକାଧିକ ଅଲିଭ ରିଡ୍‌ଲେ କଇଁଛ ମୃତ ଅବସ୍ଥାରେ ପଡ଼ିଥିବାବେଳେ ସେମାନଙ୍କୁ ବୁଲା କୁକୁର ଓ କାଉ ଖାଉଥିବା ଦେଖିବାକୁ ମିଳିଛି। ବଡ଼ କଇଁଛଗୁଡ଼ିକ ସଦ୍ୟ କୂଳରେ ଲାଗିଥିବା ଜଣାପଡ଼ିଛି। କଇଁଛ ସୁରକ୍ଷା ନିରାପତ୍ତା ପାଇଁ ସରକାରୀସ୍ତରରେ ଅନେକ କଟକଣା, ସଚେତନତା ଅଭିଯାନ, ବ୍ୟାପକ ଚଢ଼ାଉ କରାଯାଉଛି। ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ମାତ୍ର କଇଁଛଙ୍କ ମୃତ୍ୟୁ ସଂଖ୍ୟା କମୁନାହିଁ। ଯେଉଁ ଅଞ୍ଚଳରେ କଇଁଛ ମରୁଛନ୍ତି ସେଠାରେ ବନବିଭାଗ କର୍ମଚାରୀ ପହଞ୍ଚି ତାକୁ ବାଲିରେ ପୋତି ପକାଇଥାନ୍ତି। ଏହାଦ୍ୱାରା ବହୁ ସମୟରେ ଘଟଣା ବାହାରକୁ ଜଣାପଡୁନାହିଁ। ଏବେ ଜନଗହଳିପୂର୍ଣ୍ଣ ସ୍ଥାନରେ ମଲା କଇଁଛ ପଡି ସେହି ଅଞ୍ଚଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଏ ସମ୍ପର୍କରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡେଇ କହିଛନ୍ତି, ଖବରପାଇ ଶନିବାର ସକାଳେ ମୃତ କଇଁଛ ଜବତ କରାଯାଇଛି। ବ୍ୟବଚ୍ଛେଦ ପରେ ଏ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୀମାଞ୍ଚଳ



@ ସୁକାନ୍ତ



@ ସୁରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳା କ୍ରିକେଟ ମ୍ୟାଚରେ ଖୋର୍ଦ୍ଧା ଟିମ୍ ବିଜୟୀ




## ଭାମଣ୍ଡା କପ୍-୨୦୨୫

ରାଜକନିକା,୧।୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ସିହୋପଡା ପଞ୍ଚାୟତ ଭାମଣ୍ଡା ଷ୍ଟାଡିୟମରେ ଚାଲିଥିବା ଭାମଣ୍ଡା କପ୍-୨୦୨୫ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ମହିଳା କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ କିଟ୍, ଭୁବନେଶ୍ୱର ବନାମ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କିଟ୍ ଦଳ ଟସ୍ ଜିଣି ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ଖୋର୍ଦ୍ଧା ଦଳ ୧୬.୪ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ମୁଖ୍ୟ ପରିଚାଳକ ମୁକେଶ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଂହପୁର ଏମ୍‌ଡିଏନ୍ ପବ୍ଲିକ ସ୍କୁଲର ଅଧକ୍ଷ ସସ୍ମିରେଖା ସାମଲ ଓ ସମ୍ମାନିତ ଅତିଥି ସରସ୍ୱତୀ ବିଶାଳ ପ୍ରମୁଖ ଯୋଗଦେଇଥିଲେ। ବିଜେତା ଟିମର କାଜଲ ଜେନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟାର ଭାବେ ନିରଞ୍ଜନ ଦାସ ଓ ବିଭୂତି ଭୂଷଣ ସ୍ୱାଇଁ ଖେଳ ପରିଚାଳନା କରିଥିଲେ । ପ୍ରଜ୍ଞାଜିତ୍ ନାୟକ, ଦିବାକର ନାୟକ, ମନୋରଞ୍ଜନ ବିଶ୍ୱାଳ, ରିତେଶ ସାମଲଙ୍କ ସମେତ ନୃସିଂହନାଥ ଯୁଥ କ୍ଲବର ସମସ୍ତ ସଭ୍ୟମାନେ ଉପସ୍ଥିତ ଥିଲେ।

# ଓଡ଼ିଶାର ଅଜଣା ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଶୀର୍ଷକ ପାଠଚକ୍ର



ରାଜକନିକା,୧।୨(ସଞ୍ଜୟ କୁମାର ଦାଶ)

## ଓଳାଭର ମହାବିଦ୍ୟାଳୟ

ରାଜକନିକା ଓଳାଭର ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଓଡ଼ିଶାର ଅଜଣା ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଶୀର୍ଷକ ଏକ ଜାତୀୟସ୍ତରୀୟ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହଳଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ପାଠ୍ୟଚକ୍ରରେ ମୁଖ୍ୟ ଅତିଥି ଭାବେ ଜାତୀୟ ପ୍ରତିରକ୍ଷା ସଂସ୍ଥା, ପୁନେର ପ୍ରଫେସର ଡ଼ଃ. ହରିହର ପଣ୍ଡା ଯୋଗ ଦେଇ ଅଜଣା ଅପରିଚିତ ସ୍ୱାଧୀନତା ସଂଗ୍ରାମୀ ଓ ସେମାନଙ୍କ ବଳିଦାନ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରାକ୍ତନ ପ୍ରଫେସର ଡ଼. ସୋମାରାଣୀ ଚାନ୍ଦ ଯୋଗଦେଇ ଓଡ଼ିଶାର ଅଜଣା ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଉପରେ ଆଲୋକପାତ କରିବା ସହିତ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ରାଜକନିକା–ଆଳି ଅଞ୍ଚଳର ଇତିହାସର ସୁବର୍ଣ୍ଣ ଗାଥା ଉପରେ ଗବେଷଣା କରିବା ପାଇଁ ଆହ୍ୱାନ ଦେଇଥିଲେ। ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଇତିହାସ ବିଭାଗୀୟ ମୁଖ୍ୟ ଡ. ପ୍ରଦୀପ କୁମାର ଦାସ ଯୋଗଦେଇ କନିକା ପ୍ରଜା ଆନ୍ଦୋଳନରେ ବାସୁ ସେଠୀ ଓ ବିଶୁନି ମଣ୍ଡୁଆଳଙ୍କ ଅବଦାନକୁ ମନେ ପକାଇଥିଲେ। ଅନ୍ୟତମ ଅତିଥି ଭାବେ ଓଳାଭର ମହାବିଦ୍ୟାଳୟ ଆଇକ୍ୟୁଏସି ସଂଯୋଜକ ରବୀନ୍ଦ୍ର କୁମାର ସେନାପତି ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ, ତ୍ୟାଗ ଓ କଷ୍ଟକର ଜୀବନୀ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇତିହାସ ବିଭାଗୀୟ ମୁଖ୍ୟ ମୁରଲୀଧର କର ପାଠ୍ୟଚକ୍ରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

ପ୍ରାରମ୍ଭରେ ଇତିହାସ ବିଭାଗର ଅଧ୍ୟାପିକା ଡ.ସୁଜାତା ବାରିକ ସ୍ୱାଗତ ଭାଷଣ ରଖିଥିବା ବେଳେ, ଅଧ୍ୟାପକ ଡ. ଅକ୍ଷୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ.ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପାଠ୍ୟଚକ୍ରରେ କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଜିଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ମାନେ ଯୋଗ ଦେଇଥିଲେ ।

# ନିଶା ସେବନରୁ ଦୂରେଇ ରହିବାକୁ ଆହ୍ୱାନ

ଜଗତ୍‌ସିଂହପୁର, ୧।୨ (ପ୍ରମୋଦ କୁମାର ନାୟକ)

ପ୍ରାରମ୍ଭିକ ଅବସ୍ଥାରେ ନିଶା ବର୍ଷା ଭିଜା ଆକାଶର ଇନ୍ଦ୍ରଧନୁ ପରି ପିଲାମାନଙ୍କୁ ଆକର୍ଷିତ କରିଥାଏ। କିନ୍ତୁ ପରବର୍ତ୍ତୀ ସମୟରେ ତାହା ଅନ୍ଧାରର ଦିଗ୍‌ବଳୟ ମଧ୍ୟକୁ ଟାଣି ନେଇଥାଏ। ବିଶେଷକରି କିଶୋର ଅବସ୍ଥାରେ ପିଲାମାନେ ସହଜରେ ନିଶା ସେବନ କରିଥାନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ସେମାନେ ନିଶା କବଳରେ କବଳିତ ହୋଇଯାଇଥାନ୍ତି। ଏହାଦ୍ୱାରା ସେମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼େ। ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ନିଶାମୁକ୍ତ ଯୁବଶକ୍ତି ଶୀର୍ଷକ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ଏହା କହିବା ସହ ପିଲାମାନେ ଏବେଠୁ ନିଶା ସେବନରୁ ଦୂରେଇ ରୁହନ୍ତୁ, ନଚେତ ପରିଣତି ଭୟଙ୍କର ହେବ ବୋଲି ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ଗୌରାଙ୍ଗ ଚରଣ ହୋତା ପୌରୋହିତ୍ୟ କରି ପିଲାମାନଙ୍କୁ ଗାନ୍ଧୀ ମାର୍ଗରେ ରହି ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ପ୍ରେରଣା ଦେଇଥିଲେ। ଆୟୋଜିତ କର୍ମଶାଳାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଦନ୍ତ ବିଶେଷଜ୍ଞ ଡା. ଆଲଫା ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ବୈଜ୍ଞାନିକ, ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ନିଶା ସେବନରକୁ ପରିଣାମ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ କର୍ମଶାଳା ମାଧ୍ୟମରେ ଭବିଷ୍ୟତ ପିଢ଼ିଙ୍କୁ ସୁସ୍ଥ ଓ ସଶକ୍ତ ଜୀବନଧାରା ଦେବା ପାଇଁ ଅଳକା ଆଶ୍ରମ ଲକ୍ଷ୍ୟ ରଖିଥିବା କୁହାଯାଇଥିଲା। କର୍ମଶାଳରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ନିଶା ସେବନ ନ କରିବା ସହ ନିଜ ପରିବେଶକୁ ନିଶାମୁକ୍ତ ରଖିବା ପାଇଁ ଏସ୍‌ପି ଉଦ୍‌ଗାତା ଶପଥ ପାଠ କରାଇଥିଲେ। ମହାବିଦ୍ୟାଳୟର ଅଧକ୍ଷଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଅଧକ୍ଷା ଡ. ମନୋଜା ମଞ୍ଜରୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଜିତୁ ପ୍ରସାଦ ମଲ୍ଲିକ ସ୍ୱାଗତ ଭାଷଣ ଓ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଳକା ଆଶ୍ରମର କୋଷାଧ୍ୟକ୍ଷ ବିଜୟ କୁମାର ରଥ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ପୂର୍ବ ଭାରତର ସାବରମତୀ କୁହାଯାଉଥିବା ଅଳକା ଆଶ୍ରମର ୧୦୩ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଚାରିଦିନିଆ କର୍ମଶାଳା ମହାତ୍ମାଙ୍କ ମାହାତ୍ମ୍ୟ ଆୟୋଜନ ହେଉଛି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିଶାମୁକ୍ତ ଯୁବଶକ୍ତି କାର୍ଯ୍ୟକ୍ରମ

# ଆଜି ବିରାଜିବେ ବୈଷ୍ଣୋଦେବୀ





ନୟାଗଡ଼,୧।୨(ଲୋକନାଥ ମିଶ୍ର)

ଜମ୍ମୁକଶ୍ମୀର ପରେ ଓଡ଼ିଶାରେ ବିରାଜିବେ ବୈଷ୍ଣୋ ଦେବୀ। ୫ଦିନ ଧରି ଚାଲୁ ରହିଥିବା ପ୍ରାଣ ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହେବ। ପୁଣି ରବିବାର ମା'ରାଜରାଜେଶ୍ୱର ବେଶରେ ଦର୍ଶନ ଦେବେ। ୫ଦିନ ଧରି ଚାଲୁ ରହିଥିବା ଯଜ୍ଞର ହେବ ପୂର୍ଣ୍ଣାହୁତି। ଶନିବାର ଶେଷ ହୋଇଛି ମହାସ୍ନାନ ଉତ୍ସବ ଓ ଚଣ୍ଡୀ ହବନ। ଏହି ଅବସରରେ ୫ଦିନ ଧରି ଯାତ୍ରା ଓ ଭଜନ ସମାରୋହ ଚାଲୁ ରହିଛି। ସଂସ୍କୃତିକ ଆସର ଜମିଛି। ଛୋଟ ପିଲାଙ୍କ ପାଇଁ ଦୋଳି ଖେଳର ବ୍ୟବସ୍ଥା ଅଛି। ନୟାଗଡ଼ ଜିଲା ଓଡ଼ଗାଁ ଓ ଶରଣକୁଳ ଥାନାର ସୀମାନ୍ତ ଅଞ୍ଚଳରେ ଥିବା ସଂପୃକ୍ତ ଅଞ୍ଚଳରେ ୨ ଥାନାର ପୋଲିସ ଶାନ୍ତିଶୃଙ୍ଖଳା ପାଇଁ ନିୟୋଜିତ ହୋଇଛନ୍ତି। ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତ ଚୋରଖୋଲ ଅଞ୍ଚଳ ଜାମୁକଣ ମୁଣ୍ଡିଆର ୬୦ ଫୁଟ ଉଚ୍ଚତାରେ ଥିବା ଗୁମ୍ଫାର ୧୮୦ ଫୁଟ ସୁଡଙ୍ଗ ଭିତରେ ବିରାଜିବେ ମା। ନୟାଗଡ଼ ଜିଲା ସଦର ମହକୁମାର ନୟାଗଡ଼ ଠାରୁ ଶରଣକୁଳ ରାସ୍ତାରେ ସୋଲପଟା ଭୁୟାଁଣୀ ରାସ୍ତାରେ ନାଠିଆପଲ୍ଲୀ ଦେଇ ୧୫ କିମି ଗଲେ ମା'ଙ୍କ ପୀଠ ପଡିଥାଏ।

**ଆକର୍ଷଣ କରୁଛି ଗୁମ୍ଫା**

ଜାମୁକୋଣ ମୁଣ୍ଡିଆ ଭିତର ଗୁମ୍ଫା ଆକର୍ଷଣୀୟ ହୋଇଛି। ଗୁମ୍ଫାର ପୁନରୁଦ୍ଧାର କରାଯାଇ ୧୮୦ ଫୁଟର ଏକ ସୁଡ଼ଙ୍ଗ କରାଯାଇଛି। ସୁଡ଼ଙ୍ଗ ଭିତରେ ମଝିରେ ମା'ବୈଷ୍ଣୋଦେବୀଙ୍କ ଆସ୍ଥାନ ରହିଛି। ଆସ୍ଥାନଟି ୧୦ରେ ୧୦ଫୁଟରେ ରହିଛି। ମନ୍ଦିର ଭିତରେ ବୈଷ୍ଣୋଦେବୀ ସାଢ଼େ ୪ ଫୁଟର ରାଜସ୍ଥାନର ମାର୍ବଲ ମୂର୍ତ୍ତିରେ ବିରାଜିବେ। ଗୁମ୍ଫା ଭିତରେ ବୈଷ୍ଣୋଦେବୀଙ୍କ ମନ୍ଦିର ଭିତରକୁ ଯିବାକୁ ହେଲେ ଦକ୍ଷିଣ ଦ୍ୱାରରେ ପ୍ରବେଶ କରି ପୂର୍ବଦ୍ୱାରରେ ପ୍ରସ୍ଥାନ କରିବାକୁ ପଡିବ। ଗୁମ୍ଫା ଭିତରକୁ ଦକ୍ଷିଣ ଦ୍ୱାରରେ ପ୍ରବେଶ ପଥରେ ୫୧ଟି ପାହାଚ ଓ ପୂର୍ବ ଦିଗରେ ପ୍ରସ୍ଥାନ ପଥରେ ୩୪ ପାହାଚ ରହିଛି। ପ୍ରସ୍ଥାନ ଦ୍ୱାର ସମ୍ମୁଖରେ ଆଳତି ମଣ୍ଡପ ଓ ଯଜ୍ଞ ମଣ୍ଡପ ରହିଛି। ସେହିପରି ମନ୍ଦିର ସମ୍ମୁଖରେ ଦୁର୍ଗାଙ୍କ ୧୮ କୁଇଣ୍ଟାଲର ଅଷ୍ଟଭୂଜା ପିତଳ ମୂର୍ତ୍ତି ସ୍ଥାପନ କରାଯାଇଛି। କଣ୍ଟିଲୋରୁ ସେହି ପିତଳ ମୂର୍ତ୍ତି ଅଣାଯାଇଛି। ଅନ୍ୟପକ୍ଷେ ଭୈରନାଥ ଅସୁରର କେବଳ ମୁଣ୍ଡ ବୈଷ୍ଣବ ଦେବୀ ମନ୍ଦିର ନିକଟରେ ପୂଜା ପାଇବେ। ପୁଣି ପାର୍ଶ୍ୱ ଦେବାଦେବୀ, ଯଜ୍ଞ ମଣ୍ଡପ, ମହାବୀର ମନ୍ଦିର, ଅଧିକୁମାରୀ, ଯଜ୍ଞ ମଣ୍ଡପ, ଭୋଗ ଓ ମନ୍ଦିର କାର୍ଯ୍ୟାଳୟ, ଯାତ୍ରୀ ଆଶ୍ରୟସ୍ଥଳ ମଧ୍ୟ ରହିଛି। ତେବେ ପ୍ରାଣ ପ୍ରତିଷ୍ଠା ଯୋଗୁ ଗୁମ୍ଫା ବନ୍ଦ ରହିଛି। ରବିବାର ପୂଜାର୍ଚ୍ଚନା ପରେ ଗୁମ୍ଫାର ଦ୍ୱାର ଖୋଲିବ।



**ସତ ହେଲା ସ୍ୱପ୍ନାଦେଶ**

ମନ୍ଦିର ପ୍ରତିଷ୍ଠାତାଙ୍କ ପରିବାରର ସଦସ୍ୟ କାଜଲ ରାଉତ କୁହନ୍ତି, ସ୍ୱପ୍ନାଦେଶ ସତ୍ୟ ହୋଇଛି। ମୋ ମା'ମମତାଙ୍କୁ ବୈଷ୍ଣୋଦେବୀଙ୍କର ସ୍ୱପ୍ନାଦେଶ ହୋଇଥିଲା। ମା'ଙ୍କ ବାସସ୍ଥଳୀ ଜାମୁକୋଣ ମୁଣ୍ଡିଆ ଗୁମ୍ଫାରେ ବୋଲି ସ୍ୱପ୍ନାଦେଶ ୪ବର୍ଷ ତଳେ ହୋଇଥିଲା। ସ୍ୱପ୍ନାଦେଶ ପରେ ଜାମୁକୋଣ ମୁଣ୍ଡିଆକୁ ଆସି ଖୋଜିବା

## ଶେଷ ହେଲା ମହାସ୍ନାନ ଉତ୍ସବ

ପରେ କିଛି ଜାଣି ହେଲାଣି। ବାରମ୍ବାର ସ୍ୱପ୍ନ ପରେ ସେହି ଗୁମ୍ଫା ଠାବ କରାଯାଇଥିଲା। ପରେ ମନ୍ଦିର ନିର୍ମାଣ କରାଯିବାକୁ ନିଷ୍ପତ୍ତି ହେଲା। ନୟାଗଡ଼ ଓ ମୟୂରଭଞ୍ଜର ୨୦୦କାରିଗରଙ୍କ ସହ ଶ୍ରମିକ କାର୍ଯ୍ୟରେ ନିୟୋଜିତ ହୋଇ ମନ୍ଦିର କାର୍ଯ୍ୟ ଶେଷ କରିଥିଲେ। ଏବେ ପ୍ରାଣ ପ୍ରତିଷ୍ଠା ଉତ୍ସବ ଚାଲିଛି। ମା' ସରସ୍ୱତୀ ପୂଜାରେ ଜାମୁକୋଣ ମୁଣ୍ଡିଆରେ ବିରାଜିବେ। ଏଥିପାଇଁ ଜାମୁକୋଣ ମୁଣ୍ଡିଆ ଚଳଚଞ୍ଚଳ ହୋଇ ପଡିଛି ବୋଲି କହିଥିଲେ। ମନ୍ଦିର ପ୍ରତିଷ୍ଠାତା ଅଜାତି ରାଉତ କୁହନ୍ତି ମା'ଙ୍କ ଆଶୀର୍ବାଦରେ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହୋଇ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ଚାଲୁ ରହିଛି। ମା ସିଂହାସନରେ ବିରାଜିତ ହେବା ପରେ ମେ ମାସରେ ଏକ ବଡ ସାଧୁମେଳା କରାଯିବ। ପ୍ରାଣ ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତିରେ ୧ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେଉଥିବାରୁ ପାହାଡ଼ ପାଦ ଦେଶରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଭକ୍ତଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା ରହିଛି। ପୁଣି ଭକ୍ତଙ୍କ ଯେପରି ଅସୁବିଧା ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଶରଣକୁଳ ଓ ଓଡ଼ଗାଁ ଥାନା ପୋଲିସ ସମସ୍ତଙ୍କ ସହଯୋଗ ଓ ସୁରକ୍ଷା ଦେଉଛନ୍ତି ବୋଲି କହିଛନ୍ତି।


ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୀମାଞ୍ଚଳ



@ ସୁକାନ୍ତ



@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଶ୍ରୀଗୁରୁଦେବଙ୍କ ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୧।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତର ଅକୁରାବନ୍ଧ ଶାନ୍ତି କୁଟୀରରେ ଶୁକ୍ରବାରଠାରୁ ଶ୍ରୀଗୁରୁଦେବଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକ ମହୋତ୍ସବ ଓ ୩୬ତମ ଶ୍ରୀଗୁରୁ ନାମଯଜ୍ଞ, ଅଷ୍ଟପ୍ରହର ନାମଯଜ୍ଞ ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଶୁକ୍ରବାର ସକାଳ ୭ଟାରେ ଘଟ ଆବାହନ, କଳସ ଯାତ୍ରା, ପୂର୍ବାହ୍ନ ୯ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଆସ୍ଥାନ ଷୋଡଶ ଉପଚାର ପୂଜା, ଘୃତଯଜ୍ଞ ଓ ଶ୍ରୀମଦ୍ ଆତ୍ମଗୀତା, ଅଖଣ୍ଡ ଶ୍ରୀଗୁରୁ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅକୁରାବନ୍ଧ ଶାନ୍ତି କୁଟୀର ପକ୍ଷରୁ ୪ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ନିକଟସ୍ଥ ମହାନଦୀରୁ ୨୨୦ କଳସୀ ଜଳ ଆଣି ଯଜ୍ଞବେଦୀରେ ସ୍ଥାପନ କରିଥିଲେ। ସ୍ୱରୁପାନନ୍ଦ ଭଜନ ଅର୍ଘ୍ୟ ଓ ପରେ ପରେ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ସୋହମ ସ୍ୱାମୀ ଏକାଡେମୀ ପକ୍ଷରୁ ସନ୍ଧ୍ୟାରେ ଆୟୋଜିତ ଭଜନ ଅର୍ଘ୍ୟ କାର୍ଯ୍ୟକ୍ରମରେ ବହୁ ସାଧୁ ସନ୍ଥଙ୍କ ସମେତ ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଆଞ୍ଚଳିକ ସଭାପତି ମହେନ୍ଦ୍ର କୁମାର ମହାରଣା, ଆଶ୍ରମର ସଭାପତି ଗୋପୀନାଥ ଲେଙ୍କା, ସମ୍ପାଦକ ଶରତ ସାଥୁଆ, କୋଷାଧ୍ୟକ୍ଷ ଭାଗିରଥୀ ମୁଦୁଲି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂତନ ଗୃହକୁ ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା ଉଦ୍‌ଘାଟନ କରିଥିଲେ।



ଗୁରୁଦେବଙ୍କ ବାର୍ଷିକୋତ୍ସବରେ ଯୋଗଦେଇଥିବା ସାଧୁସନ୍ଥ।

## ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ



ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ସାମିଲ ହୋଇଥିବା ଛାତ୍ରୀମାନେ।

ଶରଣକୁଳ,୧।୨(ଦୀପକ କର)

ଶରଣକୁଳ ମହାବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଉପ୍ରଶିକ୍ଷିକା ବିଷ୍ଣୁପ୍ରିୟା ମହାପାତ୍ର ଏବଂ କରିନା ପ୍ରଧାନ ୮ଦିନ ଧରି ପ୍ରାୟ ୧୫୦ଜଣ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରିଥିଲେ। ସମ୍ପ୍ରତି ଘଟୁଥିବା ଅସଦାଚରଣ, ବଳାତ୍କାର, ଏବଂ ବିଭିନ୍ନ ସ୍ଥାନରେ ମହିଳାମାନଙ୍କୁ ଖରାପ ବ୍ୟବହାରକୁ ମୁକାବିଲା କରିବା ପାଇଁ ଛାତ୍ରୀମାନଙ୍କୁ ପ୍ରଶିକ୍ଷିତ କରାଯାଉଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏହି ଶିବିର ଆୟୋଜିତ ହୋଇଥିଲା। ଉଦ୍ଭିଦବିଜ୍ଞାନ ଅଧ୍ୟାପିକା ମୋନାଲିସା ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଶିବିର ଶେଷ ହୋଇଥିଲା। ଏହାର ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ତ୍ରିନାଥ ପରିଡା, ବସନ୍ତ କୁମାର ରଥ, ଅଧ୍ୟାପିକା ମନୋଜିନୀ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ରୁକୁଣା ରଥ ପାଇଁ ଦଶପଲ୍ଲାରୁ କାଠ ପଠାଗଲା

ଦଶପଲ୍ଲା,୧।୨(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବନାଞ୍ଚଳରୁ ପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଯାତ୍ରା ନିମନ୍ତେ ରୁକୁଣା ରଥ ନିର୍ମାଣ ପାଇଁ ଶୁକ୍ରବାର ରାତିରେ କାଠ ପଠାଯାଇଛି। କାଠଗୁଡିକ ଖପୁରିଆ ମିଲକୁ ଯିବ। ସେଠାରୁ କଟା ଯାଇ ଲିଙ୍ଗରାଜଙ୍କ ମନ୍ଦିର ନିକଟକୁ ଯିବ ବୋଲି ସୂଚନା ମିଳିଛି। ଦଶପଲ୍ଲା ବନ ଉନ୍ନୟନ ନିଗମ ଏସ୍‌ଡିଏମ୍ ଶିବାଶିଷ ଦାଶଙ୍କ ସୂଚନା ଅନୁଯାୟୀ, ଦଶପଲ୍ଲା ବନଞ୍ଚଳର ବିଭିନ୍ନ ଅଞ୍ଚଳରୁ କାଠ ସଂଗ୍ରହ କରାଯାଇଥିଲା । ପଠାଯାଇଥିବା କାଠ ମଧ୍ୟରେ ୧୫ଫୁଟ୍ ଲମ୍ବର ୫ଟି ଶିମିଳି, ୧୦ଫୁଟ୍ ଲମ୍ବ ଓ ୫ ଫୁଟ ଗୋଲେଇ ବେଲ କାଠ ପଠାଯାଇଛି । ଗୋଟିଏ ଟ୍ରକରେ ଏହି କାଠଗୁଡିକ ଯାଇଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି ।



ରୁକୁଣା ରଥ ପାଇଁ ଦଶପଲ୍ଲାରୁ ଭୁବନେଶ୍ୱର ପଠାଯାଇଥିବା କାଠ।

## କଂଗ୍ରେସ ପୋଷ୍ଟର, ବ୍ୟାନର ଜାଳିଲେ ଭାଜପା କର୍ମୀ

ଖଣ୍ଡପଡ଼ା,୧।୨
(ଅଜୟ କୁମାର ମହାରଣା)

ଶୁକ୍ରବାର ସଂସଦରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସମୟରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଦେଇଥିବା ଟିପ୍ପଣୀକୁ କେନ୍ଦ୍ରକରି ଖଣ୍ଡପଡ଼ା ବ୍ଲକ ଅଧିନ କଣ୍ଟିଲୋରେ ଭାଜପା ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ଶୁକ୍ରବାର ରାତିରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସ୍ଥାନୀୟ ଭାଜପା ନେତା, କର୍ମୀମାନେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଛକରେ ଏକତ୍ରୀତ ହୋଇ ସୋନିଆ ଓ ରାହୁଲ ଗାନ୍ଧୀ ମୁର୍ଦ୍ଦାବାଦ, କଂଗ୍ରେସ ଦଳ ଡାଉନ ଡାଉନ ଆଦି ସ୍ଲୋଗାନ ଦେଇଥିଲେ । ଏହାପରେ ସେମାନେ କଂଗ୍ରେସ ବ୍ୟାନର, ପୋଷ୍ଟରକୁ ଜଳାପୋଡା କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାଜପା ଦଳ ପକ୍ଷରୁ ସାମାଜିକ କର୍ମୀ ଅଖିଳ କୁମାର ମହାରଣା, ବାଣପୁର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର, ପ୍ରମୋଦ କୁମାର ଦଳେଇ, ପୂର୍ବତନ ସରପଞ୍ଚ ପ୍ରତାପ କୁମାର ସାହୁ, ରାଜେଶ କୁମାର ସାହୁ, ରାଜେଶ କୁମାସ ଦାସ, ଶୁଭ୍ରାଂଶୁ ମହାରଣା, ସନ୍ତୋଷ କୁମାର ସାହୁ, ସରୋଜ କୁମାର ମହାରଣା, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ।



ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

## କାନପୁର ଟିମ୍ ବିଜୟୀ

**ବରୁଣେଇ ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

ଖଣ୍ଡପଡ଼ା,୧।୨
(ଅଜୟ କୁମାର ମହାରଣା)

କଣ୍ଟିଲୋ ପଲଟନ ପଡ଼ିଆ ମିନିଷ୍ଟାଡିୟମରେ ଅନୁଷ୍ଠିତ ୧୮ତମ ବରୁଣେଇ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଷଷ୍ଠ ଲିଗ୍ ମ୍ୟାଚରେ କାନପୁର କ୍ରିକେଟ୍ କ୍ଲବ ଯାନିସାହି କ୍ରିକେଟ୍ ଟିମ୍‌କୁ ହରାଇ ବିଜୟୀ ହୋଇଛି । ଯାନିସାହି ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ହରାଇ ୯୧ ରନ ସଂଗ୍ରହ କରିଥିଲା । ଜବାବ୍‌ରେ କାନପୁର ଦଳ ୧୨ ଓଭରରେ ୩ ଉଇକେଟ ବିନିମୟରେ ଆବଶ୍ୟକ ୯୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ବିଜୟୀ ଦଳର ନିକୁଳ ସାମଲ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଚନ୍ଦନ ଦଳେଇ ଓ କୁନା ମଲିକ ଖେଳକୁ ପରିଚାଳନା କରିଥିଲେ । ଶେଷଦେବ ବେହେରା ଓ ସୁରଜ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରବିବାର ଶାଳଝରିଆ କ୍ରିକେଟ କ୍ଲବ ସହିତ ଭୋଗଡା କ୍ରିକେଟ କ୍ଲବର ମୁକାବିଲା ହେବ।

**ମା'ଦକ୍ଷିଣକାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ଗଣିଆ ଦଳ ଚାମ୍ପିୟନ

ଗଣିଆ,୧।୨(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ଛାମୁଣ୍ଡିଆ ଖେଳପଡିଆ ଠାରେ ଚାଲୁଥିବା ମା'ଦକ୍ଷିଣକାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଫାଇନାଲ ମ୍ୟାଚରେ ଆୟୋଜକ ଛାମୁଣ୍ଡିଆ (ଖ)କ୍ରିକେଟ୍ ଟିମ୍‌କୁ ୧୨୧ରନରେ ହରାଇ ଗଣିଆ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି । ପ୍ରଥମେ ଟସ୍ ଜିଣି ଗଣିଆ କ୍ରିକେଟ ଟିମ୍ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୧୫ ଓଭରରେ ଗଣିଆ କ୍ରିକେଟ ଟିମ୍ ୫ ଇଉକେଟ ବିନିମୟରେ ୩୩୧ରନ୍ ସଂଗ୍ରହ କରିଥିଲା । ଜବାବ୍‌ରେ ଆୟୋଜକ ଛାମୁଣ୍ଡିଆ (ଖ) କ୍ରିକେଟ ଟିମ୍ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ଘଟି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ରନ୍ ସଂଗ୍ରହ କରି ରନର୍ସ ଅପ୍ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଛାମୁଣ୍ଡିଆ ଗ୍ରାମ ସଭାପତି ରୁଦ୍ରାକ୍ଷ ଦଳେଇ, ସମ୍ପାଦକ ଯଶୋବନ୍ତ ସାହୁ, ଛାମୁଣ୍ଡିଆ ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ନୀରତ ଦଳେଇ, ଶିକ୍ଷକ ବ୍ରଜସୁନ୍ଦର ବେହେରା ଓ ନାରାୟଣ ଦଳେଇ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୫ହଜାର ଓ ରନର୍ସ ଅପ୍ ଦଳକୁ ନଗଦ ୩ ହଜାର ଟଙ୍କା ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ । ସେହିପରି ମ୍ୟାନ ଅଫ୍ ଦି ସିରିଜ ଭାବେ ଗୋପ ଓ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ରାକେଶଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଖେଳ ପରିଚାଳନା କରିଥିଲେ ଶ୍ରୀନିବାସ ଦଳେଇ ଓ ମହେଶ୍ୱର ମାଝୀ।



ଚାମ୍ପିୟନ ଦଳର ଖେଳାଳିଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ୪୯ କର୍ମଚାରୀଙ୍କୁ ବିଶିଷ୍ଟ ରେଳ ସେବା ପୁରସ୍କାର

## ୨୦ ବର୍ଗରେ ରେଳ ମଣ୍ଡଳଙ୍କୁ ଶିଲ୍ଡ ପ୍ରଦାନ



ଭୁବନେଶ୍ୱର,୧।୨
(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରର ରେଳ ଅଡିଟୋରିୟମଠାରେ ବିଶିଷ୍ଟ ରେଳ ସେବା ପୁରସ୍କାର -୨୦୨୪ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୋଟ ୪୯ ଜଣ ରେଳ କର୍ମଚାରୀଙ୍କୁ କାର୍ଯ୍ୟ କ୍ଷେତ୍ରରେ ନିରନ୍ତର ନିଷ୍ଠା ଏବଂ ପରିଶ୍ରମର ସ୍ୱୀକୃତି ପାଇଁ ପୁରସ୍କୃତ କରାଯାଇଛି। ଏହାସହ ବିଭିନ୍ନ ରେଳ ମଣ୍ଡଳ ଏବଂ ରେଳ ୟୁନିଟଗୁଡିକର କାର୍ଯ୍ୟ ଦକ୍ଷତା ପାଇଁ ୨୦ ବର୍ଗରେ ଦକ୍ଷତା ଶିଲ୍ଡ ପ୍ରଦାନ କରାଯାଇଛି। ଉଚ୍ଚମାନର କାର୍ଯ୍ୟ ଓ ସେବା ବଜାୟ ରଖିବାରେ ଆଦର୍ଶ ପ୍ରଦର୍ଶନ ପାଇଁ ସମ୍ବଲପୁର ରେଳ ମଣ୍ଡଳଙ୍କୁ ସାମଗ୍ରିକ ଦକ୍ଷତା ଶିଲ୍ଡ ଦ୍ୱାରା ସମ୍ମାନିତ କରାଯାଇଛି। ସେହିପରି ପରିଷ୍କାର ପରିଚ୍ଛନ୍ନତା ପାଇଁ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅଧୀନରେ ଥିବା ପୁରୀ ଷ୍ଟେଶନକୁ ବଡ଼ ଷ୍ଟେଶନ ସ୍ୱଚ୍ଛତା ଶିଲ୍ଡ ଏବଂ ହରିଦାସପୁର ଷ୍ଟେଶନକୁ ଛୋଟ ଷ୍ଟେଶନ ସ୍ୱଚ୍ଛତା ଶିଲ୍ଡ ମିଳିଛି।

ସମାରୋହରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ସେ ରେଳ କର୍ମଚାରୀଙ୍କୁ ସେମାନଙ୍କ ପ୍ରତିବଦ୍ଧତା ଏବଂ ଦାୟିତ୍ୱ ସମ୍ପାଦନ କରିବାରେ ଅତୁଳନୀୟ ଉଦ୍ୟମ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଦଳଗତ କାର୍ଯ୍ୟର ଗୁରୁତ୍ୱ ଉପରେ ଫୁଙ୍କୱାଲ ଗୁରୁତ୍ୱାରୋପ କରିବା ସହ କାର୍ଯ୍ୟକ୍ଷମତା ହାସଲ କରିବାରେ ନିରନ୍ତର ଉତ୍ସର୍ଗୀକୃତ ରହିବାକୁ ସେ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ)ର ସଭାପତି କବିତା ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ସମସ୍ତ ବିଭାଗୀୟ ପ୍ରମୁଖ ଓ ବରିଷ୍ଠ ଅଧିକାରୀଙ୍କ ସମେତ ରେଳ ମଣ୍ଡଳର ପ୍ରବନ୍ଧକମାନେ ଯୋଗ ଦେଇଥିଲେ। ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ବି. କେ. ମିଶ୍ର ଅତିଥିଙ୍କୁ ସ୍ୱାଗତ କରିବା ସହ ପୁରସ୍କାରର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଉପ ମହାପ୍ରବନ୍ଧକ କେ. କେ. ଖାଡ଼ଙ୍ଗା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବଲିଉଡ୍‌ରେ ଗ୍ରୁପିଜମ୍ ରହିଛି: ଅଙ୍କିତା



ଅଙ୍କିତା ଲୋଖାଣ୍ଡେ

**ମୁମ୍ବାଇ:** ଅଭିନେତ୍ରୀ ଅଙ୍କିତା ଲୋଖାଣ୍ଡେ ଓ ତାଙ୍କ ସ୍ୱାମୀ ତଥା ଅଭିନେତା ଭିକି ଜୈନ ସମ୍ପ୍ରତି 'ଲାଫ୍ଟର ଶେଫ୍ ୨' ଶୋ'ରେ ଧମାଲ ମଚାଉଛନ୍ତି। ଦୁହେଁ ଶନିବାର ୟୁଟ୍ୟୁବର ତଥା 'ବିଗବସ୍ ଓଟିଟି ୨'ର ବିଜେତା ଏଲଭିଶ ଯାଦବଙ୍କ ପୋଡ୍‌କାଷ୍ଟକୁ ଯାଇ ବିଭିନ୍ନ ପ୍ରସଙ୍ଗରେ ନିଜ ମତ ରଖିଛନ୍ତି। ଏହି ସାକ୍ଷାତ୍‌କାରରେ ଅଙ୍କିତା ବଲିଉଡ୍‌ରେ ଗ୍ରୁପିଜମକୁ ନେଇ କେତେକ ଆଶ୍ଚର୍ଯ୍ୟଜନକ କଥା କହିଛନ୍ତି।

ବଲିଉଡ୍ ଇଣ୍ଡଷ୍ଟ୍ରିରେ କେତେଜଣ ଅଭିନେତ୍ରୀ ଓ ଅଭିନେତାଙ୍କ ପକ୍ଷପାତିତାର ସାମ୍ନା କରିବାକୁ ପଡ଼ିଥାଏ କି ବୋଲି ଏହି ସାକ୍ଷାତ୍‌କାରରେ ଏଲଭିଶ ଅଙ୍କିତାଙ୍କୁ ପଚାରିଥିଲେ। ଉତ୍ତରରେ ଅଙ୍କିତା କହିଥିଲେ ବଲିଉଡ୍‌ର ଏପରି ଅନେକ ପ୍ରଯୋଜକ ଓ ନିର୍ଦ୍ଦେଶକ ରହିଛନ୍ତି, ଯେଉଁମାନେ ପୂର୍ବରୁ ଜାଣିଥିବା ଲୋକଙ୍କ ସହ କାମ କରିବାକୁ ପସନ୍ଦ କରିଥାନ୍ତି। ଇଣ୍ଡଷ୍ଟ୍ରିରେ ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ନିଜ ଲୋକଙ୍କୁ ଆଗକୁ ନେବାକୁ ସର୍ବଦା ଚାହିଁଥାନ୍ତି। ନିଶ୍ଚିତ ଭାବେ ବଲିଉଡ୍‌ରେ ଗ୍ରୁପିଜମ୍ ରହିଛି। ଫିଲ୍ମ ନିର୍ମାତା କରନ୍ ଜୋହରଙ୍କୁ ଇଙ୍ଗିତ କରି କହୁଛନ୍ତି କି ବୋଲି ଏହି ସମୟରେ ଏଲ୍‌ଭିଶ ଅଙ୍କିତାଙ୍କୁ ପଚାରିଥିଲେ। ଉତ୍ତରରେ ଅଙ୍କିତା କହିଥିଲେ, କେବଳ କରନ ନୁହଁନ୍ତି, ବଲିଉଡ୍‌ରେ ଅଧିକାଂଶଙ୍କର ନିଜସ୍ୱ ଗୋଷ୍ଠୀ ରହିଛି। ଏହି ସାକ୍ଷାତ୍‌କାରରେ ଅଙ୍କିତାଙ୍କ ସ୍ୱାମୀ ଭିକି କହିଛନ୍ତି, ବଲିଉଡ୍ ଇଣ୍ଡଷ୍ଟ୍ରିରେ ଲୋକମାନେ ପୂର୍ବରୁ ଜାଣିଥିବା ଲୋକଙ୍କ ସହ କାମ କରିବାକୁ ପସନ୍ଦ କରନ୍ତି। ତେଣୁ ଯେତେ ପ୍ରତିଭା ଥିଲେ ମଧ୍ୟ ସେମାନେ କୌଣସି ଆଉଟ୍‌ସାଇଡରଙ୍କୁ ସୁଯୋଗ ଦେବାକୁ ଚାହାଁନ୍ତି ନାହିଁ। ଫିଲ୍ମ ନିର୍ମାତା ସନ୍ଦୀପ ସିଂଙ୍କ ଆଗାମୀ ୱେବ୍ ସିରିଜ 'ଆମ୍ରପାଲୀ ମେଁ ପ୍ରାଚୀନ ବୈଶାଲୀ କି ଏକ୍ ଶାହୀ ନର୍ତ୍ତକୀ'ରେ ଆଇକନିକ୍ ଆମ୍ରପାଲୀ ଭୂମିକାରେ ଅଙ୍କିତା ନଜରକୁ ଆସିବେ।

# ଠକେଇ ମାମଲା: ଭୁବନେଶ୍ୱରରୁ ବ୍ୟାଙ୍କ ଅଧିକାରୀଙ୍କୁ ଉଠାଇନେଲା ଦିଲ୍ଲୀ ପୋଲିସ

ଭୁବନେଶ୍ୱର,୧।୨
(ସୂର୍ଯ୍ୟକାନ୍ତ ବେହେରା)

ଏକ ଠକେଇ ମାମଲାରେ ଦିଲ୍ଲୀ ପୋଲିସ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ସ୍ଥାନୀୟ ପୋଲିସ ସହାୟତାରେ ଏକ ଘରୋଇ ବ୍ୟାଙ୍କର ଜଣେ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କୁ ଉଠାଇ ନେଇଛି। ମିଳିଥିବା ସୂଚନା ଅନୁସାରେ, ଦିଲ୍ଲୀର ଜଣେ ଜମାକାରୀ ଏକ ଘରୋଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ଗତ କିଛିଦିନ ହେବ ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠୁଥିବା ସେ ଦିଲ୍ଲୀର ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ଦିଲ୍ଲୀ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ମାମଲାରେ ଜଣେ ବଙ୍ଗୀୟ ଦଲାଲଙ୍କୁ ଗିରଫ କରାଯାଇ ତାଙ୍କୁ ପଚରାଉଚରା ବେଳେ ଏଥିରେ ଓଡ଼ିଶା ଲିଙ୍କ୍ ଜଣାପଡ଼ିଥିଲା। ଟଙ୍କା ଟ୍ରାନ୍ସଫର ହୋଇଥିବା ବ୍ୟାଙ୍କ୍ ଆକାଉଣ୍ଟ ଖଣ୍ଡଗିରିସ୍ଥିତ ଏକ ଘରୋଇ ବ୍ୟାଙ୍କ୍‌ର ବୋଲି ଜଣାପଡ଼ିଥିଲା। ତେବେ ତଦନ୍ତବେଳେ ଗିରଫ ବଙ୍ଗୀୟ ଯୁବକ ଜଣକ ଖଣ୍ଡଗିରିସ୍ଥିତ ବ୍ୟାଙ୍କରେ ଜାଲ୍ କାଗଜପତ୍ର ଦେଇ ଉକ୍ତ ଆକାଉଣ୍ଟ ଖୋଲିବା ସହ ଏକ ଡେବିଟ୍ କାର୍ଡ ନେଇଥିଲେ। ଉକ୍ତ ଡେବିଟ୍ କାର୍ଡକୁ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର ଇସ୍ୟୁ କରିଥିଲେ। ଉକ୍ତ ଆକାଉଣ୍ଟରୁ ପ୍ରାୟ ୧ କୋଟିରୁ ଅଧିକ ଟଙ୍କା ଉଠିଥିବା ଜଣାପଡିଛି। ଏପଟେ ବଙ୍ଗୀୟ ଦଲାଲ ଜଣକ ଖଣ୍ଡଗିରିରେ କିପରି ବ୍ୟାଙ୍କ୍ ଆକାଉଣ୍ଟ ଖୋଲି ଡେବିଟ୍ କାର୍ଡ ପାଇଥିଲେ ସେନେଇ ଅଧିକ ତଦନ୍ତ ଚାଲିଛି। ଏଥିରେ ଏହି ବ୍ୟାଙ୍କ୍ ଅଧିକାରୀଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତି ଅଛି କି ନାହିଁ ଓ କେତେ ଜାଲ୍ ଡେବିଟ୍ କାର୍ଡ କରାଯାଇଛି ସେ ନେଇ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି।


DEPUTY DIRECTOR
NANDANKANAN ZOOLOGICAL PARK
P.O-BARANG, DIST-KHURDA, PIN-754005
PHONE-(M) 9437022023
Email: deputydirector.kanan@gmail.com
NANDANKANAN
Web:www.nandankanan.org

No.MM-450 **e-PROCUREMENT NOTICE**
Tender No.DD-NKN-_57_/PMU/NKZP-2024-25, Dt.31.01.2025

| | | | |
|---|---|---|---|
| 1 | Name of the Work | : | Tender for construction of Road and Drain in front of Zoo Library to Zoo Veterinary Hospital inside Nandankanan Zoological Park for the year 2024-2025. |
| 2 | No. of Works | : | 1 (One) No. |
| 3 | Date of availability of bid document in the portal | : | 01.02.2025 |
| 4 | Class of Contractor | : | 'A' and 'B' Class Contractor |
| 5 | Last date for receipt of bids in the portal | : | 07.02.2025 upto 5.00 P.M. |
| 6 | Date of Pre-Bid Meeting | : | 04.02.2025 at 11.30 A.M. |
| 7 | Date of Opening of Technical Bid (Cover-I) | : | 10.02.2025 at 10.00 A.M. |
| 8 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https//tenderodisha.gov.in.
Sd./- Deputy Director
Nandankanan Zoological Park
OIPR-08070/11/0041/2425



No.MM-449
ଓଡ଼ିଶା ସରକାର
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

**ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର : ୨୦୨୪-୨୫**

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପରିବେଶ ସଂରକ୍ଷଣ ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ଗ୍ରାମ/ ଶିକ୍ଷାନୁଷ୍ଠାନ/ ରେଜେଷ୍ଟ୍ରିଭୁକ୍ତ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବା ପାଇଁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଏ । ଆସନ୍ତା **୫ ଜୁନ୍, ୨୦୨୫ ବିଶ୍ୱ ପରିବେଶ ଦିବସ**ରେ ପ୍ରତି ବ୍ଲକରୁ ଏକ ଗ୍ରାମ/ ଶିକ୍ଷାନୁଷ୍ଠାନ/ ରେଜେଷ୍ଟ୍ରିଭୁକ୍ତ ସଂସ୍ଥାକୁ ମାନପତ୍ର ସହ ଟ୨୦,୦୦୦/- (କୋଡ଼ିଏ ହଜାର ଟଙ୍କା) **"ପ୍ରକୃତି ମିତ୍ର"** ପୁରସ୍କାର ଏବଂ ଜଣେ ବ୍ୟକ୍ତିଙ୍କୁ ମାନପତ୍ର ସହ ଟ୧୦,୦୦୦/- (ଦଶ ହଜାର ଟଙ୍କା) **"ପ୍ରକୃତି ବନ୍ଧୁ"** ପୁରସ୍କାର ପ୍ରଦାନ କରାଯିବ । ମନୋନୟନ ଫର୍ମର ନମୁନା ତଥା ନିୟମାବଳୀ Centre for Environmental Studies (CES) ର Website www.cesodisha.org ରୁ ବା ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସମ୍ପାଦକ କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ **ତା୦୧/୦୨/୨୦୨୫ରିଖରୁ ୨୮/୦୨/୨୦୨୫ରିଖ** ମଧ୍ୟରେ ମିଳିପାରିବ । ନିର୍ଦ୍ଧାରିତ ଫର୍ମରେ ମନୋନୟନଗୁଡିକ ଆନୁସଙ୍ଗିକ ପ୍ରମାଣପତ୍ର ସହ **ତା୨୮/୦୨/୨୦୨୫ରିଖ** ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳ / ସମ୍ପାଦକ, ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ
OIPR-08010/11/0002/2425


# ଲୋକଙ୍କୁ ସୁବିଧା ଯୋଗାଇବା ପ୍ରାଥମିକ ଲକ୍ଷ୍ୟ

## ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ



**ଅଶୋକ କୁମାର ଦାସ-ବାସୁଦେବପୁର (ଭଦ୍ରକ)**

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ଅଶୋକ କୁମାର ଦାସ। ୨୦୨୪ ନିର୍ବାଚନରେ ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ବିଷ୍ଣୁବ୍ରତ ରାଉତରାୟଙ୍କୁ ୬୩୧ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ଅଶୋକ ୭୭,୮୪୩ ଖଣ୍ଡ ଭୋଟ୍ ପାଇଥିବାବେଳେ ବିଷ୍ଣୁବ୍ରତଙ୍କୁ ୭୭,୨୧୨ ଭୋଟ୍ ମିଳିଥିଲା। ଦୀର୍ଘ ୩୪ ବର୍ଷର ବ୍ୟବଧାନ ପରେ କଂଗ୍ରେସ ଏଠାରେ ବିଜୟୀ ହୋଇଥିବା ବେଳେ ଭଦ୍ରକ ଜିଲାରୁ ଦଳ ଏକମାତ୍ର ଆସନ ପାଇଛି।

୧୯୬୭ ଫେବୃଆରୀ ୨୮ରେ ବାଲେଶ୍ୱର ଜିଲା ନୀଳଗିରି ଟାଉନରେ ଅଶୋକ ଜନ୍ମଗ୍ରହଣ କରିଥିଲେ। ହେଲେ ବାସୁଦେବପୁର ପୌରପାଳିକାର ନିଉଇଣ୍ଡିଆ ସାହିରେ ତାଙ୍କ ଘର। ମାତା ସାବିତ୍ରୀଲତା ଦାସ ଓ ପିତା ସ୍ୱର୍ଗତ ନିତ୍ୟାନନ୍ଦ ଦାସ। ପିତା ପୂର୍ବତନ ବିଦ୍ୟୁତ୍ କର୍ମଚାରୀ ଥିଲେ। ୪ ଝିଅ, ୨ ପୁଅଙ୍କ ମଧ୍ୟରେ ଅଶୋକ ଦ୍ୱିତୀୟ। ଛାତ୍ର ଜୀବନରୁ ସାମାଜିକ କାର୍ଯ୍ୟରେ ସେ ନିଜକୁ ଜଡ଼ିତ କରିଥିବା ବେଳେ ଲୋକଙ୍କ ସହ ଯୋଡ଼ି ହେବା ଏବଂ କୁସ୍ତି କସରତରେ ପସନ୍ଦ ରଖିଥିଲେ। ପିତାଙ୍କ ଚାକିରି ଯୋଗୁ ନୀଳଗିରିରେ ରହିବା ସମୟରେ ସେଠାରେ ତାଙ୍କର ପ୍ରାଥମିକ ଶିକ୍ଷା ସମାପ୍ତ ହୋଇଥିଲା। ସେ ସ୍ନାତକୋତ୍ତର କରିବା ସହ ଆଇନରେ ଡିଗ୍ରୀ ହାସଲ କରିଛନ୍ତି। ୧୯୮୮-୮୯ ଶିକ୍ଷାବର୍ଷରେ ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟରେ ଛାତ୍ରସଂସଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୧୯୯୦ରେ ବାସୁଦେବପୁର ନିର୍ବାଚନମଣ୍ଡଳୀର ଛାତ୍ର କଂଗ୍ରେସ ସଭାପତି ଓ ପରେ ନଗର କଂଗ୍ରେସ ସଭାପତି ଭାବେ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୨୦୧୩ରେ ସେ ୧୬ନଂ. ୱାର୍ଡରୁ କାଉନସିଲର ଭାବେ ନିର୍ବାଚିତ ହୋଇ ଏନ୍ଏସି ଅଧ୍ୟକ୍ଷ ହୋଇଥିଲେ। ତାଙ୍କ ପ୍ରଚେଷ୍ଟାରେ ବାସୁଦେବପୁର ଏନ୍ଏସି ପୌରପାଳିକା ମାନ୍ୟତା ପାଇବା ପରେ ପୌରାଧ୍ୟକ୍ଷ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ୨୦୧୭ରେ ପିସିସି ପକ୍ଷରୁ ତାଙ୍କୁ ଭଦ୍ରକ ଜିଲା ସଭାପତି ଦାୟିତ୍ୱ ଦିଆଯାଇଥିଲା। ୨୦୨୦ରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ପ୍ରଥମଥର ପାଇଁ ବାସୁଦେବପୁରରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ୨୦୨୩ରେ ପୁନର୍ବାର ତାଙ୍କୁ ଜିଲା ସଭାପତି ଦାୟିତ୍ୱ ମିଳିଥିଲା। ୨୦୨୪ ନିର୍ବାଚନ ଜିତିବା ପରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଦଳ ପକ୍ଷରୁ ବିଧାନସଭାରେ ତାଙ୍କୁ ବିଧାୟକ ଦଳ ଉପନେତା ଦାୟିତ୍ୱ ଦିଆଯାଇଛି। ଅଶୋକ ହାଇସ୍କୁଲ ଛକ କାଳୀ କମିଟିର ପ୍ରତିଷ୍ଠାତା ସମ୍ପାଦକ, ଜଣେ ସଫଳ କ୍ରୀଡ଼ାବିତ୍ ଓ କୁସ୍ତିବିତ୍ ଭାବେ ଜଣାଶୁଣା।

### ବିଧାୟକ କହନ୍ତି

ବାସୁଦେବପୁର ନିର୍ବାଚନମଣ୍ଡଳୀର ବିକାଶ ଓ ନିର୍ବାଚନମଣ୍ଡଳୀକୁ ଦୁର୍ନୀତିମୁକ୍ତ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଛନ୍ତି। ସାଧାରଣ ଜନତା କିପରି ନ୍ୟାୟ ପାଇବେ ଓ ସରକାରୀ ସୁବିଧା ସୁଯୋଗ ଲାଭ କରିପାରିବେ ତାହା ତାଙ୍କର ପ୍ରାଥମିକତା ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କଠାରୁ ପ୍ରେରଣା ପାଇ ସେ ରାଜନୀତିରେ ସାମିଲ ହୋଇଥିଲେ ବୋଲି କହିଛନ୍ତି।

ରିପୋର୍ଟ: ନାରାୟଣ ପ୍ରସାଦ ବାରିକ୍, ବାସୁଦେବପୁର

# ଫେବୃଆରୀ ଆରମ୍ଭରୁ ଗ୍ରୀଷ୍ମ

## ୩୫.୬ ଡିଗ୍ରୀରେ ପାରଳାଖେମୁଣ୍ଡି

ଭୁବନେଶ୍ୱର,୧।୨
(ଅନୁରାଧା ମହାରଣା)

ଫେବୃଆରୀ ଆରମ୍ଭରୁ ପାରଦ ଉପରମୁହାଁ ହୋଇଛି। ହଠାତ୍ ଗ୍ରୀଷ୍ମର ଅନୁଭବ ଲୋକଙ୍କ ମନରେ ଆଗାମୀ ସ୍ଥିତିକୁ ନେଇ ଶଙ୍କା ପଶିଛି। ଦିନରେ ଟାଇଁଟାଇଁ ଖରା ହୋଇଥିବାବେଳେ ରାତି ତାପମାତ୍ରାରେ ଯଥେଷ୍ଟ ବୃଦ୍ଧି ଘଟିଛି। ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ୩୬ ଡିଗ୍ରୀ ମୁହାଁ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଦିନକରେ ତାପମାତ୍ରା ୩ ଡିଗ୍ରୀରୁ ଅଧିକ ବଢ଼ିଛି। ଶନିବାର ପାରଳାଖେମୁଣ୍ଡିରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୫.୬ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡା ୩୫.୨ ଡିଗ୍ରୀ, ବଲାଙ୍ଗୀର ୩୫ ଡିଗ୍ରୀ, ସମ୍ବଲପୁର ୩୪.୭ ଡିଗ୍ରୀ, ହୀରାକୁଦ ୩୪.୭ ଡିଗ୍ରୀ, ଭବାନୀପାଟଣାରେ ୩୪ ଡିଗ୍ରୀ ସେଲ୍‌ସିୟସ ରହିଥିଲା। ସେହିଭଳି ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଶୁକ୍ରବାର ଏହା ୧୨ ଡିଗ୍ରୀ ରହିଥିଲା।

ଅନ୍ୟପକ୍ଷରେ ଉପକୂଳ ଓଡ଼ିଶାରେ କୁହୁଡି ଜାରି ରହିଛି। କଟକ, ଯାଜପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, କନ୍ଧମାଳ ଓ ଅନୁଗୋଳରେ ଘନକୁହୁଡ଼ି ଜନଜୀବନକୁ ପ୍ରଭାବିତ କରିଛି। ଆଗାମୀ ୨ଦିନ ମଧ୍ୟ କୁହୁଡ଼ି ପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଢେଙ୍କାନାଳ, ଯାଜପୁର, ଅନୁଗୋଳ, କେନ୍ଦୁଝରଗଡ଼, ଖୋର୍ଦ୍ଧା, କଟକ, ନୟାଗଡ଼, ଗଞ୍ଜାମ, ଗଜପତି ଓ କନ୍ଧମାଳରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ ବୋଲି ସୂଚନା ଦିଆଯାଇଛି।


ODISHA MARITIME BOARD
ADVERTISEMENT
JOB VACANCY

**No.JJ-47:** The previous recruitment process for the post of Chief Executive Officer (CEO), Chief Nautical Officer (CNO), General Manager (Projects and Business Development) and General Manager (HR & IT/Communications) of the Odisha Maritime Board stands cancelled.
Applications are invited for the engagement of Chief Nautical Officer & General Manager (HR & IT/ Communications) at Odisha Maritime Board, Government of Odisha within Ten (10) days from the date of publication of the advertisement.
For more details, please refer to the website **https://ct.odisha.gov.in/.**
OIPR-38035/11/0018/2425



GOVERNMENT OF ODISHA
DEPARTMENT OF WATER RESOURCES
No.A-1005 e-Procurement Notice No. e-CHID-02/2024-25

| | | | |
|---|---|---|---|
| 1. | Name of Work | : | Flood protection work |
| 2. | Total No. of Work | : | 15 (Fifteen) |
| 3. | Estimated Cost | : | Rs.26.46 Lakhs to 49.99 Lakhs |
| 4. | Period of Completion | : | (04) Four Calendar Months |
| 5. | Date & Time of availability of Bid document in the Portal | : | 10.00 hours of 01.02.2025 to 17.00 hours 11.02.2025 |
| 6. | Last date/time for receipt of Bids in the Portal | : | 11.02.2025 upto 17.00 Hours |
| 7. | Date and Place of Opening of Bid | : | Dt.12.02.2025 at 11.00 Hours in the Office of the Superintending Engineer, Chikiti Irrigation Division, Berhampur |
| 8. | Date of Lottery | : | 15.02.2025 at 11.00 A.M. |
| 9. | Name and address of the O.I.T. (Officer Inviting Tender) | : | Superintending Engineer, Chikiti Irrigation Division, Berhampur |

Further details can be seen from the e-Procurement Portal "https://tendersodisha.gov.in"
Sd./- Superintending Engineer,
Chikiti Irrigation Division, Berhampur
OIPR-32115/11/0002/2425



DISTRICT PROJECT OFFICE
SAMAGRA SHIKSHA, MALKANGIRI
Letter No.762/2025 Dated 30.01.2025

TENDER CALL NOTICE

**No.n-202:**Sealed Tenders are invited by the undersigned in the prescribed format from the reputed & credible Printers/ Firms/ Agencies having valid Adhar Udyoj Registration printing works, office as well as printing setup in the State of Odisha, Valid PAN, Valid GST Registration under Odisha GST (OGST) Act, for printing and supply of MLE Text Book (Bonda & Koya. (Class I to V) and Didayi (Class I to IV) for the year 2025-26. The Tender Papers containing detailed specification with terms and conditions can be downloaded from Malkangiri District website i.e. **http://malkangiri.odisha.gov.in. The tender paper along with required documents must be submitted in the prescribed tender paper**. The last date for receipt of tender paper is **17.02.2025 up to 5.00 PM** through Regd, Post or Speed post only, which will be opened on **18.02.2025 at 04,00 PM** in presence of District Level Committee and Tenderer or their authorized persons. **The tender received after 5.00 PM of 17.02.2024 shall not be entertained**.
The undersigned reserves every right to reject any or all the tenders without assigning, any reason thereof.
By order of Collector-cum-Chairman,
Sd./- DEO-cum-DPC,
Samagra Shiksha, Malkangiri
OIPR-27064/11/0008/2425



PANCHAYAT SAMITI BARIPADA
TENDER CALL NOTICE

**No.i-459:** BDO, Baripada invites sealed tender on behalf of Govt. of Odisha for the following work in conformity with the DTCN BID Identification No.23-2024-25/BDO, Baripada.
Name of the Work: "Construction of GPLF Building with Market Complex at Budhikhamari"
Date of Receipt of Tender: 31.01.2025 at 10.30 AM to 10.02.2025 upto 5.00 PM via Drop Box at Block Office.
Date of Opening of Tender: 11.02.2025, 11 AM in the Conference Hall of BDO, Baripada.
Terms and Conditions: Details of the Bid documents can be downloaded from the official website of the district (www.mayurbhanj.nic.in) from 31.01.2025 to 10.02.2025. All the terms and conditions can be seen from the above website.
OIPR-19109/11/0006/2425 Sd./- Block Development Officer, Baripada



NOTICE INVITING TENDER
OFFICE OF THE DISTRICT MANAGER
ODISHA STATE CIVIL SUPPLIES CORPORATION LTD. (OSCSC)
DISTRICT - JHARSUGUDA
PHONE NO. - 9438200044
DISTRICT WEBSITE - jharsuguda.odisha.gov.in
TENDER NO. 388 DT. 30.01.2025
**Cost of Tender Document : Rs.11800/- Inclusive of GST.**
**No.CAD-2423** : Online Tenders are invited from eligible bidders for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).

| Sl No. | Activity | Timeline |
|---|---|---|
| 1 | Availability of Tender Documents | From Dt. 31.01.2025 |
| 2 | Pre-bid Conference of Tendereres | On Dt.06.02.2025 at 04.00 P.M. in the Office Chamber of CSO-cum-DM, OSCSC Ltd., Jharsuguda |
| 3 | Last Date for online submission of completed tender documents with enclosures | Through e-Procurement Portal : www.tendersodisha.gov.in upto 05.30 P.M. on Dt.14.02.2025 |
| 4 | Date of Technical Bid Opening | On Dt.15.02.2025 at 11.00 A.M. in the Office Chamber of ADM (General), Jharsuguda |
| 5 | Date of Submission of original documents by the tenders in support of scanned copies uploaded in the portal for verification by District Office | |
| 6 | Technical Bid evaluation, approval of the meeting proceedings, uploading of the outcome of Technical Bid evaluation in the portal and declaration of date of Financial Bid opening through portal | On Dt.17.02.2025 at 11.00 A.M. in the Office Chamber of ADM (General), Jharsuguda |
| 7 | Date of Opening of Financial Bids (Only of Technically Qualified Tenders) | To be Announced after Technical Bid |
| 8 | Financial Bid Evaluation Approval of meeting proceeding and uploading of the outcome of financial bid evaluation in the portal | |
| 9 | Award of Contract | |
| 10 | Execution of Agreement by the successful lowest (L-I) Tenderer | Immediately |

NB :-
1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement portal www.tendersodisha.gov.in along with district website. Amendments / Corrigendum / Cancellation / retenders etc. If any shall be published only in above websites.

Sd./- CSO-cum-District Manager
OSCSC Ltd., Jharsuguda
OIPR-07011/11/0001/2425






## ବଜେଟରେ ଓଡ଼ିଶାକୁ ଅଣଦେଖା



ଚଳିତ ବଜେଟରେ ଯୁବବର୍ଗଙ୍କ ପାଇଁ ରୋଜଗାର ଯୋଗାଇଦେବା ସମ୍ପର୍କରେ କିଛି ନାହିଁ। ସେହିପରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ବର୍ଦ୍ଧିତ ଦରଦାମ୍ ପାଇଁ ଜନସାଧାରଣ ବିଭିନ୍ନ ସମସ୍ୟା ଭୋଗୁଥିବାବେଳେ ବଜେଟରେ ଏହାର ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇ ନାହିଁ। ସେହିପରି ଓଡ଼ିଶାକୁ ସ୍ପେଶାଲ କାଟାଗୋରି ଷ୍ଟାଟସ୍ ପ୍ରଦାନ ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲେ ହେଁ ଏଥର ବଜେଟରେ ସେ ନେଇ କୌଣସି ପ୍ରାବଧାନ ନାହିଁ। ବଜେଟରେ ଅନ୍ୟ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ପ୍ରାବଧାନ ମିଳିଥିଲେ ହେଁ, ଓଡ଼ିଶାର ନ୍ୟାଯ୍ୟ ଦାବିଗୁଡ଼ିକୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଅଣଦେଖା କରିଛନ୍ତି।

- ନବୀନ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ

## 'ଅଭିବୃଦ୍ଧି ଓ 'ସର୍ବସମାବେଶୀ'ର ଗଣିତକୁ ନେଇ ବିକାଶର ଖସଡ଼ା ପ୍ରତିଫଳିତ



ଚଳିତ ଆର୍ଥିକ ବର୍ଷ ପାଇଁ ଆଗତ ହୋଇଥିବା କେନ୍ଦ୍ର ବଜେଟ ସମ୍ପୂର୍ଣ୍ଣ ଭାବେ ମଧ୍ୟବିତ୍ତ, ଅନ୍ନଦାତା, ମହିଳା ଓ ଯୁବକଙ୍କ ଉନ୍ନତ ଜୀବନଧାରଣ ସହିତ ବିକଶିତ ଭାରତ ଆକାଂକ୍ଷାକୁ ପ୍ରତିପାଦିତ କରିଛି। 'ଅଭିବୃଦ୍ଧି ଓ 'ସର୍ବସମାବେଶୀ'ର ଗଣିତକୁ ନେଇ ବିକାଶର ଖସଡ଼ା ପ୍ରତିଫଳିତ ହୋଇଛି। ବଜେଟରେ ଆୟକର ରିହାତିସ୍ତରକୁ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ଦ୍ୱାରା ମଧ୍ୟବିତ୍ତ ବିଶେଷ ଭାବେ ଉପକୃତ ହେବେ। ଏହା ଘରୋଇ ଉପଭୋକ୍ତା ବ୍ୟୟ ଏବଂ ନିବେଶ ବଢ଼ାଇ ଅର୍ଥନୈତିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ। ସେହିପରି ବଜେଟରେ କୃଷକ, ଗରୀବ, ମଧ୍ୟବିତ୍ତବର୍ଗ, ମହିଳା ଏବଂ ଶିଶୁଙ୍କ ଶିକ୍ଷା, ପୃଷ୍ଟିସାର ଏବଂ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଷ୍ଟାର୍ଟଅପ୍, ନବସୃଜନ ଏବଂ ନିବେଶ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇଛି। ବିଶେଷ ଭାବେ 'ପର୍ଯ୍ୟଟନ', 'ଦେଶର ୧୦୦ ଜିଲା ପାଇଁ ଧନଧାନ୍ୟ କୃଷି ଯୋଜନା', 'କିଷାନ କ୍ରେଡିଟ ସୀମାକୁ ୩ ଲକ୍ଷରୁ ୫ଲକ୍ଷକୁ ବୃଦ୍ଧି କରିବା', 'ଜନଜାତି ଓ ଦଳିତ ମହିଳାଙ୍କ ନିମନ୍ତେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସ୍କିମ୍', 'ମହିଳା ଓ ଶିଶୁଙ୍କ ନିମନ୍ତେ ସକ୍ଷମ ଅଙ୍ଗନବାଡି ଏବଂ ପୋଷଣ ୨.୦ ଯୋଜନା' ଭଳି ଅନେକ ଯୋଜନାରୁ ଓଡ଼ିଶା ସର୍ବାଧିକ ଉପକୃତ ହେବ।

- ମନମୋହନ ସାମଲ, ଭାଜପା ରାଜ୍ୟ ସଭାପତି

## ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଇ ନାହିଁ



ବଜେଟରେ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଇ ନାହିଁ। କେନ୍ଦ୍ରୀୟ ପାଣ୍ଠିକୁ ସୁଷମ ଭାବେ ବଣ୍ଟନ କରାଯାଇ ନାହିଁ। ଫଳରେ ଲୋକଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି। ଡବଲ ଇଞ୍ଜିନ ଲୋଭରେ ପଡ଼ି ଲୋକ ଭାଜପାକୁ ଏଠାକୁ ଆଣିଥିଲେ। କେନ୍ଦ୍ର ଏବଂ ରାଜ୍ୟରେ ଭାଜପା ସରକାର ଆସିଲେ ବେରୋଜଗାରୀ ହଟିବା ସହ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଇଥିଲା। ମାତ୍ର ଏହା ମହାକାଳ ଫଳ ଭଳି ବାହାରକୁ ଭଲ ଦିଶୁଥିବାବେଳେ, ଭିତର ଫମ୍ପା। ଜିଏସ୍‌ଟି ବଢ଼ାଇବା, ଦରଦାମ୍ ବୃଦ୍ଧି ହେବା ଏହି ସରକାରଙ୍କ ଉପହାର। ମଧ୍ୟବିତ୍ତଙ୍କ ପାଇଁ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ଼ କରାଯାଇଛି। ମାତ୍ର ଯେଉଁମାନେ ଟିକସ ଦେଉ ନାହାନ୍ତି ସେମାନଙ୍କ ପାଇଁ କିଛି ନାହିଁ। ବାସ୍ତବରେ ରାଜ୍ୟବାସୀଙ୍କ ପାଇଁ କିଛି ନ କରି କେବଳ ଖାଲିଟାରେ ଡିଣ୍ଡିମ ପିଟୁଛନ୍ତି।

- ଶରତ ରାଉତ, ବରିଷ୍ଠ କଂଗ୍ରେସ ନେତା

## ଓଡ଼ିଶା ପାଇଁ ନୈରାଶ୍ୟଜନକ



ପ୍ରଧାନମନ୍ତ୍ରୀ ସବୁବେଳେ ଓଡ଼ିଶାକୁ ପୂର୍ବୋଦୟର ଗେଟ୍ ୱେ କହି ଆସୁଛନ୍ତି। କିନ୍ତୁ ଯେଉଁ ବଜେଟ ଉପସ୍ଥାପିତ ହୋଇଛି, ସେଥିରୁ ଜଣାପଡ଼ିଲା ଯେ ଅସ୍ତମିତ ସୂର୍ଯ୍ୟର ଅନ୍ଧକାର ଭିତରେ ଓଡ଼ିଶାକୁ ଭରି ଦିଆଯାଇଛି। ଓଡ଼ିଶା ପାଇଁ ବଜେଟ ସମ୍ପୂର୍ଣ୍ଣ ନୈରାଶ୍ୟଜନକ। ମେଡ଼ିକାଲ, ଆଇଆଇଟି ସିଟ୍ ବଢ଼ାଯାଇଛି, ତାହା ଭଲ କଥା। କୃଷକ, ଯୁବ, ଛାତ୍ର, ମହିଳାଙ୍କ ପାଇଁ ବଜେଟ ବୋଲି କୁହାଯାଉଛି, କିନ୍ତୁ ବଜେଟରେ ଏହି ବର୍ଗଙ୍କ ପାଇଁ ସେଭଳି ଉଲ୍ଲେଖନୀୟ କିଛି ମଧ ଦେଖାଯାଉ ନାହିଁ। ସେହିପରି ମଧ୍ୟମ ବର୍ଗଙ୍କ ଇନକମ୍ ଟ୍ୟାକ୍ସ ରିହାତି ବଢ଼ାଇଲେ, ଏହାଦ୍ୱାରା ମାର୍କେଟ୍ ସ୍ଲୋ ହେବ।

- ପ୍ରସନ୍ନ ଆଚାର୍ଯ୍ୟ, ରେଢ଼ାଖୋଲ ବିଧାୟକ ତଥା ପୂର୍ବତନ ଅର୍ଥମନ୍ତ୍ରୀ

## ଚାଷୀବିରୋଧୀ ବଜେଟ



ଚଳିତ ବଜେଟ ହେଉଛି ଚାଷୀବିରୋଧୀ ବଜେଟ। ଏମାନେ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ଗ୍ୟାରେଣ୍ଟି ଦେଇନାହାନ୍ତି। ଚାଷୀଙ୍କୁ ସହାୟତା କଲା ଭଳି ବଜେଟରେ କିଛି ନାହିଁ। ସ୍ୱାମୀନାଥନ୍ କମିଶନ ରିପୋର୍ଟ ଲାଗୁ କରିବୁ ବୋଲି ୨୦୧୪ରୁ କହିଥିଲେ, ଏହା କରିନାହାନ୍ତି। ବେକାରି ସମସ୍ୟା ରୋକିବା ଓ ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ ଉପରେ ବଜେଟରେ ପ୍ରାବଧାନ ରହିବା କଥା, ମାତ୍ର ସେଭଳି କିଛି କରିନାହାନ୍ତି। ବର୍ଷକୁ ଦୁଇ କୋଟି ଚାକିରି ଦେବାକୁ ଏମାନେ କହୁଥିଲେ, ହେଲେ ସେ ଉପରେ କିଛି ନାହିଁ। ଆଜିର ବଜେଟକୁ କୋଟିପତିମାନେ ପ୍ରଶଂସା କରିଛନ୍ତି। ଏହାର ମାନେ ହେଲା ଏହା କୋଟିପତି, ଅରବପତିଙ୍କୁ ଭଲ ଲାଗିଛି। ଏଥିରୁ ଜଣାପଡୁଛି ଏହା କର୍ପୋରେଟ୍ ବଜେଟ। ଆୟକର ଛାଡ଼ ଉପରେ କିଛିଟା ଛାଡ଼ କରିଛନ୍ତି। ମାତ୍ର ଏଥିରୁ ବେଶୀ ଲୋକ ଲାଭବାନ ହେବନାହିଁ। ମୋଟାମୋଟି ଭାବରେ ଏହା ସାଧାରଣ ଲୋକଙ୍କ ବଜେଟ ନୁହେଁ। ଏହା ପୁଞ୍ଜିପତିଙ୍କ ବଜେଟ। ଗତଥରର ବଜେଟ ପଢ଼ିଲେ ଏବଂ ଏଥରର ବଜେଟ୍ ପଢ଼ିଲେ ଜଣାପଡୁଛି ଏଥିରେ ବିଶେଷ କିଛି ଅଲଗା ନାହିଁ। ଧନୀ-ଗରିବ ଭିତରେ ତାରତମ୍ୟ କମାଇବା ଦିଗରେ ବି ଏହି ବଜେଟରେ କିଛି ନାହିଁ।

- ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ ଓ ବରିଷ୍ଠ କଂଗ୍ରେସ ନେତା

## ବେରୋଜଗାରୀ ମୁକାବିଲା ପାଇଁ କିଛି ନାହିଁ



ଆଜିର ବଜେଟରେ ଟ୍ୟାକ୍ସ ସ୍ଲାବ୍‌ରେ ମଧ୍ୟବର୍ଗଙ୍କୁ କିଛି ରିହାତି ଦିଆଯାଇଛି। ତେବେ ୨୦୦୯ ମସିହା ବଜେଟକୁ ଯଦି ନେବା ତେବେ ସେଥିରେ ମଧ ୧୦ ଲକ୍ଷ ପର୍ଯ୍ୟନ୍ତ ଟ୍ୟାକ୍ସ ଫ୍ରି ଥିଲା। ଦରଦାମ୍ ବୃଦ୍ଧି , ବେରୋଜଗାରୀ ମୁକାବିଲା ପାଇଁ କିଛି ନାହିଁ। ବିଶେଷ କରି ଓଡ଼ିଶା ପାଇଁ କିଛି ନାହିଁ। କେବଳ କମ୍ପ୍ଲିକେଟେଡ୍ ଜିଏସ୍‌ଟି ଟ୍ୟାକ୍ସ ବଢ଼ାଇବା ଦିଗରେ ସରକାର କାମ କରୁଛନ୍ତି।

- କଳିକେଶ ନାରାୟଣ ସିଂହଦେଓ, ବଲାଙ୍ଗୀର ବିଧାୟକ ଓ ବରିଷ୍ଠ ବିଜେଡି

## କର୍ପୋରେଟ୍ ସ୍ୱାର୍ଥକୁ ସୁରକ୍ଷା ମିଳିଛି



କେନ୍ଦ୍ରର ଭାଜପା ସରକାର ଉପସ୍ଥାପିତ କରିଥିବା କେନ୍ଦ୍ରୀୟ ବଜେଟ ୨୦୨୫-୨୬ ସାଧାରଣଲୋକଙ୍କ ବଦଳରେ କର୍ପୋରେଟ୍ ସ୍ୱାର୍ଥକୁ ସୁରକ୍ଷା ଦେଇଛି। ଏଥିରେ ସାମାଜିକ କ୍ଷେତ୍ର, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି, କୃଷି ଓ ଗ୍ରାମାଞ୍ଚଳର ବିକାଶକୁ ଅବହେଳା କରାଯାଇଛି। ଦେଶରେ ଅତ୍ୟଧିକ ଦରବୃଦ୍ଧି ଘଟି ଜନଜୀବନ ଦୁର୍ବିଷହ ହୋଇ ପଡ଼ିଥିବାବେଳେ, ବଜେଟରେ ସେ ସମ୍ପର୍କରେ କିଛି ଉଲ୍ଲେଖ ନାହିଁ। ବୀମା କ୍ଷେତ୍ରରେ ଡିସ୍‌ଇନ୍‌ଭେଷ୍ଟମେଣ୍ଟ ପାଇଁ କର୍ପୋରେଟ୍‌ମାନଙ୍କୁ ସମସ୍ତ ସୁଯୋଗ ଏଥିରେ ଦିଆଯାଇଛି। ବୀମା ଉପରୁ ଜିଏସ୍‌ଟି ବାଦ୍‌ଦେବା ପାଇଁ ଏଥର ମଧ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସେହିପରି ଓଡ଼ିଶା କିମ୍ବା ଅନ୍ୟ ରାଜ୍ୟ ପାଇଁ କିଛି ଦିଆଯାଇ ନ ଥିବାବେଳେ, ଆଗକୁ ନିର୍ବାଚନ ଥିବା ବିହାର ରାଜ୍ୟ ପାଇଁ ବଜେଟରେ ଘୋଷଣା କରାଯିବା ସଂଘୀୟ ଗଣତନ୍ତ୍ରର ବିରୋଧୀ।

- ଆଶିଷ କାନୁନ୍‌ଗୋ, ଓଡ଼ିଶା ରାଜ୍ୟ ସମ୍ପାଦକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି

## ବଜେଟ ଭାରତୀୟ ଅର୍ଥନୀତିକୁ ଆହୁରି ଅଧୋଗତି କରିବ



ଚଳିତ ବଜେଟରେ ଭାରତୀୟ ଅର୍ଥନୀତି ସମ୍ମୁଖୀନ ହେଉଥିବା ପ୍ରମୁଖ ସମସ୍ୟା ଯଥା ବଢ଼ୁଥିବା ବେରୋଜଗାରୀ, ମୂଲ୍ୟବୃଦ୍ଧି, ଅସମତା ଆଦି ସମସ୍ୟାଗୁଡ଼ିକ ଉପରେ ଧ୍ୟାନ ଦିଆଯାଇ ନାହିଁ। ଏବେ ଆମ ଅର୍ଥନୀତି ଅତି ଖରାପ ପରିସ୍ଥିତିରେ ଅଛି। ଭାରତୀୟ ଟଙ୍କାର ବ୍ୟାପକ ମୂଲ୍ୟ ଅବମୂଲ୍ୟାୟନ ହେବା ସହ ବିଦେଶୀ ଋଣ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଏହି ବଜେଟ ଭାରତୀୟ ଅର୍ଥନୀତିକୁ ଆହୁରି ଅଧୋଗତି କରିବ। ସାମାଜିକ କଲ୍ୟାଣ ଏବଂ ଅନ୍ୟ ଜନମଙ୍ଗଳ କାର୍ଯ୍ୟରେ ଯୋଜନାଗୁଡ଼ିକୁ ଅଗ୍ରାଧିକାର ଦିଆଯାଇନାହିଁ। 'ଏମ୍‌ଜିଏନ୍‌ଆର୍‌ଇଜିଏସ୍' ଭଳି ଶ୍ରମିଭିତ୍ତିକ ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଅବହେଳା କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ନିରାପତ୍ତା ପାଇଁ ବଜେଟ ଅନୁଦାନ ନୈରାଶ୍ୟଜନକ। ନ୍ୟୁକ୍ଲିୟର୍ ବିଜ୍ଞାନରେ ଘରୋଇ ପୁଞ୍ଜି ବିନିଯୋଗ ଏବଂ ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରରେ ଘରୋଇ ବିନିଯୋଗକୁ ଅଧିକ ବୃଦ୍ଧି କରାଯାଇଛି। ଏହା ଅର୍ଥନୀତି ପାଇଁ ଶୁଭ ଲକ୍ଷଣ ନୁହେଁ।

- ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ, ସିପିଆଇ(ଏମ୍)

## ଓଡ଼ିଶାକୁ ଅର୍ଥମନ୍ତ୍ରୀ ଅବହେଳା କରିଛନ୍ତି



ବଜେଟରେ ଗରିବ ଜନସାଧାରଣମାନଙ୍କ ଲାଗି କିଛି ବ୍ୟବସ୍ଥା ନାହିଁ। ଆୟକର ଟିକସରେ କିଛି ମଧ୍ୟମବର୍ଗ ଲାଭ ପାଇବେ, ମାତ୍ର ବାକି ଲୋକଙ୍କ ପାଇଁ କିଛି ଲାଭ ନାହିଁ। ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି କୌଣସି ବ୍ୟବସ୍ଥା ନାହିଁ। ଓଡ଼ିଶାକୁ ଅର୍ଥମନ୍ତ୍ରୀ ଏଥର ମଧ ଅବହେଳା କରିଛନ୍ତି। ରାଜ୍ୟ ଲାଗି କୌଣସି ବଜେଟ ବ୍ୟବସ୍ଥା ନ ଥିବାବେଳେ ଭବିଷ୍ୟତ ନିର୍ବାଚନକୁ ଆଖିରେ ରଖି ବିହାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କୃଷକ, ଶ୍ରମିକମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଛି। ଦେଶରେ ମଜୁରୀ ବୃଦ୍ଧି ଲାଗି ଦାବି ହେଉଥିଲେ ମଧ ବଜେଟରେ ସେପରି କଥା ନାହିଁ। ସେହିପରି ଅସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଲାଗି ବଜେଟ ପେଡ଼ିରେ କୌଣସି ବ୍ୟବସ୍ଥା କରାଯାଇନାହିଁ। ଅପରପକ୍ଷେ ବୀମା କମ୍ପାନୀରେ ୧୦୦% ଏଫ୍‌ଡିଆଇ ମାଧ୍ୟମରେ କମ୍ପାନୀକୁ ଘରୋଇକରଣର ବାଟ ଫିଟାଇବ ନିନ୍ଦନୀୟ।

- ମହେନ୍ଦ୍ର ପରିଡ଼ା, ରାଜ୍ୟ କମିଟି ସଦସ୍ୟ, ସିପିଆଇ (ଏମ୍-ଏଲ୍) ଲିବେରେଶନ

## ସରକାରଙ୍କ ପୁଞ୍ଜିପତି ସହଯୋଗୀ ଚରିତ୍ରକୁ ପ୍ରମାଣିତ କରିଛି



ଅର୍ଥମନ୍ତ୍ରୀ ଉପସ୍ଥାପନ କରିଥିବା ବଜେଟରେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ଼ କରିଛନ୍ତି। ଏନେଇ ବହୁ ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଦାବି ହୋଇ ଆସୁଥିଲା। ସରକାର ଏହି ଦାବିକୁ ମାନି ନେଇଥିବାରୁ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ। ତେବେ ବଜେଟରେ ପୁଞ୍ଜିପତିଙ୍କୁ ଟିକସ ଛାଡ଼ କରିବା ଅପେକ୍ଷା ସେହି ଅର୍ଥକୁ କୃଷକଙ୍କ ଋଣ ଏବଂ ମଧ୍ୟବିତ୍ତଙ୍କ ଇଏମ୍‌ଆଇ ଛାଡ଼ କରିବାରେ ବ୍ୟବହାର କରିବା ନେଇ ଦାବି ହୋଇଥିଲା, ଯାହାକୁ ପୂରଣ କରାଯାଇ ନାହିଁ। ସେହିପରି ଦରଦାମ୍ ବୃଦ୍ଧି ରୋକିବା ନେଇ ମଧ କୌଣସି ବ୍ୟବସ୍ଥା ହୋଇନାହିଁ। ଏହା ଭାଜପା ସରକାରଙ୍କ ପୁଞ୍ଜିପତି ସହଯୋଗୀ ଚରିତ୍ରକୁ ପ୍ରମାଣିତ କରିବା ସହ କୃଷକ ଓ ସାଧାରଣ ଲୋକଙ୍କ ହିତ ବିରୋଧୀ ଚରିତ୍ର ବୋଲି ସ୍ପଷ୍ଟ ହୋଇଛି।

- ନିଶିକାନ୍ତ ମହାପାତ୍ର, ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ସଭାପତି

## ଷ୍ଟାର୍ଟଅପ୍ ଇକୋସିଷ୍ଟମ ପାଇଁ ପ୍ରୋତ୍ସାହନ ପ୍ରଦାନ କରିବ



ଚଳିତ ବଜେଟ ଷ୍ଟାର୍ଟଅପ ଇକୋସିଷ୍ଟମ ପାଇଁ ବହୁ ପ୍ରୋତ୍ସାହନ ପ୍ରଦାନ କରୁଛି। ଯାହା ନବସୃଜନ, ଉଦ୍ୟୋଗୀତା ଏବଂ ବ୍ୟବସାୟ କରିବାର ସରଳତା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଆହୁରି ମଜଭୁତ କରିବ। ୧୦ହଜାର କୋଟି ଟଙ୍କାର ଏକ ନୂତନ ପାଣ୍ଠି ପ୍ରତିଷ୍ଠା ନବସୃଜନଶୀଳ ଷ୍ଟାର୍ଟଅପ୍‌ଗୁଡ଼ିକରେ ନିବେଶକୁ ସୁଦୃଢ଼ କରିବା ସହିତ ଆର୍ଥିକ ଦୃଶ୍ୟପଟକୁ ଆହୁରି ମଜଭୁତ କରିବ। ଏହା ସହିତ ଏଆଇ ରୋବୋଟିକ୍ସ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଉନ୍ନତି ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୩୦ ଏପ୍ରିଲ ୧ ପର୍ଯ୍ୟନ୍ତ ଧାରା ୮୦-ଆଇଏସି ଅଧୀନରେ ଟିକସ ଲାଭର ବିସ୍ତାର ୧୦କୋଟିରୁ ୨୦କୋଟିକୁ ୧% ସୁଧରେ, ଗ୍ୟାରେଣ୍ଟି କ୍ରେଡିଟ୍ କଭର ବୃଦ୍ଧି, ଏକ ଅଧିକ ସକ୍ଷମ ବ୍ୟବସାୟିକ ପରିବେଶକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରମୁଖ ପଦକ୍ଷେପ ହେବ। ଏଆଇରେ ୫୦ହଜାର ଅଟଳ ଟିଙ୍କରିଂ ଲାବ୍ ଏବଂ ତିନୋଟି ଉତ୍କର୍ଷ କେନ୍ଦ୍ର (CoEs) ଘୋଷଣା ଯୁବପିଢ଼ିକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତା ସହିତ ସଶକ୍ତ କରିବ, ଯାହା ଭାରତକୁ ବିଶ୍ୱ ନବସୃଜନର ଆଗରେ ରଖିବା ସୁନିଶ୍ଚିତ କରିବ।

- କମଲ୍‌ଜିତ୍ ଦାସ, ଯୁଗ୍ମ ସଚିବ ଏମ୍‌ଏସ୍‌ଏମ୍‌ଇ ଏବଂ ମୁଖ୍ୟ ପ୍ରଶାସନିକ ଅଧିକାରୀ, ଷ୍ଟାର୍ଟଅପ୍ ଓଡ଼ିଶା

## ଏଆଇ ମାଧ୍ୟମରେ ପାଠ ପଢ଼ାଇବା ଯୋଜନା ହାସ୍ୟାସ୍ପଦ



ଶିକ୍ଷା କ୍ଷେତ୍ରକୁ ମାତ୍ର ଲକ୍ଷେ ଅଠେଇଶ ହଜାର କୋଟି ଟଙ୍କାର ବ୍ୟୟବରାଦ ଅତ୍ୟନ୍ତ ନଗଣ୍ୟ। ଜାତୀୟ ଶିକ୍ଷାନୀତିକୁ ଠିକ୍ ଭାବେ ଲାଗୁ କରିବାକୁ ହେଲେ ଅତି କମ୍‌ରେ ବଜେଟର ୧୦% ଶିକ୍ଷା କ୍ଷେତ୍ର ପାଇଁ ବ୍ୟୟବରାଦ କରିବା ଆବଶ୍ୟକ। ଆଇଆଇଟି ଓ ମେଡିକାଲ ସିଟ୍ ସଂଖ୍ୟା ବୃଦ୍ଧି ସ୍ୱାଗତଯୋଗ୍ୟ। ସ୍କୁଲ୍‌ରେ ଯେଉଁଠି ଭିତ୍ତିଭୂମି, ଶିକ୍ଷକ ଓ ଯୋଗାଯୋଗ ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ବା ନଗଣ୍ୟ ସେଠି ଏଆଇ ମାଧ୍ୟମରେ ପାଠ ପଢ଼ାଇବା ଯୋଜନା ହାସ୍ୟାସ୍ପଦ। ଘରୋଇ ଗବେଷଣା କ୍ଷେତ୍ରକୁ ପ୍ରାଧାନ୍ୟ ପ୍ରଦାନ ଉଚ୍ଚତର ଶିକ୍ଷା ସମ୍ପୂର୍ଣ୍ଣ ଘରୋଇକରଣର ମୂଳଦୁଆ ସ୍ଥାପନ ସହ ନାମକରା ସରକାରୀ ଶିକ୍ଷାନୁଷ୍ଠାନକୁ ପଙ୍ଗୁ କରିଦେବା ଯୋଜନାର ଅଗ୍ରୟମାରମ୍ଭ ମାତ୍ର।

- ପ୍ରସନ୍ନ ବିଷୋୟୀ, କାର୍ଯ୍ୟକାରୀ ସଭାପତି, ଓଡ଼ିଶା, ଅଭିଭାବକ ମହାସଂଘ

## ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବ



ଏଆଇ-ଚାଳିତ ଶିକ୍ଷା, ଦକ୍ଷତା ବିକାଶ ଓ ଡିଜିଟାଲ ଶିକ୍ଷା ଓ ଗ୍ରାମୀଣ ଅର୍ଥନୀତିର ପ୍ରମୁଖ ବିକାଶ ସହିତ ସାଧାରଣ ଲୋକଙ୍କ ସଞ୍ଚୟ ବୃଦ୍ଧି ଓ ବିକାଶ ପାଇଁ ଅଗ୍ରାଧିକାର ଦିଆଯିବା ଏ ବଜେଟରେ ସ୍ୱତନ୍ତ୍ରତା। ପରମାଣୁ ଶକ୍ତି ଉତ୍ପାଦନରେ ପ୍ରାଇଭେଟ ସେକ୍ଟର ସାମିଲ ହେବା ଏକ ଐତିହାସିକ ନିଷ୍ପତ୍ତି। ଏଆଇ ଶିକ୍ଷାକୁ ପ୍ରୋତ୍ସାହନ ପାଇଁ ୫୦୦କୋଟିର ବ୍ୟୟବରାଦ ରହିଛି। ଉଚ୍ଚମାଧ୍ୟମିକ ସ୍କୁଲଗୁଡ଼ିକରେ ବ୍ରଡ୍‌ବ୍ୟାଣ୍ଡ, ୫୦ହଜାର ସ୍କୁଲରେ ଅଟଳ ଟିଙ୍କରିଂ ଲ୍ୟାବ୍ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ଶିକ୍ଷା ଓ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟି କରିବ, ମେଡିକାଲ ଶିକ୍ଷାକୁ ଅଧିକ ଗୁରୁତ୍ୱ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଆଇଆଇଟି ଓ ଆଇଆଇଏସ୍‌ସିରେ ୧୦୦୦୦ପିଏମ୍ ରିସର୍ଚ୍ଚ ଫେଲୋଶିପ୍ ପ୍ରଦାନ ଦୁର୍ବଳ ଆର୍ଥିକ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଗବେଷଣା କରିବା ପାଇଁ ଆଗ୍ରହ ସୃଷ୍ଟି କରିବ।

- ଶରତ କର, ଶିକ୍ଷାବିତ୍

## ଗରିବ ଶ୍ରେଣୀ ଲୋକଙ୍କୁ ଉପେକ୍ଷା



ଚଳିତ ବଜେଟରେ ଗରିବ ଶ୍ରେଣୀ ତଥା ଦୟନୀୟ ଅବସ୍ଥାରେ ରହୁଥିବା ଲୋକଙ୍କ ପାଇଁ ବଜେଟରେ କୌଣସି ପ୍ରାବଧାନ ନାହିଁ। ମଧ୍ୟବିତ୍ତ ପରିବାରଙ୍କ ପାଇଁ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ମୋଟାମୋଟି ଭାବେ ଭଲ ବଜେଟ। ତେବେ ଏହା ନିର୍ବାଚନୀ ବଜେଟ ନ ହେବା ଆବଶ୍ୟକ। ତେବେ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ଶିକ୍ଷାର ବିକାଶ ପାଇଁ କିଛି ବ୍ୟବସ୍ଥା ନାହିଁ। ନୂଆ ଶିକ୍ଷାନୀତି ପାଇଁ ଯାହା ସବୁ କାର୍ଯ୍ୟକ୍ରମ ରହିବା କଥା ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବଜେଟ ନାହିଁ। ସେହିପରି ଚାଷୀମାନଙ୍କ ପାଇଁ ଯାହା ସବୁ ରହିଛି, କେତେଦୂର ପୂରଣ ହେଉଛି ତାହା ଦେଖିବା ଦରକାର।

- ରତ୍ନାକର ସାହୁ, ସାମାଜିକ କର୍ମୀ

## ବଜେଟରେ ଓଡ଼ିଶା ନିରାଶ



ଚଳିତ ଆର୍ଥିକ ବଜେଟ ସମ୍ପୂର୍ଣ୍ଣ ଓଡିଶା ବିରୋଧୀ। ଏଥିରେ ବିହାର, ଆନ୍ଧ୍ର ପ୍ରଦେଶକୁ ସ୍ୱତନ୍ତ୍ର ଅନୁଦାନ ମିଳିଥିବାବେଳେ, ଓଡ଼ିଶା ପାଇଁ କିଛି ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଉପକୂଳ ଓଡ଼ିଶାରେ ସବୁଜ ପ୍ରାଚୀର ପାଇଁ କୌଣସି ଅନୁଦାନ ନାହିଁ। ସେହିପରି ବିଜୁଳି ଭିତ୍ତିଭୂମି ପାଇଁ କୌଣସି ଯୋଜନା ନାହିଁ। ସରକାର ତେଲିଆ ମୁଣ୍ଡରେ ତେଲ ନ୍ୟାୟରେ ଚାକିରିଆଙ୍କୁ ଅନେକ ସୁବିଧା ଦେଉଥିବାବେଳେ, ଦିନମଜୁରିଆଙ୍କୁ ସମ୍ପୂର୍ଣ୍ଣ ନିରାଶ କରିଛନ୍ତି। ସେହିପରି ପେଟ୍ରୋଲ, ଡିଜେଲ ଉପରେ ସୀମା ଶୁଳ୍କ ହ୍ରାସ ନ ହେବା ଯୋଗୁଁ ଦରଦାମ କମିବ ନାହିଁ। ତେଣୁ ସାଧାରଣଲୋକ ପୂର୍ବପରି ମହଙ୍ଗା ମାଡ଼ର ଶିକାର ହେବେ।

- ରବି ବେହେରା, ଓଡ଼ିଆ ଅସ୍ମିତା ପରିଷଦ ଆବାହକ

## ଅସଫଳ ବଜେଟ



ବିନା ଜନଗଣନାରେ ଏହି ବଜେଟ ଏକ ଅସଫଳ ବଜେଟ। ଯେଉଁ ଦେଶରେ ଲୋକସଂଖ୍ୟା କେତେ ତାହା ଜଣା ନାହିଁ ସେଠାରେ ଯେତେ ଭଲ ବଜେଟ ପ୍ରସ୍ତୁତ କଲେ ମଧ ତାହା ସଫଳ ବୋଲି କୁହାଯାଇ ପାରିବନାହିଁ। ସେହିପରି ପ୍ରତିଥର ପରି ଏଥର ମଧ ନିମ୍ନମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀର ଲୋକଙ୍କ ପାଇଁ କୌଣସି ସୁବିଧା ନାହିଁ। ବିଶେଷକରି ଦରବୃଦ୍ଧି ନିୟନ୍ତ୍ରଣ କରିବାକୁ କୌଣସି ଲଗାମ ଲଗାଯାଇ ନାହିଁ। ତେଣୁ ଗୋଟିଏ ଅର୍ଥରେ କହିଲେ ଏହା ଏକ ଭିତ୍ତିହୀନ ବଜେଟ।

- ଦିଲ୍ଲୀପ ଦାଶଶର୍ମା, ଆଇନଜୀବୀ

## ମଧ୍ୟବିତ୍ତଙ୍କୁ ଆୟକର ରିହାତି ସ୍ୱାଗତଯୋଗ୍ୟ



ଚଳିତ ବର୍ଷର ବଜେଟ ପ୍ରାୟତଃ ସବୁ ବର୍ଗର ଆଶା ଅଳ୍ପ ବହୁତ ପୂରଣ କରିପାରିଛି। ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ସରକାର ମଧ୍ୟବିତ୍ତଙ୍କୁ ଯେଉଁ ଆୟକର ରିହାତି ଦେଇଛନ୍ତି ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ। ଯାହା ଖର୍ଚ୍ଚ ଯୋଗ୍ୟ ଆୟର ପ୍ରତିଶତ ବୃଦ୍ଧି କରିବା ସହ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ଏଥରର ବଜେଟରେ କ୍ଷୁଦ୍ର ଓ କୁଟୀର ଶିଳ୍ପର ବିକାଶକୁ ସରକାର ଆଗଧାଡ଼ିକୁ ଆଣିଛନ୍ତି। ଏହା ସାଧାରଣ ଲୋକଙ୍କର ଜୀବନଯାପନର ମାନକୁ ବୃଦ୍ଧି କରିବ। ଯଦି ବଜେଟକୁ ଆମେ ପ୍ରତିଶତ ହିସାବରେ ଦେଖିବା ତାହେଲେ କୌଣସି କ୍ଷେତ୍ରକୁ ସେପରି ଆଖି ଦୃଶିଆ ବୃଦ୍ଧି ମିଳିନାହିଁ। ମାତ୍ର ମାନବ ସମ୍ବଳର ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସରକାରଙ୍କ ତତ୍ପରତା ବଜେଟରେ ନିଶ୍ଚିତ ପ୍ରତିଫଳିତ ହୋଇଛି।

- ସଂଘମିତ୍ରା ମିଶ୍ର, ଅଧ୍ୟାପିକା, ଅର୍ଥନୀତି

## ବଜେଟ ଧନୀ, ଗରିବ ତାରତମ୍ୟ ସୃଷ୍ଟି କରିବ



ଚଳିତବର୍ଷ ଦେଶର ନିର୍ବାଚନୀ ବଜେଟ ଭଳି ଲାଗୁଛି। ଓଡ଼ିଶାରୁ ସର୍ବାଧିକ ଏମ୍‌ପି ପାଇଥିଲେ ସୁଦ୍ଧା ଓଡ଼ିଶାକୁ ବଜେଟରେ ଅଣଦେଖା କରାଯାଇଛି। ଅନ୍ୟ ରାଜ୍ୟ ଭଳି ଓଡ଼ିଶା ସେଭଳି କୌଣସି ସୁବିଧା ପାଇନାହିଁ। ଏହି ବଜେଟରେ ସାଧାରଣ ଲୋକଙ୍କ ପାଇଁ ସେଭଳି କିଛି ସୁବିଧା ନାହିଁ। ଏହି ବଜେଟ ଭାରତ ବର୍ଷର ଧନୀ ଓ ଗରିବ ଭିତରରେ ତାରତମ୍ୟ ସୃଷ୍ଟି କରୁଛି। ବେରୋଜଗାର ପାଇଁ ବଜେଟରେ କୌଣସି ସୁବିଧା ନାହିଁ। ଦେଶରେ ଶିଳ୍ପପତିଙ୍କ ସରକାର ଚାଲିଛି। ସେଥିପାଇଁ ଏ ବଜେଟ ଶିଳ୍ପପତିଙ୍କର, ଶିଳ୍ପପତିଙ୍କ ଦ୍ୱାରା ଏବଂ ଶିଳ୍ପପତିଙ୍କ ପାଇଁ ହିଁ ହୋଇଛି।

- ବିଭୂତି ଭୂଷଣ ମହାପାତ୍ର, ଛାତ୍ର କଂଗ୍ରେସ ନେତା

## ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଯୋଜନା



୨୦୨୫ ବଜେଟରେ ମହିଳାଙ୍କ ଉପରେ ଗୁରୁତ୍ୱ ଦିଆଯାଇଛି। ମହିଳାମାନେ ବ୍ୟାଙ୍କରୁ ଲକ୍ଷ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କମ୍ ଋଣରେ ଆଣିପାରିବେ। ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ସରକାରଙ୍କ ବଡ଼ ଯୋଜନା କରିଛନ୍ତି। ଘରେ ବସୁଥିବା ମହିଳାମାନେ ସ୍ୱୟଂସହାୟକ ଗୋଷ୍ଠୀରେ ସାମିଲ ହୋଇ ରୋଜଗାରକ୍ଷମ ହୋଇପାରିଛନ୍ତି। ପରିବାର ଲୋକଙ୍କୁ ସାହାଯ୍ୟ ଓ ସହଯୋଗ କରିବାରେ ସାମିଲ ହୋଇପାରିବୁ। ମହିଳାମାନେ ରୋଜଗାର କରିବା ସହିତ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ କରିପାରିବୁ। ସେଥିପାଇଁ ସରକାର ମହିଳାଙ୍କ ପାଇଁ ଯାହା ଯୋଜନା କରିଛନ୍ତି ତାହା ଗ୍ରହଣଯୋଗ୍ୟ ବୋଲି କହିଛନ୍ତି।

- ପଦ୍ମିନୀ ଦାଶ, ଗୃହିଣୀ

## ମହିଳା ଉଦ୍ୟୋଗୀଙ୍କୁ ଗୁରୁତ୍ୱଦେବା ସ୍ୱାଗତଯୋଗ୍ୟ ପଦକ୍ଷେପ



ବଜେଟରେ ମହିଳା ଉଦ୍ୟୋଗୀଙ୍କୁ ଗୁରୁତ୍ୱ ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସାଧାରଣ ପରିବାର ମହିଳାଟିଏ ମଧ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗୀ ହେବାର ସୁଯୋଗ ପାଇପାରିବ। ବ୍ୟବସାୟ ଆରମ୍ଭ କରିବା ପାଇଁ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଋଣ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ବଜେଟରେ ସବୁ ବର୍ଗର ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଯଦ୍ୱାରା ମହିଳାମାନେ ପୁରୁଷଙ୍କ ସହିତ ସମାନ ଭାବେ କାର୍ଯ୍ୟ କରିପାରିବେ। ମହିଳାମାନେ ଆର୍ଥିକସ୍ତରରେ ମଜଭୁତ ହେଲେ ସମ୍ପୂର୍ଣ୍ଣ ପରିବାର ଆର୍ଥିକସ୍ତରରେ ମଜଭୁତ ହୋଇଥାଏ।

- ଆରତୀ ଦେବୀ, ମହିଳା ଉଦ୍ୟୋଗୀ

## ବଜେଟରେ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅଣଦେଖା କରାଯାଇଛି



ଚଳିତ ବଜେଟରେ ଭାରତୀୟ ଅର୍ଥ୍ୟ ବ୍ୟବସ୍ଥା ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ବେରୋଜଗାରୀ, ମୁଦ୍ରାସ୍ଫୀତି, ମୂଲ୍ୟବୃଦ୍ଧି, ଆଞ୍ଚଳିକ ବୈଷମ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅଣଦେଖା କରାଯାଇଛି। ସାମାଜିକସ୍ତରରେ ଅବହେଳିତ ବର୍ଗଙ୍କୁ ବଞ୍ଚିବାର ରାହା ଦେଖାଇଥିବା ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ଅଣଦେଖା କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଦୂରୀକରଣ ଆବଶ୍ୟକୀୟ ଦିଗ ଉପରେ ବ୍ୟୟ ବରାଦରେ ସରକାର ବିଫଳ ହୋଇଛନ୍ତି।

- ଜୟନ୍ତ ଦାସ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ, ସିପିଆଇ

## ମେଡିକାଲର ଭିତ୍ତିଭୂମି, ବ୍ୟବସ୍ଥାକୁ ଗୁରୁତ୍ୱ



ମଧ୍ୟବିତ୍ତ ଲୋକଙ୍କ ପାଇଁ ଟିକସ କମାଇବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଚଳିତ ବଜେଟରେ ମେଡିକାଲର ଭିତ୍ତିଭୂମି, ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ମେଡିକାଲ କଲେଜଗୁଡ଼ିକରେ ଅଧିକ ସଂଖ୍ୟାର ବିଦ୍ୟାର୍ଥୀ ପାଠପଢ଼ି ପାରିବେ ସେନେଇ ସିଟ୍ ବୃଦ୍ଧି କରାଯାଇଛି। ସାଧାରଣ ଲୋକଙ୍କ ନିମନ୍ତେ ମେଡିକାଲ ସୁବିଧା ପାଇଁ ମେଡିକାଲ କଲେଜ କରାଯିବ। ସବୁ ଜିଲାରେ ଡେ' କେୟାର କ୍ୟାନ୍‌ସର ଚିକିତ୍ସା କେନ୍ଦ୍ର ଖୋଲାଯିବ। ବିଦ୍ୟାଳୟସ୍ତରରେ ପିଲାମାନଙ୍କୁ ଲାବ୍ ଗୁଡ଼ିକର ସୁବିଧା ମିଳିପାରିବ। ଏହି ବଜେଟରେ ରୋଗୀଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ରୋଗୀମାନେ ଅଧିକ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି।

- ପ୍ରଫେସର ଡ. ସୁଜିତ ସାହୁ, ମାନସିକ ରୋଗ ବିଶେଷଜ୍ଞ

## ସ୍ୱାବଲମ୍ବୀ ଭାରତ ଗଠନରେ ସହାୟକ ହେବ



ଏହି ବଜେଟରେ ଗ୍ରାମୀଣ ଅର୍ଥନୀତି ଉପରେ ପ୍ରାଧାନ୍ୟ ଦିଆଯାଇଛି। ଦେଶର ଅର୍ଥନୈତିକ ବିକାଶକୁ ସୁନିଶ୍ଚିତ କରିବା ଏବଂ 'ବିକଶିତ ଭାରତ' ନାରାକୁ ଦୃଷ୍ଟିରେ ରଖି ସମସ୍ତ ଜନସାଧାରଣଙ୍କୁ ସନ୍ତୁଷ୍ଟ କରିବା ପାଇଁ କୃଷି, କ୍ଷୁଦ୍ରଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି। ପୁଞ୍ଜିନିବେଶ, ରପ୍ତାନି, ସଞ୍ଚୟ ବୃଦ୍ଧିକୁ ପ୍ରୋତ୍ସାହନ ଦିଆଯାଇ ଦେଶର ସାମଗ୍ରିକ ବିକାଶ ଏବଂ ସାମାଜିକ ନ୍ୟାୟକୁ ଗୁରୁତ୍ୱ ଦିଆଯାଇଛି। ଏହି ବଜେଟ ନିଶ୍ଚିତ ସ୍ୱାବଲମ୍ବୀ ସବୁବର୍ଗର ଲୋକଙ୍କୁ ଦୃଷ୍ଟିରେ ରଖି ବଜେଟ ପ୍ରସ୍ତୁତ କରାଯାଇଥିବାରୁ ଏହା ଲୋକାଭିମୁଖୀ ହୋଇପାରିବ।

- ଶୁଭେନ୍ଦୁ ମହାନ୍ତି, ପ୍ରାଧାପକ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ

## ବଡ଼ ଧରଣର ସଂସ୍କାର ନାହିଁ



ଦୁର୍ଭାଗ୍ୟଜନକ ଭାବେ ଜିଡିପି ଖସି ୬.୪କୁ ଆସିଯାଇଛି। ଏଥର ବଜେଟ୍‌ରେ କିଛି ବଡ଼ ଧରଣର ସଂସ୍କାର ହୋଇନାହିଁ। ମଧ୍ୟବିତ୍ତ ପରିବାରକୁ ସୁବିଧା ଦିଆଗଲା ବୋଲି ଯାହା କୁହାଯାଉଛି ତାହା ବାସ୍ତବରେ ସତ ନୁହେଁ। ଇଭି ଯାନର ଦର କମିବ ବୋଲି ଯାହା କୁହାଗଲା, ପ୍ରକୃତରେ ସରକାରଙ୍କ ନିକଟରେ ସେତିକି ଭିତ୍ତିଭୂମି ନାହିଁ ଇଭିକୁ ପ୍ରମୋଟ କରିବା ପାଇଁ। ବଡ଼ ସମସ୍ୟା ବେକାରୀ। ତାହାକୁ ଦୂର କରିବା, ମହିଳାଙ୍କ ଆତ୍ମନିଯୁକ୍ତି ପାଇଁ ମଧ ସେପରି ବ୍ୟବସ୍ଥା ନାହିଁ।

- ସୋଫିଆ ଫିର୍ଦୋଶ, ବିଧାୟିକା, ବାରବାଟି-କଟକ

## ଦୀର୍ଘସ୍ଥାୟୀ ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି



କେନ୍ଦ୍ରୀୟ ବଜେଟ ଆତ୍ମନିର୍ଭର ଭାରତ, ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ବିକଶିତ ଭାରତ@୨୦୪୭ ଏଜେଣ୍ଡା ଅନ୍ତର୍ଗତ ଏକ ଦୀର୍ଘସ୍ଥାୟୀ ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି । ଅକ୍ଷୟ ଶକ୍ତି ଉପରେ ସାମଗ୍ରିକ ସ୍ତରରେ ଗୁରୁତ୍ୱ ଏକ ପ୍ରଶଂସନୀୟ ପଦକ୍ଷେପ । ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ ଲକ୍ଷ୍ୟ ସହିତ ପରମାଣୁ ଶକ୍ତି ଉପରେ ଅତିରିକ୍ତ ଧ୍ୟାନ ଭାରତର ସବୁଜ ଶକ୍ତି ରୂପାନ୍ତରିକରଣ ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ। ଇସ୍ପାତ କ୍ଷେତ୍ରରୁ, ସ୍ୱଦେଶୀ ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ବିକାଶ ପ୍ରକଳ୍ପ ଏବଂ ଏମଏସଏମଇ ପାଇଁ ବର୍ଦ୍ଧିତ ଋଣ ଉପଲବ୍ଧତାରୁ ମଧ ଲାଭ ମିଳିବ, ଯାହା ନିର୍ମାଣ ଏବଂ ଉତ୍ପାଦନ କ୍ଷେତ୍ର ସହ ଜଡିତ ବ୍ୟବସାୟ ପାଇଁ ଆର୍ଥିକ ସୁବିଧା ଯୋଗ ଯୋଗାଇବ ।

- ଦିଲ୍ଲୀପ ଉମେନ୍, ସିଇଓ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ

## ଏକ ସକାରାତ୍ମକ ବଜେଟ



ଭାରତୀୟ ମଧ୍ୟବିତ୍ତମାନଙ୍କ ପାଇଁ ବଜେଟ ୨୦୨୫ ଏକ ବଡ଼ ପ୍ରୋତ୍ସାହନ। ଏଭଳି ବଜେଟ ଉପସ୍ଥାପନା ପାଇଁ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ। କେନ୍ଦ୍ର ବଜେଟରେ ଉପଭୋକ୍ତାମାନେ ବହୁ ସୁବିଧା ପାଇପାରିବେ। କେନ୍ଦ୍ର ବଜେଟରେ ସାମଗ୍ରିକ ବ୍ୟବହାର ଓ ଦୀର୍ଘସ୍ଥାୟୀ ରାଷ୍ଟ୍ର ଗଠନକୁ ପ୍ରୋତ୍ସାହିତ କରିବା ପ୍ରୟାସ ପ୍ରଶଂସନୀୟ। ସେହିପରି ସୁନା ଏବଂ ରୁପାର କଷ୍ଟମ ଡ୍ୟୁଟିରେ କୌଣସି ପରିବର୍ତ୍ତନ ହୋଇନାହିଁ। ମୋଟାମୋଟି ଭାବେ ଚଳିତ ବର୍ଷ ବଜେଟ ଏକ ସକାରାତ୍ମକ ବଜେଟ ରହିଛି।

- ମିତେଶ ଖିମଜୀ, ନିର୍ଦ୍ଦେଶକ, ଖିମଜୀ ଜୁଏଲର୍ସ

# ବୀମା କ୍ଷେତ୍ରରେ ଏଫ୍‌ଡିଆଇର ସୀମା ବୃଦ୍ଧି

ନୂଆଦିଲ୍ଲୀ,୧।୨

ଦେଶର ଅର୍ଥବ୍ୟବସ୍ଥା ଓ ବୀମା କ୍ଷେତ୍ରକୁ ସଶକ୍ତୀକରଣ କରିବା ପାଇଁ ସରକାର ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ(ଏଫ୍‌ଡିଆଇ)ର ସୀମାକୁ ବୃଦ୍ଧି କରିଛନ୍ତି। ଏପରିକି ଏହି ସୀମା ୭୪ ରୁ ୧୦୦%କୁ ବୃଦ୍ଧି କରାଯାଇଛି। ଏ ନେଇ ଶନିବାର କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମନ ସଂସଦରେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

ସେହିଭଳି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବା ସମୟରେ ଅର୍ଥମନ୍ତ୍ରୀ ସୀତାରାମନ କହିଛନ୍ତି, ବଜେଟ ୨୦୨୫-୨୬ର ଲକ୍ଷ୍ୟ ହେଉଛି, ଆସନ୍ତା ୫ବର୍ଷ ମଧ୍ୟରେ ସମସ୍ତ ୬ଟି କ୍ଷେତ୍ରରେ ପରିବର୍ତ୍ତନମୂଳକ ସଂସ୍କାର ଆରମ୍ଭ କରିବା, ଯାହା ଆମର ଅଭିବୃଦ୍ଧି ସମ୍ଭାବନା ଏବଂ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାକୁ ବଢ଼ାଇବ। ସେଥିମଧ୍ୟରୁ ଆର୍ଥିକ କ୍ଷେତ୍ର ଅନ୍ୟତମ।




ଏଥିରେ ବୀମା, ପେନସନ, ଦ୍ୱିପାକ୍ଷିକ ନିବେଶ, ଚୁକ୍ତି (ବିଟିଟି) ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି।

ସେହିପରି ବୀମା କ୍ଷେତ୍ରରେ ଏଫ୍‌ଡିଆଇକୁ ନେଇ ସୀତାରାମନ କହିଛନ୍ତି, ବୀମା କ୍ଷେତ୍ରରେ ଏଫ୍‌ଡିଆଇର ସୀମା ୭୪ ରୁ ୧୦୦%କୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ସୀମା ସେହି କମ୍ପାନୀଗୁଡ଼ିକ ପାଇଁ ଉପଲବ୍ଧ ହେବ, ଯେଉଁମାନେ ସମ୍ପୂର୍ଣ୍ଣ ପ୍ରିମିୟମ ଭାରତରେ ନିବେଶ କରିବେ। ଏଫ୍‌ଡିଆଇ(ବିଦେଶୀ ପୁଞ୍ଜିନିବେଶ) ସମ୍ବନ୍ଧୀୟ ସାମ୍ପ୍ରତିକ ସୀମା ଏବଂ କଟକଣାର ସମୀକ୍ଷା ଏବଂ ସରଳୀକରଣ କରାଯିବ। ଅପରପକ୍ଷରେ ପେନ୍‌ସନ କ୍ଷେତ୍ର, ନିୟାମକ ସମନ୍ୱୟ ଏବଂ ପେନ୍‌ସନ ଉତ୍ପାଦର ବିକାଶ ପାଇଁ ଏକ ଫୋରମ୍ ପ୍ରତିଷ୍ଠା କରାଯିବ ବୋଲି ଅର୍ଥମନ୍ତ୍ରୀ ସୀତାରାମନ କହିଛନ୍ତି।

କେୱାଇସି ସରଳୀକରଣ ସମ୍ପର୍କରେ ସୀତାରାମନ କହିଛନ୍ତି, କେୱାଇସି ପ୍ରକ୍ରିୟାର ସରଳୀକରଣର ପୂର୍ବ ଘୋଷଣାକୁ କାର୍ଯ୍ୟକାରୀ କରିବା ପାଇଁ ୨୦୨୫ରେ ନବୀକୃତ କେନ୍ଦ୍ରୀୟ କେୱାଇସି ରେଜିଷ୍ଟ୍ରିକୁ କାର୍ଯ୍ୟକ୍ଷମ କରାଯିବ। ଏପରିକି ନିୟମିତ ଅପ୍‌ଡେଟ୍ ପାଇଁ ଏକ ସୁବ୍ୟବସ୍ଥିତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। କମ୍ପାନୀଗୁଡ଼ିକର ମିଶ୍ରଣ ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକତା ଏବଂ ପ୍ରକ୍ରିୟାକୁ ଯୁକ୍ତିଯୁକ୍ତ କରାଯିବ ବୋଲି ଅର୍ଥମନ୍ତ୍ରୀ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି।

ଦ୍ରୁତ ମିଶ୍ରଣର ସୁଯୋଗ ମଧ୍ୟ ବୃଦ୍ଧି କରାଯିବ ଏବଂ ପ୍ରକ୍ରିୟାକୁ ସରଳ କରାଯିବ। ଦ୍ୱିପାକ୍ଷିକ ନିବେଶ ଚୁକ୍ତି ନିରନ୍ତର ବିଦେଶୀ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ଏବଂ 'ପ୍ରଥମ ବିକଶିତ ଭାରତ'ର ଭାବନାରେ ବର୍ତ୍ତମାନର ମଡେଲ ଚୁକ୍ତିଗୁଡ଼ିକୁ ସଂଶୋଧନ କରାଯିବ ଏବଂ ଅଧିକ ନିବେଶକ ଅନୁକୂଳ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି।

# ନିବେଶକ ନିରୁତ୍ସାହିତ

ମୁମ୍ବାଇ,୧।୨

ବଜେଟ ଉପସ୍ଥାପନ ପୂର୍ବରୁ ଶେୟାର ବଜାର କାରବାର ମାନ୍ଦା ପଡ଼ିଥିଲାବେଳେ ବଜେଟ ଏବଂ କାରବାର ଶେଷ ସୁଦ୍ଧା ବଜାରର ଫଳାଫଳ ନିବେଶକଙ୍କୁ ନିରୁତ୍ସାହିତ କରିଛି। ଏପରିକି ଚଳିତ ସପ୍ତାହର ଅତିରିକ୍ତ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରାଶ ହୋଇଛନ୍ତି। ବିଶେଷକରି ଶନିବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫.୩୯ ପଏଣ୍ଟ ବୃଦ୍ଧି ଘଟି ୭୭,୫୦୫.୯୬ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୬.୨୫ ପଏଣ୍ଟ କମି ୨୩,୪୮୨.୧୫ ଅଙ୍କରେ କାରବାର ଶେଷ କରିଥିଲା।

ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ,ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ଲାଲ୍‌ଚାନ୍ଦ୍‌ରେ ଜେମ୍‌ଷ୍ଟୋନ୍ ଫେଷ୍ଟିଭାଲ

ଭୁବନେଶ୍ୱର,୧।୨

ପୂର୍ବ ଭାରତର ସର୍ବବୃହତ୍ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ଜୁଏଲର୍ସର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ତଥା ସେଲ୍‌ସ 'ଜେମ୍‌ଷ୍ଟୋନ୍ ଫେଷ୍ଟିଭାଲ'(ରତ୍ନ ପଥର ଉତ୍ସବ)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଚଳିତ ବର୍ଷର ବସନ୍ତ ପଞ୍ଚମୀ ତଥା ସରସ୍ୱତୀ ପୂଜା ଉପଲକ୍ଷେ ଏହି ପ୍ରଦର୍ଶନୀ (ରତ୍ନ ପଥର ଉତ୍ସବ) ଆରମ୍ଭ ହୋଇଛି। ସେହିଭଳି ଓଡ଼ିଶାରେ ପ୍ରଥମ ଥର ପାଇଁ ଲାଲ୍‌ଚାନ୍ଦ୍‌ର ରଘୁନାଥପୁର ଏବଂ ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଶୋ'ରୁମ୍‌ରେ ଏହି ଉତ୍ସବ ଆୟୋଜିତ ହେଉଛି। ଏପରିକି ଗ୍ରାହକମାନେ ଏହି ଐତିହାସିକ ଉତ୍ସବରେ ସାମିଲ ହୋଇ ସାରା ବିଶ୍ୱରୁ ମୂଲ୍ୟବାନ୍ ରତ୍ନପଥରର ବିଶାଳ ସଂଗ୍ରହର ଲାଭ ଉଠାଇପାରିବେ। ବିଶେଷକରି ରୁବି ଓ ଏମରାଲାଡ୍‌ର ବିଶାଳ ସଂଗ୍ରହ ପ୍ରଥମ ଥର ପାଇଁ ଓଡ଼ିଶାରେ ଦେଖିବାକୁ ମିଳୁଛି। ଜ୍ଞାନ ଓ କଳାର ଦେବୀମା' ସରସ୍ୱତୀଙ୍କ ପୂଜାର ଶୁଭ ଅବସରରେ ଏହି ଉତ୍ସବ ଆୟୋଜିତ ହେଉଛି। ସେହିଭଳି




ଭୁବନେଶ୍ୱରର ରଘୁନାଥପୁର ଏବଂ ମାଷ୍ଟରକ୍ୟାଣ୍ଟିନ୍ ଷ୍ଟୋରକୁ ଆସି ଗ୍ରାହକମାନେ ବିଭିନ୍ନ ରତ୍ନପଥର ଚୟନ କରିବା ସହ ବିରଳ ରତ୍ନପଥର ବିଷୟରେ ଜାଣିବାର ସୁଯୋଗ ପାଇପାରିବେ। ସରସ୍ୱତୀ ପୂଜା ତଥା ବସନ୍ତ ପଞ୍ଚମୀ ଉପଲକ୍ଷେ ରତ୍ନପଥର ମହୋତ୍ସବ ଆରମ୍ଭ କରାଯାଇଛି। ବସନ୍ତ ପଞ୍ଚମୀ ହେଉଛି, କଳା ଓ ଜ୍ଞାନକୁ ସମ୍ମାନ ଜଣାଇବାର ସମୟ। ରତ୍ନପଥରଗୁଡ଼ିକ ଉଭୟ କଳା ଓ ଜ୍ଞାନର ପ୍ରତୀକ। ଏହି ଶୁଭ ଅବସରକୁ ଆମ ସହ ପାଳନ କରିବା ପାଇଁ ମୁଁ ସଭିଙ୍କୁ ଆମନ୍ତ୍ରଣ କରୁଛି ବୋଲି ଲାଲ୍‌ଚାନ୍ଦ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି।

# ଜାନୁଆରୀରେ ୧.୯୬ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୧।୨

୨୦୨୫ ଜାନୁଆରୀରେ ମଧ୍ୟ ରେକର୍ଡ ପରିମାଣର ଟିକସ ଆଦାୟ କରାଯାଇଛି। ଚଳିତ ଆର୍ଥିକ ବର୍ଷର ଦଶମ ମାସରେ ପ୍ରାୟ ୧.୯୬ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ୧୦ମ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୯୬ ଲକ୍ଷ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷ କରି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ଏହା ୧୨.୩% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ୧୦ମ ମାସ ବା ଜାନୁଆରୀରେ ମୋଟ ୧.୯୬ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ ହୋଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ




(ସିଜିଏସ୍‌ଟି) ବାବଦରେ ୩୬,୧୦୦ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍‌ଟି) ବାବଦକୁ ୪୪,୯୦୦ କୋଟି ଆଦାୟ ହୋଇଛି। ସେହିଭଳି ଆଇଜିଏସ୍‌ଟି ବାବଦକୁ ମୋଟ ୧.୦୧ ଟି ଟଙ୍କା ଏବଂ ସେସ୍ ବାବଦରେ ୧୩,୪୦୦ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ଆକଳନଠାରୁ ବର୍ତ୍ତମାନ ସୁଦ୍ଧା ଆଦାୟ କରାଯାଇଥିବା ଟିକସ ପରିମାଣ ୧୧.୮ଲକ୍ଷ କୋଟି ହୋଇଛି। ଗତ ଆର୍ଥିକ ବର୍ଷରେ ୧୦.୬ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଥିଲା। ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷର ଟିକସ ସଂଗ୍ରହର ୧୧.୩% ବୃଦ୍ଧି ପାଇ ୧୧.୮% ଅଧିକ ଆଦାୟ ହୋଇଥିବା କୁହାଯାଇଛି।

# ଭୁବନେଶ୍ୱରରେ 'ବ୍ରାଣ୍ଡେଡ୍ ସେଲ୍'ର ଶୁଭାରମ୍ଭ

ଭୁବନେଶ୍ୱର,୧।୨ (ଅଭୟ ଦାଶ)

ପ୍ରଥମ ଥର ପାଇଁ ଭୁବନେଶ୍ୱରର କ୍ରାଉନ ହୋଟେଲରେ ଏକ ୪ ଦିନିଆ 'ବ୍ରାଣ୍ଡେଡ୍ ସେଲ୍'ର ଶୁଭାରମ୍ଭ କରାଯାଇଛି। ଶନିବାରଠାରୁ ଏହା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଏହି ସେଲ୍ ୨୦୨୫ ଫେବୃଆରୀ ୪ ପର୍ଯ୍ୟନ୍ତ ଜାରି ରହିବ ଏବଂ ପ୍ରତିଦିନ ସକାଳ ୧୦ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ସବୁ ବର୍ଗର ଗ୍ରାହକଙ୍କ ପାଇଁ ଏହି ସେଲ୍ ଖୋଲା ରହିଛି। ଏପରିକି ଗାର୍ମେଣ୍ଟ ଉଦ୍ୟୋଗରେ ଚାଲିଥିବା ମାନ୍ଦାବସ୍ଥା କାରଣରୁ ଫ୍ୟାକ୍ଟ୍ରିରୁ ମୂଲ୍ୟବାନ୍ ଗାର୍ମେଣ୍ଟସ ଏବଂ ଜୋତାର ଆକର୍ଷଣୀୟ କଲେକ୍ସନ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। ସେହିଭଳି ୨୦୨୪ର ବକ୍ସ ପ୍ୟାକ୍ କଲେକ୍ସନଗୁଡ଼ିକୁ ଗ୍ରାହକ ୮୦% ରିହାତି ଦରରେ ପାଇପାରିବେ। ଏପରିକି ୨୦୦୦ ରୁ ୯୦୦୦ ଟଙ୍କା ମୂଲ୍ୟର ମେନ୍‌ସ ଶାର୍ଟ ମାତ୍ର ୧୨୦୦ ଟଙ୍କାରେ ମିଳୁଥିଲାବେଳେ ୨୦୦୦ରୁ ୪୦୦୦ଟଙ୍କାର ଲେଡିଜ କୁର୍ତ୍ତି ମାତ୍ର ୬୦୦



ଟଙ୍କା, ୧୫୦୦ରୁ ୨୦୦୦ ଟଙ୍କାର କିଡ୍‌ସ ଗାର୍ମେଣ୍ଟସ ୬୦୦ ଟଙ୍କା ମଧ୍ୟରେ ମିଳୁଛି। ସେହିପରି ୨୦୦୦ରୁ ୬୦୦୦ ଟଙ୍କାର ଲେଡିସ ମିକ୍ସ ଗାର୍ମେଣ୍ଟସ ମାତ୍ର ୩୦୦ରୁ ୬୦୦ ଟଙ୍କା, ୨୦୦୦ରୁ ୬୦୦୦ ଟଙ୍କାର ମେନ୍‌ସ ଟି-ଶାର୍ଟ ମାତ୍ର ୬୦୦ରୁ ୮୦୦ ଟଙ୍କା, ୩୯୦୦ରୁ ୯୮୦୦ ଟଙ୍କାର ମେନ୍‌ସ ବ୍ରାଣ୍ଡେଡ୍ ଜିନ୍‌ସ ମାତ୍ର ୧୫୦୦ ଟଙ୍କା ଏବଂ ୨୦୦୦ରୁ ୪୦୦୦ ଟଙ୍କାର ଲେଡିଜ ବ୍ରାଣ୍ଡେଡ୍ ଜିନ୍ସ ମାତ୍ର ୬୦୦ ଟଙ୍କାରେ ବିକ୍ରି ହେଉଛି। ଏପରିକି ସୁଲଭ ମୂଲ୍ୟରେ ୪୫ରୁ ଅଧିକ କାଉଣ୍ଟର ଜରିଆରେ ୩୦ ହଜାରରୁ ଅଧିକ ଗାର୍ମେଣ୍ଟସ ପ୍ରଦର୍ଶିତ ହେଉଛି। ଅପରପକ୍ଷରେ ପୁରୁଷଙ୍କ ପାଇଁ ବିଭିନ୍ନ ଭେରାଇଟିର ମିଶ୍ରିତ ବ୍ରାଣ୍ଡେଡ୍ ଜୋତା ମାତ୍ର ୧୮୦୦ ଟଙ୍କାରେ ମିଳୁଛି। ଏହାର ମୂଳ ମୂଲ୍ୟ ୨୦୦୦ରୁ ୧୨,୦୦୦ ଟଙ୍କା ଥିଲାବେଳେ ଏହି ସେଲ୍ ଜରିଆରେ ଗ୍ରାହକ କେବଳ ୮୦୦ରୁ ୧୮୦୦ ଟଙ୍କାରେ ପାଇପାରିବେ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ବଜେଟରେ ୫ କ୍ଷେତ୍ରକୁ ପ୍ରାଥମିକତା

ନୂଆଦିଲ୍ଲୀ,୧।୨

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀର ଆୟୋଜନ ଭୁବନେଶ୍ୱରରେ କରାଯାଇଥିଲା। ଏହି ସମ୍ମିଳନୀ ବିଶେଷକରି କେନ୍ଦ୍ର ବଜେଟ ୨୦୨୫-୨୬କୁ ସ୍ୱାଗତ କରିବା ସହ ଏଥିରେ ସଂସ୍କାର, ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ଷ୍ଟାର୍ଟଅପ୍ ଏବଂ ଏମ୍‌ଏସ୍‌ଏମ୍‌ଇ ପାଇଁ ସହାୟତା ଉପରେ ଗୁରୁତ୍ୱ ଦିଆଯିବାକୁ ସିଆଇଆଇ ଓଡ଼ିଶା ପରିଷଦ ପକ୍ଷରୁ ପ୍ରଶଂସା କରାଯାଇଛି। ଏପରିକି ସିଆଇଆଇ ଦ୍ୱାରା ଆୟୋଜିତ ବଜେଟ ଲାଇଭ୍ ଭିଉ ଅଧିବେଶନରେ ଶିଳ୍ପନେତା ଏବଂ ବିଶେଷଜ୍ଞମାନେ ବଜେଟର ପ୍ରମୁଖ ଦିଗ ଉପରେ ଆଲୋକପାତକରି ଏହାକୁ ଏକ ପ୍ରଗତିଶୀଳ ଏବଂ ଅଭିବୃଦ୍ଧିଭିତ୍ତିକ ବଜେଟ ବୋଲି ବର୍ଣ୍ଣନା କରିଥିଲେ। ସେହିଭଳି ଗରିବ, ଯୁବବର୍ଗ, କୃଷକ ଓ ମହିଳାଙ୍କ ସମେତ ସମାଜର ସମସ୍ତ ବର୍ଗର କଲ୍ୟାଣ ଉପରେ ଗୁରୁତ୍ୱ ଦେଇ ବଜେଟର ସାମଗ୍ରିକ ଆଭିମୁଖ୍ୟକୁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଡ. ପ୍ରଦୀପ୍ତ ମହାନ୍ତି ପ୍ରଶଂସା କରିଥିଲେ। ଏପରିକି ବଜେଟରେ ୫ଟି କ୍ଷେତ୍ର ଟିକସ, ନଗର ଉନ୍ନୟନ, ଖଣି, ଆର୍ଥିକ କ୍ଷେତ୍ର ଏବଂ ଶକ୍ତି ଏବଂ ନିୟାମକ ସଂସ୍କାର ସହିତ ପ୍ରମୁଖ ଅଭିବୃଦ୍ଧି କ୍ଷେତ୍ର କୃଷି, ନିବେଶ, ଏମ୍‌ଏସ୍‌ଏମ୍‌ଇ ଏବଂ ରପ୍ତାନିକୁ ପ୍ରାଥମିକତା ଦିଆଯିବା ସହିତ ଗୁରୁତ୍ୱପୂର୍ଣ୍ଣ ଟିକସ ରିହାତି ପ୍ରଦାନ କରାଯାଇଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ଶଶି ଶେଖର ମହାନ୍ତି ମୋଦି ୩.୦ ବଜେଟକୁ ପରିବର୍ତ୍ତନଶୀଳ ଓ ନିଯୁକ୍ତିଭିତ୍ତିକ ବୋଲି ବର୍ଣ୍ଣନା କରିଥିଲେ। ଭିତ୍ତିଭୂମି କ୍ଷେତ୍ରରେ ସରକାରଙ୍କ ୧୦.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ବ୍ୟୟ ସହ ଏମ୍‌ଏସ୍‌ଏମ୍‌ଇ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ପଦକ୍ଷେପ ଶିଳ୍ପ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବ ଏବଂ ଭାରତର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି।

# କମିଲା କମର୍ସିଆଲ ଗ୍ୟାସ୍ ଦର

ନୂଆଦିଲ୍ଲୀ,୧।୨

କ୍ରମାଗତ ଦ୍ୱିତୀୟ ମାସ ଲାଗି କମର୍ସିଆଲ ଗ୍ୟାସ୍ (୧୯କେଜି) ର ଦର ହ୍ରାସ ହୋଇଥିବାବେଳେ ଘରୋଇ ଗ୍ୟାସ୍ (୧୪.୨କି.ଗ୍ରା.)ର ଦର ପୂର୍ବପରି ସ୍ଥିର ରହିଛି। ଏପରିକି ଚଳିତ ବର୍ଷ ଫେବୃଆରୀ ପହିଲାରୁ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ୍ (୧୯ କେଜି) ଦର ୭ ଟଙ୍କା କମିଥିଲାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ୍ ଦର ୭ ଟଙ୍କା ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ମାସର ନୂତନ ଦରସୂଚୀ (ନୂଆ ଦର) ଶନିବାରଠାରୁ ଲାଗୁ କରାଯାଇଛି। ଏପରିକି ନୂତନ ଦର ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ୍ (୧୯କେଜି) ଦର ୭ଟଙ୍କା କମି ୧୯୪୫.୫୦ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ (ଜାନୁଆରୀ) କମର୍ସିଆଲ ଗ୍ୟାସ୍ ଦର ୧୯୫୨.୫୦ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨ କେଜି) ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି। ସେହିଭଳି ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ (୧୯କେଜି) ଦର ୭ ଟଙ୍କା ହ୍ରାସ ପାଇ ୧୭୯୭ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨କି.ଗ୍ରା.) ଦର ୮୦୩ ଟଙ୍କାରେ ରହିଛି। କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ଦେଶର ପ୍ରମୁଖ ମହାନଗର ଅଞ୍ଚଳରେ କମର୍ସିଆଲ ଗ୍ୟାସ୍ (୧୯କେଜି) ଦର ଯଥାକ୍ରମେ ୧୯୦୭ ଟଙ୍କା, ୧୭୪୯ ଟଙ୍କା ଏବଂ ୧୯୫୯ ଟଙ୍କାରେ କାରବାର ହେଉଛି।

# ୨.୫୨ଲକ୍ଷ କୋଟିର ପୁଞ୍ଜି ବ୍ୟୟ ବ୍ୟବସ୍ଥା

## ରେଳପଥରେ ଆଧୁନିକ ଯାତ୍ରୀ ସୁବିଧା,ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇଛି: ରେଳମନ୍ତ୍ରୀ

ନୂଆଦିଲ୍ଲୀ,୧।୨

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ ଶନିବାର ସଂସଦରେ ଉପସ୍ଥାପନ କରାଯାଇଛି। ଏଥିରେ ଭାରତୀୟ ରେଳ ପାଇଁ ପ୍ରାୟ ୨.୫୨ ଲକ୍ଷ କୋଟି ଟଙ୍କାର ବିପୁଳ ପୁଞ୍ଜି ବ୍ୟୟ ବ୍ୟବସ୍ଥା କରାଯାଇଛି। ଏ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଏହି ବଜେଟକୁ


ଅଶ୍ୱିନୀ ବୈଷ୍ଣବ

ସ୍ୱାଗତକରି କହିଛନ୍ତି, ରେଳପଥର ନେଟ୍‌ୱର୍କକୁ ସମ୍ପ୍ରସାରଣ କରାଯାଉଛି। ଟ୍ରେନ୍‌ରେ ଯାତ୍ରୀଙ୍କ ପାଇଁ ଆଧୁନିକ ସୁବିଧା ଓ ସୁରକ୍ଷା ପ୍ରତି ମଧ୍ୟ ବିଶେଷ ଭାବେ ଧ୍ୟାନ ଦିଆଯାଉଛି। ଅପରପକ୍ଷରେ ନୂଆ ପ୍ରକଳ୍ପକୁ ଗୁରୁତ୍ୱଦେବା ସହ ବର୍ତ୍ତମାନ ପ୍ରାୟ ୧୦୦ଟି ନୂଆ ଅମୃତ ଭାରତ ଟ୍ରେନ୍ ନିର୍ମାଣ ଲାଗି ବଜେଟରେ ବ୍ୟବସ୍ଥା କରାଯାଇଛି। ଏପରିକି ୫୦ଟି ନମୋ ଭାରତ ଟ୍ରେନ୍ ଏବଂ ସ୍ଲିପର ଓ ଚେୟାର କାର୍ ସଂସ୍କରଣ ସହ ୨୦୦ ବନ୍ଦେ ଭାରତ ଟ୍ରେନ ନିର୍ମାଣ କରାଯିବ ବୋଲି ରେଳମନ୍ତ୍ରୀ ସୂଚନା ଦେଇଛନ୍ତି।

ସେହିଭଳି ବୈଷ୍ଣବ କହିଛନ୍ତି, ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଏବଂ ଇଣ୍ଡିଆ ଏଆଇ ମିଶନ ଆଗାମୀ ବର୍ଷଗୁଡ଼ିକରେ ଦେଶର ବୈଷୟିକ ଚାହିଦା ଓ ଆବଶ୍ୟକତା ପୂରଣ ପାଇଁ ମୂଳଦୁଆ ପକାଇଛି। ସେହିପରି କ୍ୱାଣ୍ଟମ ମିଶନ, ଅନୁସନ୍ଧାନ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ ଏବଂ ଡିପ୍‌ଟେକ୍ ଷ୍ଟାର୍ଟଅପ୍ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଏହାଦ୍ୱାରା ଦେଶରେ ଏକ ଶକ୍ତିଶାଳୀ ବୈଷୟିକ ଆଧାର ପ୍ରତିଷ୍ଠା ହେବ।

# ବଜେଟରେ ଷ୍ଟାର୍ଟଅପ୍ କ୍ଷେତ୍ରକୁ ଗୁରୁତ୍ୱ

ନୂଆଦିଲ୍ଲୀ,୧।୨

ବର୍ତ୍ତମାନ ଷ୍ଟାର୍ଟଅପ୍ କ୍ଷେତ୍ରକୁ ସବୁସ୍ତରର ଗୁରୁତ୍ୱ ଦିଆଯାଉଛି। ଏପରିକି କେନ୍ଦ୍ର ସରକାର ମଧ୍ୟ ଆଶାୟୀ ଉଦ୍ୟୋଗୀମାନଙ୍କୁ ଷ୍ଟାର୍ଟଅପ୍ ପାଇଁ ସବୁ ପ୍ରକାର ସହାୟତା ଯୋଗାଇଦେଉଛନ୍ତି। ଏହା ଜରିଆରେ ଷ୍ଟାର୍ଟଅପ୍ ୟୁନିଟ୍‌ଗୁଡ଼ିକ ଉଭୟ ଅର୍ଥନୀତି ଓ କର୍ମନିଯୁକ୍ତି ଭାଗୀଦାରିରେ ବେଶ୍ ସହାୟକ ହେଉଛନ୍ତି। ଅପରପକ୍ଷରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ସଂସଦରେ ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ ସେ ମଧ୍ୟ ଷ୍ଟାର୍ଟଅପ୍ କ୍ଷେତ୍ରାକୁ ଗୁରୁତ୍ୱଦେବା ସହ ଫଣ୍ଡ ଅଫ୍ ଫଣ୍ଡ ପାଣ୍ଠିର ପରିମାଣକୁ ମଧ୍ୟ ୫କୋଟିରୁ




୧୦ କୋଟିକୁ ବଢ଼ାଇ ଦେଇଛନ୍ତି। ଫଳରେ ଆଶାୟୀ ଷ୍ଟାର୍ଟଅପ୍ ଉଦ୍ୟୋଗୀମାନେ ନୂତନ ୟୁନିଟ୍ ସ୍ଥାପନ ସହ ଦେଶର ଆର୍ଥିକ ବ୍ୟବସ୍ଥାରେ ସାମିଲହେବା ସହ ନିଯୁକ୍ତି ଓ ବେରୋଜଗାର ହାରରେ ସହାୟକ ହେବ। ବର୍ତ୍ତମାନ ସୁଦ୍ଧା ସରକାର ୯୧,୦୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଷ୍ଟାର୍ଟଅପ୍‌ଗୁଡ଼ିକୁ ଯୋଗାଇଦିଆଯାଇଛି।

# ବାର୍ଷିକ ୧୨ଲକ୍ଷ ଆୟ ଉପରେ ଆୟକର ଲାଗୁ ହେବନାହିଁ

ନୂଆଦିଲ୍ଲୀ,୧।୨

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ସେ ଆୟକର ସ୍ଲାବ୍ ଏବଂ ହାରରେ ଉଲ୍ଲେଖନୀୟ ପରିବର୍ତ୍ତନ କରିଛନ୍ତି। ଏହାଦ୍ୱାରା ବହୁ ଟିକସଦାତା ବେଶ୍ ଉପକୃତ ହେବେ ବୋଲି କୁହାଯାଉଛି। ଏପରିକି ଟିକସ ସ୍ଲାବ୍ ହାର ଏବଂ ରିହାତି ହ୍ରାସ ଦ୍ୱାରା ମଧ୍ୟବିତ୍ତ ବର୍ଗଙ୍କୁ ଯଥେଷ୍ଟ ଟିକସ ଆଶ୍ୱସ୍ତି ମିଳିବ ଏବଂ ଘରୋଇ ଉପଭୋକ୍ତାଙ୍କ ଖର୍ଚ୍ଚ ଏବଂ ପୁଞ୍ଜିନିବେଶ ସୁଦୃଢ଼ ହେବ। ସେହିଭଳି ୨୦୨୫-୨୬ ବଜେଟ ଅଧିବେଶନରେ 'ପ୍ରଥମେ ବିଶ୍ୱାସ, ପରେ ଯାଞ୍ଚ' ଦର୍ଶନ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମଧ୍ୟବିତ୍ତବର୍ଗଙ୍କ ଉପରେ ଆସ୍ଥା ପ୍ରକଟ କରାଯାଇଛି ଏବଂ ସାଧାରଣ ଟିକସଦାତାଙ୍କୁ ଟିକସ ବୋଝରୁ ମୁକ୍ତିଦେବାର ଧାରା ମଧ୍ୟ ଜାରି ରହିଛି।

ଅପରପକ୍ଷରେ କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ସଂସଦରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରି କହିଥିଲେ, ଦେଶର ସମସ୍ତ ଟିକସଦାତାଙ୍କୁ ଫାଇଦା ଦେବା ପାଇଁ ସରକାର ଟିକସ ସ୍ଲାବ୍ ଏବଂ ଦରରେ ଉଲ୍ଲେଖନୀୟ




ପରିବର୍ତ୍ତନ ପ୍ରସ୍ତାବ ଦେଇଛନ୍ତି। ଏପରିକି ଟିକସଦାତାଙ୍କୁ ଖୁସି ଖବର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ନୂଆ ଟିକସ ବ୍ୟବସ୍ଥା ଅନୁଯାୟୀ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ (ଅର୍ଥାତ୍ କ୍ୟାପିଟାଲ ଗେନ୍ ଭଳି ସ୍ୱତନ୍ତ୍ର ହାର ଆୟକୁ ବାଦ୍‌ଦେଇ ହାରାହାରି ୧ ଲକ୍ଷ ଟଙ୍କା ମାସିକ ଆୟ) ଉପରେ କୌଣସି ଆୟକର ଆଦାୟ କରାଯିବ ନାହିଁ। ଏପରିକି ୭୫,୦୦୦ ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକ୍ସନ ଯୋଗୁ ବେତନଭୋଗୀ ଟିକସଦାତାଙ୍କ ପାଇଁ ଛାଡ଼ସୀମା ୧୨.୭୫ ଲକ୍ଷ ଟଙ୍କା ରହିବ। ସ୍ଲାବ୍ ହାର ହ୍ରାସର ଲାଭ ବ୍ୟତୀତ ଟିକସ ରିହାତି ଏପରି ଭାବେ ଯୋଗାଇ ଦିଆଯାଉଛି, ସେମାନଙ୍କୁ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି।

ସେହିପରି ସୀତାରାମନ କହିଛନ୍ତି, ନୂତନ ଟିକସ ଢାଞ୍ଚା ମଧ୍ୟବିତ୍ତଙ୍କ ଉପରେ ଟିକସ ବୋଝକୁ ଯଥେଷ୍ଟ ହ୍ରାସ କରିବ ଏବଂ ସେମାନଙ୍କ ହାତରେ ଅଧିକ ଟଙ୍କା ଉପଲବ୍ଧ କରାଇବ। ଏହାଦ୍ୱାରା ଘରୋଇ ବ୍ୟବହାର, ସଞ୍ଚୟ ଏବଂ ନିବେଶକୁ ପ୍ରୋତ୍ସାହନ ମିଳିବ। ନୂଆ ଟିକସ ବ୍ୟବସ୍ଥା ଅନୁଯାୟୀ ଅର୍ଥମନ୍ତ୍ରୀ ଟିକସ ହାର ଢାଞ୍ଚାରେ ସଂଶୋଧନ ପ୍ରସ୍ତାବ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ୦-୪ ଲକ୍ଷ ଟଙ୍କା ଉପରେ ଶୂନ ପ୍ରତିଶତ ରହିଥିଲାବେଳେ ୪ ରୁ ୮ ଲକ୍ଷ ଟଙ୍କା ଉପରେ ୫%, ୮ରୁ ୧୨ ଲକ୍ଷ ଟଙ୍କାରେ ୧୦%, ୧୨ରୁ ୧୬ ଲକ୍ଷ ଟଙ୍କା ଉପରେ ୧୫% , ୧୬ରୁ ୨୦ ଲକ୍ଷ ଟଙ୍କା ଉପରେ ୨୦%, ୨୦ରୁ ୨୪ ଲକ୍ଷ ଟଙ୍କା ଉପରେ ୨୫% ଏବଂ ୨୪ ଲକ୍ଷରୁ ଅଧିକ ଟଙ୍କା ଉପରେ ୩୦%ର ରିହାତି ସୁବିଧା ରହିଛି।

# ୩୦୦ ମିଲିୟନ ଟନ୍ ଷ୍ଟିଲ୍ ଉତ୍ପାଦନ ଆକଳନ

## ୨୦୩୦ ସୁଦ୍ଧା ଶିଳ୍ପରେ ୧୦ ଲକ୍ଷ କୋଟି ଟଙ୍କା ନିବେଶ ଜରୁରୀ: ସନ୍ଦୀପ

ନୂଆଦିଲ୍ଲୀ,୧।୨

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ(ଆଇସିସି) ପକ୍ଷରୁ 'ବିକଶିତ ଭାରତ: ଇଣ୍ଡିଆ @୨୦୪୭' ଶୀର୍ଷକ ଏକ ସ୍ୱତନ୍ତ୍ର ଅଧିବେଶନ ଶନିବାର ଆୟୋଜିତ ହୋଇଯାଇଛି। ଏହି ଅବସରରେ ଇସ୍ପାତ ମନ୍ତ୍ରଣାଳୟର ସଚିବ ସନ୍ଦୀପ ପୌଣ୍ଡ୍ରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଏସ୍‌ଏଆଇଏଲ୍(ସେଲ୍)ର ଅଧ୍ୟକ୍ଷ ଅମରେନ୍ଦୁ ପ୍ରକାଶ, ଆଇସିସିର ଅଧ୍ୟକ୍ଷ ତଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ, ଟାଟା ଷ୍ଟିଲ୍ ଲିମିଟେଡ୍‌ର କର୍ପୋରେଟ୍ ବ୍ୟାପାର ଅଧ୍ୟକ୍ଷ ମନୀଷ ମିଶ୍ର,ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ମୁଖ୍ୟ ମାର୍କେଟିଂ ଅଫିସର ବିନୟ ଶ୍ରଫ୍, ଭାରତୀୟ ଇସ୍ପାତ ସଂଘର ମହାସଚିବ ଆଲୋକ ସହାୟଙ୍କ ଭଳି ପ୍ରମୁଖ ନୀତି ନିର୍ଦ୍ଧାରଣକାରୀ ଏବଂ ଶିଳ୍ପନେତା, ବୈଷୟିକ ବିଶେଷଜ୍ଞ ଓ ଶିଳ୍ପ କ୍ଷେତ୍ରର ଅନ୍ୟ କେତେଜଣ ପ୍ରମୁଖ ଅଂଶୀଦାର ଏକାଠି ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଇସ୍ପାତ ମନ୍ତ୍ରଣାଳୟର ସଚିବ ସନ୍ଦୀପ ପୌଣ୍ଡ୍ରିକ ବିକଶିତ ଭାରତର ଦୃଷ୍ଟିଭଙ୍ଗୀ ବିଷୟରେ କହିଥିଲେ, ଇସ୍ପାତ ଶିଳ୍ପ ଭାରତର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ




ଭୂମିକା ଗ୍ରହଣ କରୁଛି। ଏହାର ଚାହିଦା ୨୦୩୦ ସୁଦ୍ଧା ୩୦୦ ମିଲିୟନ ଟନ୍ ଏବଂ ୨୦୪୭ ସୁଦ୍ଧା ୭୦୦-୮୦୦ ମିଲିୟନ ଟନ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ତେବେ ଯୋଗାଣ କ୍ଷମତା ବୃଦ୍ଧି ଏକ ପ୍ରମୁଖ ଚ୍ୟାଲେଞ୍ଜ ହୋଇ ରହିଛି। ୨୦୩୦ର ଲକ୍ଷ୍ୟ ପୂରଣ କରିବା ପାଇଁ ୧୦ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶର ଆବଶ୍ୟକତା ରହିଛି ଏବଂ ଭବିଷ୍ୟତର ଅଭିବୃଦ୍ଧି ପାଇଁ ଅଧିକ ପୁଞ୍ଜିନିବେଶର ଆବଶ୍ୟକତା ରହିଛି।

ସେହିଭଳି ଉଦ୍‌ଘାଟନୀ ଅଭିଭାଷଣରେ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏମ୍‌ଏସ୍‌ଏମ୍‌ଇ ସହ ଗଭୀର ଭାବେ ଜଡ଼ିତଥିବା ଭାରତୀୟ ଇସ୍ପାତ ଶିଳ୍ପ, ଜାତୀୟ ଅଭିବୃଦ୍ଧିର ମୂଳଦୁଆ ଭାବେ କାର୍ଯ୍ୟ କରିଥାଏ। ଏପରିକି ପ୍ରତିଦ୍ୱନ୍ଦ୍ୱିତା ବଜାୟ ରଖିବାକୁ ହେଲେ ଆମକୁ ଏମ୍‌ଏସ୍‌ଏମ୍‌ଇର ବିକାଶ, ଉନ୍ନତୀକରଣରେ ପୁଞ୍ଜିନିବେଶ ଏବଂ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ଭାଗୀଦାରିକୁ ସୁଦୃଢ଼ କରିବାକୁ ପଡ଼ିବ।

ବିଶ୍ୱ ବାଣିଜ୍ୟ ଅଭ୍ୟାସରେ ବୈଶ୍ୱିକରୁ ସ୍ଥାନୀୟକୁ ପରିବର୍ତ୍ତନ ସମ୍ପର୍କରେ ଏକ ପ୍ୟାନେଲ ପ୍ରଶ୍ନର ଉତ୍ତର ଦେଇ ସେଲ୍‌ର ଅଧ୍ୟକ୍ଷ ଅମରେନ୍ଦୁ ପ୍ରକାଶ କହିଛନ୍ତି,ଜଗତୀକରଣ ଶବ୍ଦଟି ୨୫ବର୍ଷ ପୂର୍ବେ ପ୍ରଚଳିତ ହୋଇଥିଲା, ଯାହା ପ୍ରତ୍ୟେକ ଦେଶର ପ୍ରତିଯୋଗିତାମୂଳକ ଲାଭ ଉପରେ ଆଧାରିତ ଥିଲା, ଯେଉଁଠାରେ ଦେଶଗୁଡ଼ିକ ସେମାନଙ୍କର ନିଜସ୍ୱ ସାମର୍ଥ୍ୟକୁ ନେଇ ସାମିଲ ହୋଇଥିଲେ। ପାଖାପାଖି ୧୦ବର୍ଷ ପୂର୍ବେ ଦେଶଗୁଡ଼ିକ ସ୍ଥାନୀୟ ଉତ୍ପାଦ ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଥିଲେ, ଯାହା କି କୋଭିଡ୍-୧୯ କାରଣରୁ ତୀବ୍ର ହୋଇଥିଲା ଏବଂ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ଥିଲା। ଶସ୍ତା ଇସ୍ପାତ ଆମଦାନୀ କରିବା ଅର୍ଥନୈତିକ ଦୃଷ୍ଟିରୁ ଲାଭଦାୟକ ମନେ ହେଉଥିଲେ ମଧ୍ୟ ଘରୋଇ ନିଯୁକ୍ତି ଏବଂ ଡାଉନ୍‌ଷ୍ଟ୍ରିମ୍ ଅର୍ଥନୀତି ଉପରେ ଏହାର ଦୀର୍ଘକାଳୀନ ପ୍ରଭାବ ଉପରେ ଆମକୁ ଧ୍ୟାନଦେବାକୁ ହେବ।

ଏହି କାର୍ଯ୍ୟକ୍ରମରେ ଗ୍ରାଣ୍ଟ ଥର୍ନଟନ୍ ଭାରତ ଏଲ୍‌ଏଲ୍‌ପିର ପାର୍ଟନର ନୀଳାଦ୍ରି ନାଥ ଭଟ୍ଟାଚାର୍ଯ୍ୟ 'ବିକଶିତ ଭାରତ ପାଇଁ ଇସ୍ପାତ ଶିଳ୍ପ @୨୦୪୭' ଶୀର୍ଷକ ଏକ ମନନଶୀଳ ଉପସ୍ଥାପନା କରିଥିଲେ। ଏଥିରେ ଭବିଷ୍ୟତର ଚାହିଦା ଆକଳନ, ବୈଷୟିକ ଉନ୍ନତି, ସ୍ଥାୟିତା ଏବଂ ଭାରତୀୟ ଇସ୍ପାତ ଶିଳ୍ପର ୬ଗୁଣ ଶ୍ରମ କ୍ଷମତା ଉପରେ ଆଲୋକପାତ କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆନ୍ତଃ ରାଜ୍ୟ ଡକାୟତି ଗ୍ୟାଙ୍ଗ୍ ଠାବ: ୮ ସଦସ୍ୟ ଗିରଫ

## ୩ କୋଟି ୫୧ ଲକ୍ଷ ଟଙ୍କା, ଗାଡ଼ି, ବନ୍ଧୁକ, ମାରଣାସ୍ତ୍ର ଜବତ

**କଟକ/ଭବାନୀପାଟଣା, ୧।୨ (କାର୍ତ୍ତିକ ସାହୁ/ଉତ୍ତମ କୁମାର ଦାଶ)**





କଳାହାଣ୍ଡି ଜିଲା ପୋଲିସ ଏକ ଆନ୍ତଃ ରାଜ୍ୟ ଡକାୟତି ଗ୍ୟାଙ୍ଗକୁ ଠାବ କରିଛି। କଳାହାଣ୍ଡି ଜିଲା ଧର୍ମଗଡ଼ ପୋଲିସ ଏକ ବଡ଼ଧରଣର ଡକାୟତି ଘଟଣାରେ ସମ୍ପୃକ୍ତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଜିଲାର ତାହିର ଅନ୍‌ସାରୀ, ହୁସେନ୍ ଖାନ୍, ଜୈସମ୍ ଖାନ୍, ସାମିମ୍ ଅନ୍‌ସାରୀ, ବାସୁଦେବ ଗୋପେ, ପିଣ୍ଟୁ, ଅଲିମ୍ ଓ ଅନୁଜ କୁମାର। ସେମାନଙ୍କ ନିକଟରୁ ୩ କୋଟି ୫୧ ଲକ୍ଷ ଟଙ୍କା, ବନ୍ଧୁକ, ଗୁଳି, ଡକାୟତି ଘଟଣାରେ ବ୍ୟବହୃତ ଗାଡ଼ି ଏବଂ ମାରଣାସ୍ତ୍ର ଆଦି ପୋଲିସ ଜବତ କରିଛି।

ସୂଚନାନୁସାରେ, ଗୁରୁବାର ବିଳମ୍ବିତ ରାତିରେ ଧର୍ମଗଡ଼ ସହର ଭୀମଖୋଜପଡ଼ାଠାରେ ଥିବା ଏକ ଦେଶୀ ମଦଭାଟିରେ ଅଭିଯୁକ୍ତମାନେ ପଶି ବନ୍ଧୁକ ଏବଂ ମାରଣାସ୍ତ୍ର ଦେଖାଇ ବିପୁଳ ପରିମାଣର ଟଙ୍କା ଲୁଟ୍ କରିବା ପରେ ବୋଲେରୋ(ଜେଏଚ୍୧୦ଏପି-୪୮୧୭)ରେ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ଧର୍ମଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ କଳାହାଣ୍ଡି ଏସ୍‌ପି ଅଭିଲାଷ ଜିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଅଭିଯୁକ୍ତମାନଙ୍କ ମଧ୍ୟରୁ ୨ ଜଣଙ୍କୁ ପ୍ରାଥମିକ ତଦନ୍ତ ସମୟରେ ସ୍ଥାନୀୟ ପୋଲିସ ଗିରଫ କରିଥିଲା। ଡକାୟତି ପରେ ଅଭିଯୁକ୍ତମାନେ ଝାଡ଼ଖଣ୍ଡ ଅଭିମୁଖେ ପଳାଇ ଯାଇଥିବା ପୋଲିସ ସୂଚନା ପାଇଥିଲା। ଘଟଣାସ୍ଥଳରେ ଦକ୍ଷିଣ-ପଶ୍ଚିମାଞ୍ଚଳ ଆଇଜି ନୀତିଶେଖର ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତବେଳେ ଡକାୟତିରେ ବ୍ୟବହୃତ ଗାଡ଼ିକୁ ଝାଡ଼ଖଣ୍ଡରେ ଠାବ କରାଯାଇଥିଲା। ଏବେ ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଡକାୟତି ଘଟଣା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ କଳାହାଣ୍ଡି ବ୍ୟତୀତ ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼, ରାଉରକେଲା, ଗୁମଲା, ରାଞ୍ଚି ଗ୍ରାମାଞ୍ଚଳ, ଲୋହାର ଦାଗା, ୱେଷ୍ଟ ସିଂଭୂମ ଏବଂ ସିମ୍‌ଡେଗା ଜିଲା ପୋଲିସ ସାମିଲ ହୋଇଥିଲା। ଉଭୟ ରାଜ୍ୟର ଜିଲା ପୋଲିସ ମଧ୍ୟରେ ଉତ୍ତମ ସମନ୍ୱୟ ଯୋଗୁ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଗଲା ବୋଲି ଡିଜିପି ଖୁରାନିଆ ପୋଲିସ ମୁଖ୍ୟାଳୟରେ ଶନିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଜୈସମ୍‌ଙ୍କ ନାମରେ ରାଞ୍ଚିର ବିଭିନ୍ନ ଥାନାରେ ୬ରୁ ଅଧିକ ମାମଲା, ଅଲିମ୍‌ଙ୍କ ନାମରେ ୨ ଏବଂ ତାହିର୍‌ଙ୍କ ନାମରେ ୩ଟି ମାମଲା ରହିଛି।

## ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ
# ପିଉସୀଙ୍କୁ ତୀରମାରି ହତ୍ୟାକଲେ ପୁତୁରା



ସୁନ୍ଧୁଙ୍କ ଫାଇଲ୍ ଫଟୋ। ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

**କାମାକ୍ଷାନଗର, ୧।୨ (ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ପିତଳଧୁଆ ଗ୍ରାମ ଝରଣା ସାହିରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ସମ୍ପର୍କୀୟ ପିଉସୀଙ୍କୁ ତୀରମାରି ହତ୍ୟା କରିଛନ୍ତି ପୁତୁରା। ମୃତ ମହିଳା ହେଲେ ସେହି ଗ୍ରାମର ସୁନ୍ଧୁ ସିଙ୍କୁ (୭୦) ଓ ଅଭିଯୁକ୍ତ ପୁତୁରା ହେଲେ ଦାମୋଦର ପୂର୍ତ୍ତି। ସୂଚନା ମୁତାବକ, ଶନିବାର ପୂର୍ବାହ୍ନ ୧୦ଟା ସମୟରେ ସମ୍ପର୍କୀୟ ପିଉସୀ ସୁନ୍ଧୁ ଘରେ ଥିବାବେଳେ ପୁତୁରା ଦାମୋଦର ହଠାତ୍ ଘରେ ପଶି ତୀର ମାରିଥିଲେ। ତୀରଟି ସୁନ୍ଧୁଙ୍କ ଡାହାଣପଟ ଛାତିରେ ବାଜିଥିଲା। ସେ ସେଠାରେ ଟଳି ପଡ଼ିଥିଲେ। ଏହାଦେଖି ଘରେ ଥିବା ତାଙ୍କ ସ୍ୱାମୀ ଓ ଝିଅ ପାଟି କରିବାରୁ ଦାମୋଦର ଖସି ପଳାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକଙ୍କଠାରୁ ସୂଚନା ପାଇ କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର ଓ କଙ୍କଡାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ଦାମୋଦରଙ୍କୁ ଧରିଥିଲେ। ହତ୍ୟାରେ ବ୍ୟବହୃତ ଧନୁ ଓ ତୀରକୁ ପୋଲିସ ଜବତ କରିଛି। ପୂର୍ବରୁ ସୁନ୍ଧୁ ଓ ଦାମୋଦରଙ୍କ ମଧ୍ୟରେ କୌଣସି ବଚସା କିମ୍ବା ଗଣ୍ଡଗୋଳ ହୋଇ ନ ଥିଲା। ତେବେ ସେ ଗୁଣିଗାରେଡ଼ି କରୁଥିବା ଓ ଡାହାଣୀ ହୋଇଥିବା ସନ୍ଦେହ କରି ତାଙ୍କୁ ଦାମୋଦର ହତ୍ୟା କରିଥିବା ସୁନ୍ଧୁଙ୍କ ଝିଅ କହିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରି ଦାମୋଦରଙ୍କୁ ଅଟକ ରଖି ଅଧିକ ପଚରାଉଚରା ଜାରି ରଖିଛି।

**ବିବାହର ୫୦ବର୍ଷର ପୂର୍ତ୍ତି ଉପଲକ୍ଷେ**



ଶ୍ରୀ ମାଧବାନନ୍ଦ ମହାପାତ୍ର ଏବଂ ଧର୍ମପତ୍ନୀ ଶ୍ରୀମତୀ ବାସନ୍ତୀ ବେହେରାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।
ମାମି, ଶିବ, ରୋମି, ରାଜା, ମାନୁ, ସୋମି, ବୁବୁ, ଡୁଡୁଲୁ, ସାଇ, ବୁବୁଲୁ, ପ୍ରୀତମ୍, ରିଷି, ସୂର୍ଯ୍ୟାଂଶ୍ ଏବଂ ଶିବାଂଶ୍

ଧ-୨୭୮୩

# ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇଗଲେ

## ଗୋଟିଏ ରାତିରେ ୩ ସ୍ଥାନରୁ ଲୁଟ୍

**ଆଳି, ୧।୨ (ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଶୁକ୍ରବାର ରାତିରେ ପରିବାର ଲୋକେ ଶୋଇଥିବା ଘରର ବାହାରପଟ କବାଟ ବନ୍ଦ କରି ଡକାୟତମାନେ ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ସେହି ରାତିରେ ଅନ୍ୟ ୨ ସ୍ଥାନରୁ ଡକାୟତମାନେ ଲୁଟ୍ କରିବା ଘଟଣା ଆଳି ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଆଳି ଥାନା ଅନ୍ତର୍ଗତ ଭୂଇଁପୁର ବାଲିସାହି ଗ୍ରାମର ନାରାୟଣ ସାହୁଙ୍କ ପରିବାର ଲୋକେ ଶୋଇଥିଲେ। ବିଳମ୍ବିତ ରାତିରେ ୪ରୁ ୫ ଜଣ ଡକାୟତ ତାଙ୍କ ମୁଖ୍ୟ ଫାଟକ କାଟି ଘର ଭିତରେ ପଶିଥିଲେ। ଏହାପରେ ସେମାନେ ପରିବାର ଲୋକମାନେ ଶୋଇଥିବା ଘରର ବାହାର ପଟ କବାଟ ବନ୍ଦ କରି ଅନ୍ୟ ରୁମ୍‌ରେ ଥିବା ଗଡ୍‌ରେଜ, ବାକ୍ସ ଭାଙ୍ଗି ସେଥିରେ ଥିବା ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ସେହିପରି ଉକ୍ତ ଗ୍ରାମର ଗୀତାଞ୍ଜଳି ସାହୁଙ୍କ ଘରେ ପଶି ୧୫ ହଜାର ଟଙ୍କା ଲୁଟି ନେଇଥିଲେ। ଗୀତାଞ୍ଜଳି ତାଙ୍କ ସ୍ୱାମୀଙ୍କ ଚିକିତ୍ସା ପାଇଁ ଏହି ଟଙ୍କା ରଖିଥିଲେ। ଅନ୍ୟପକ୍ଷେ ଭୂଇଁପୁର ରାସ୍ତାରେ ତୁଷାର ସାହୁଙ୍କ ହଂସରାଜ ମେଡ଼ିସିନ ଷ୍ଟୋରର ଡାକ୍ତର ଚାମ୍ବର ଭିତରେ ଡକାୟତମାନେ ପଶି ଲୁଟ୍ ନିମନ୍ତେ ଉଦ୍ୟମ କରିଥିଲେ। ହେଲେ ଚାମ୍ବରରୁ କିଛି ନ ପାଇ ଫେରିଯାଇଥିଲେ। ଏହି ଖବର ପାଇ ଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ କାହାକୁ ଧରିପାରିନାହିଁ।

# ଭିଜିଲାନ୍ସ ଜାଲରେ ସୁକିନ୍ଦା ଥାନା ଏସ୍‌ଆଇ

**ଯାଜପୁର, ୧।୨ (ହର୍ଷବର୍ଦ୍ଧନ ବେହେରା)**

**ୱହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ**

ସ୍ୱାମୀ ଓ ସ୍ତ୍ରୀଙ୍କ ବିବାଦ ସମାଧାନ କରିବାର ପ୍ରତିଶ୍ରୁତି ଦେଇ ୪ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଯାଜପୁର ଜିଲା ସୁକିନ୍ଦା ଥାନା ସବ୍‌ଇନ୍ସପେକ୍ଟର(ଏସ୍‌ଆଇ) ଅଭୟ ନାଏକ ଶନିବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏନେଇ କଟକ ଭିଜିଲାନ୍ସ କେସ୍ ନମ୍ବର ୨/୩୧।୧।୨୦୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। ଅଭିଯୋଗ ଅନୁଯାୟୀ, ସୁକିନ୍ଦା ଥାନା ଅନ୍ତର୍ଗତ ହାତୀବାରି ଗ୍ରାମର ଟୁକୁନା ଦଲେଇ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଏନେଇ ସେମାନେ ସୁକିନ୍ଦା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାର ସମାଧାନ କରିବାକୁ ଥାନାର ସବ୍‌ଇନ୍ସପେକ୍ଟର ଅଭୟ ଟୁକୁନାଙ୍କୁ ୪ ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ଏହାପରେ ଟୁକୁନା ଯାଜପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ବିଭାଗୀୟ ଅଧିକାରୀମାନେ ପୂର୍ବ ଯୋଜନା ଅନୁସାରେ ଟୁକୁନାଙ୍କ ମାଧ୍ୟମରେ ଏସ୍‌ଆଇ ଅଭୟଙ୍କୁ ଟଙ୍କା ପ୍ରଦାନ କରାଯାଇଥିଲା। ଏସ୍‌ଆଇ ଅଭୟ ଥାନାରେ ଦାବି ଅର୍ଥ ନ ନେଇ କଳିଙ୍ଗନଗର ଶିଳ୍ପାଞ୍ଚଳର ନୀଳାଚଳ ଇସ୍ପାତ ନିଗମ ଲିଃ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଗ୍ରହଣ କରୁଥିଲେ। ସେଠାରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ଏସଆଇ ଅଭୟଙ୍କ ହାତରୁ ଟଙ୍କା ଜବତ କରି ସେଠାରୁ ତାଙ୍କୁ ଉଠାଇ ନେଇଥିଲା।

# ୫ ଚୋରି ବାଇକ୍ ଜବତ, ୬ ଗିରଫ

## ଚୋରା ବାଇକ୍ ର୍‍ୟାକେଟର ପର୍ଦ୍ଦାଫାଶ

**ଯୋଡ଼ା, ୧।୨ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ପୋଲିସ ଶନିବାର ଏକ ଚୋରା ବାଇକ୍ ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ୫ ଚୋରା ବାଇକ୍ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଥିବା ଯୋଡ଼ା ଥାନା ଆଇଆଇସି ଲୋକେଶ ସାହୁ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଯୋଡ଼ା ସହରସ୍ଥିତ ଆମ ବାଗାନଠାରେ ରହୁଥିବା ବି . ଜୟ ରାମ ରେଢ୍ଡୀଙ୍କ ଘର ଅଗଣାରୁ ବାଇକ୍ (ନଂ. ଓଡି ୩୩ ଏ ଜି ୦୪୭୮) ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ କ୍ରମେ ଯୋଡ଼ା ଥାନାରେ ମାମଲା (ନଂ. ୧୧୨/୨୪)ରୁଜୁ ହୋଇଥିଲା। ସେହିପରି ମାମଲା (ନଂ. ୧୫୪/୨୪) ଅନୁଯାୟୀ, ଯୋଡ଼ା ଥାନା ଅଞ୍ଚଳରୁ ଚୋରି ହୋଇଥିବା ବାଇକ୍ ଚମ୍ପୁଆ ଥାନା ଅଞ୍ଚଳରୁ ଜବତ ହୋଇଥିଲା। ଯୋଡ଼ା ଆଇଆଇସି ସାହୁ ୨ ମାମଲାର ଅନୁସନ୍ଧାନ ଜାରି ରଖିଥିଲେ। ବାଇକ ଚୋରି ର୍‍ୟାକେଟର ମାଷ୍ଟର ମାଇଣ୍ଡ ଯୋଡ଼ା ବାରୁହାଟିଂର ସୌରଭ ମହାକୁଡ଼ଙ୍କୁ ଗିରଫ ପରେ ସମସ୍ତ ଘଟଣା ପର୍ଦ୍ଦାଫାଶ ହୋଇଥିଲା। ବାଇକ୍ ଚୋରିରେ ସମ୍ପୃକ୍ତ ବାରୁହାଟିଂର ସନ୍ତୋଷ ମହାନ୍ତ, ରୁଗୁଡ଼ି ଥାନା କ୍ୟାମ୍ପ ହାଟିଂର ବିର୍ସି ମୁଣ୍ଡା, ଭୂୟାଁ ରୋଇଡ଼ା ଅଞ୍ଚଳର ଗୋବିନ୍ଦ ମୁଣ୍ଡା, ଚମ୍ପୁଆ ଥାନା ରାଇଗୁଡ଼ି ଅଞ୍ଚଳର ପୁରୁଷୋତ୍ତମ ମହାନ୍ତ, କରଞ୍ଜିଆ ଅଞ୍ଚଳର ଲକ୍ଷ୍ମଣ ଜିତ୍‌ଙ୍କୁ ପୋଲିସ ଗିରଫ କରିଥିଲା। ପୋଲିସ ଚଢ଼ାଉ ବେଳେ ସଦର ଥାନାରୁ ଚୋରି ହୋଇଥିବା ଗୋଟିଏ ବାଇକ୍ ସମେତ ୫ଟି ଚୋରି ବାଇକକୁ ଜବତ କରିଛି। ମାଷ୍ଟର ମାଇଣ୍ଡ ସୌରଭ ଯୋଡ଼ା ସହର ସମେତ ବିଭିନ୍ନ ଅଞ୍ଚଳରୁ ସହଯୋଗୀଙ୍କ ସହାୟତାରେ ବାଇକ୍ ଚୋରି କରି ରାଜ୍ୟ ବାହାରକୁ ନକଲି ନମ୍ବରରେ ଲଗାଇ ବିକ୍ରି କରୁଥିଲେ। ତାଙ୍କ ନାମରେ ଯୋଡ଼ା ଥାନାରେ ବହୁ ଆପରାଧିକ ମାମଲା ରହିଥିବା ଯୋଡା ଥାନା ଆଇଆଇସି ସାହୁ ସୂଚନା ଦେଇଛନ୍ତି।

# Classified Everyday
**0674-2580101, 9692975378**



MATRIMONIAL

## BRIDE WANTED

ବ୍ରାହ୍ମଣ ଜାତିର ୩୮ବର୍ଷ Bank Manager Divorce ପୁଅ ଏବଂ ବ୍ରାହ୍ମଣ ଜାତିର ୪୨ବର୍ଷ Bachelor Reputed Company ଭୁବନେଶ୍ୱରରେ Job କରିଥିବା ପୁଅ ପାଇଁ କନ୍ୟା ଆବଶ୍ୟକ। ଯୋଗାଯୋଗ କରନ୍ତୁ 8018130915. D-2775

ମନସ୍ୱିନୀ ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର ସକାରାତ୍ମକ। Explore Life. +919437593214. D-2786



REAL ESTATE
## SALE

Plots available directly from the land owners at Beguniapada, Delang, 10km from IIT, BBSR. Contact: 8249928110 D-2771

Building for sale 35000sqft with land area 2acre or more near Berhampur, Ganjam for Hospita/ College/ School, contact: 7749012981 D-75593

**3/4 BHK Two Stored building for sale at-Jagatpur, Cuttack- Ph No.-7008321705.** D-2656

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact- 9438362399.** D-2772

ମାତ୍ର 50 ହଜାରରେ ଇନ୍‌ଭେଷ୍ଟମେଣ୍ଟ Plot, ଭୁବନେଶ୍ୱର (ଖୋର୍ଦ୍ଧା), ଢେଙ୍କାନାଳ ( ଗୁଡ଼ିଆକାଟେଣୀ) I Contact- 8917622925 D-2762

Wallpaper clearance sale upto 50% off starting from Rs.200, At-Vintage Interior Lewis road, Bhubaneswar near Shree Hospital. Ph.- 7008283108, 8249871505 D-2717

**Plot for sale. Ward No.-2, Kabisuryanagar. Contact: 9916023875, 9338283431.** D-2741

**11700 sqft. Gharabari land sale at Pitapalli, NH Side - 7008634668.** D-76234

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## GENERAL SALE

**For immediate sale @ Bhubaneswar. Running PVC & HDPE PIPE Extruders, Chilling plant, Compressor, Grinder, Lathe M/c, LAB M/c, Weighing & Electrical Equipments. Seller developing Real Estate in Industrial Land & so exiting Pipe Industry. All consultancy/ support to buyer for setting new plant will be assured. Contact via mail/Call: mdoffice@pglgroup.in, 7735730222.** D-75591



## CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2630

## HEALTH CARE

Positively Health benefited spa by expert female therapist, Nayapalli. 7846814019 D-76190

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

ମୁଁ, Sabhal Tati, ବୟସ(୨୧), ଲିଙ୍ଗ-ମହିଳା, D/o- Mangal Tati, At-Balika Residencial School, Jangala, Post.- Matwada, Dist.- Bijapur, Chhatishgarh, PIN-494444, ଆଜିଠାରୁ ନିଜକୁ Manisha Thati ରୂପେ ଘୋଷଣା କରୁଅଛି । ଭବିଷ୍ୟତରେ ମୋତେ ଏହି ନାମରେ ଜଣାଯିବ ଏବଂ ମୋର ସମସ୍ତ ଦରକାରୀ କାଗଜପତ୍ର ଏହି ନାମରେ ପରିବର୍ତ୍ତନ କରାଗଲା। ଧ-୨୭୮୪

By virtue of an affidavit sworn before Executive Magistrate, Bhubaneswar, dated 28.01.2025, I Anupa Kumar Pattanaik, Address: Lingaraj Temple Road, Old Town, Bhubaneswar- 751002, P.S.- Shree Lingaraj, District.- Khordha, Odisha declare that I have changed my name and date of birth from Anup Pattanaik (19.05.1965) to Anupa Kumar Pattanaik (21.06.1965). Henceforth, I shall be known as Anupa Kumar Pattanaik, D.O.B. (21.06.1965) for all purposes. D-2781

By virtue of an affidavit sworn before Executive Magistrate, Pipili, dated 30.01.2025, I Rajalaxmi Barik, Address: Village/ P.O.- Siula, P.S.- Pipili, Dist.- Puri, Odisha-752104 declare that I have changed my daughter's name from Suvashree Barik to Subhashree Barik. Henceforth, She shall be known as Subhashree Barik for all future purposes. D-2780

I, Basant Kumar Mishra, S/o- Late Chintamani Mishra, resident of Qtr. No.- B/94, Tensa, P.O.- Tensa, P.S.- Lahunipara, Dist.- Sundargarh, PIN-770042, Odisha declare by this affidavit dtd: 27.01.2025 that now onwards I shall be known as Basant Kumar Mishra for all future purposes. D-2785

I Jibanjyoti Nayak(22), S/o- Chandrahasya Nayak, Vill/P.O.- Olaga, P.S.- Dhusuri, Dist.- Bhadrak, Odisha, PIN- 756138 that my mother's correct name of spelling is Kiran Mayee Sahu as per her Aadhaar Card. But it is wrongly mentioned in my Educational Certificate Kiranmai Nayak. By this affidavit No.- 6864, dated 10.09.2024. I declare that both name are same and one person. D-2787

I Kiran Mayee Sahu (52), W/o- Chandrahasya Nayak and D/o- Nityananda Sahu, Vill-Bijegangadharpur, P.O.- Mouda, P.S.- Bhadrak (R), Dist.- Bhadrak, PIN-756181, Odisha declare by this affidavit No.- 6865, dated 10.09.2024 that now onwards I shall be known as Kiran Mayee Sahu for all purposes. D-2788

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**୰ବିନ ସିଂହ**
ପଛିକୋଟଗଡ଼, ଯାଜପୁର
ଆବିର୍ଭାବ- ୧୯୫୭
ତିରୋଧାନ- ୧୯୯୯, ଶ୍ରୀପଞ୍ଚମୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ- ପୁତ୍ର: ଅପୁ ଓ ପରିବାରବର୍ଗ
ଧ-୨୭୫୬

**ଚର୍ତୁବିଂଶ ବାର୍ଷିକ ଶ୍ରାଦ୍ଧଦିବସ ଅବସରରେ**



**ସ୍ୱର୍ଗତ ଜାନକୀ ବଲ୍ଲଭ ଦାଶ**
ପ୍ଲଟ୍ ନଂ.- ୨୦୨୫, ମହତାବ ରୋଡ଼, ଓଲ୍ଡ ଟାଉନ୍, ଭୁବନେଶ୍ୱର-୨
ତୁମର ଅମ୍ଳାନ ଆତ୍ମା ବିଭୁପଦ ତଳେ ଚିରଶାନ୍ତି ଲାଭକରୁ, ଏହାହିଁ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା। ହତଭାଗା- ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୨୭୫୭

# ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରୁଛି ଇ-କମର୍ସ

**ବର୍ତ୍ତମାନ ଟପ୍ ୧୦ ଟ୍ରେଣ୍ଡିଂ ଜବ୍ ଫିଲ୍ଡ ମଧ୍ୟରେ ଇ-କମର୍ସ ବେଶ୍ ଡିମାଣ୍ଡରେ ଅଛି। ୱେବ୍ ପ୍ଲାଟ୍‌ଫର୍ମ ସହ ମୋବାଇଲ୍ ଆପ୍ ଦ୍ୱାରା ମଧ୍ୟ ଏହାର ଚାହିଦା ବୃଦ୍ଧି ପାଇବା ସହ ଅଧିକରୁ ଅଧିକ ଯୁବବର୍ଗ ଏଥିରେ କ୍ୟାରିୟର ଗଢ଼ିବାକୁ ଆଗେଇ ଆସୁଥିବା ଦେଖିବାକୁ ମିଳୁଛି...**



ଇଣ୍ଟରନେଟ୍ ଆଣ୍ଡ ମୋବାଇଲ୍ ଆସୋସିଏଶନ ଅଫ୍ ଇଣ୍ଡିଆ ରିପୋର୍ଟ ମୁତାବକ ଦିନକୁ ଦିନ ଇ-କମର୍ସ କ୍ଷେତ୍ରରେ ଅଭିବୃଦ୍ଧି ଦେଖିବାକୁ ମିଳୁଛି। ବର୍ତ୍ତମାନ ଟପ୍ ୧୦ ଟ୍ରେଣ୍ଡିଂ ଜବ୍ ଫିଲ୍ଡ ମଧ୍ୟରେ ଏହା ବେଶ୍ ଡିମାଣ୍ଡରେ ଅଛି। ଆଗାମୀ ୫ ବର୍ଷରେ ଏଥିରେ ଆହୁରି ୫୦% ବୃଦ୍ଧି ଘଟିବ ବୋଲି ଅନୁମାନ କରାଯାଉଛି। ବର୍ତ୍ତମାନ ୱେବ୍ ପ୍ଲାଟ୍‌ଫର୍ମ ସହ ଇନ୍‌ଫ୍ଲୁଏନ୍ସରମାନଙ୍କ ଦ୍ୱାରା ବି ମୋବାଇଲ୍ ଆପ୍ ଜରିଆରେ ଏହି କାରବାର ବୃଦ୍ଧି ପାଇବାରେ ଲାଗିଛି। ଅଧିକରୁ ଅଧିକ ଯୁବବର୍ଗ ମଧ୍ୟ ଏଥିରେ କ୍ୟାରିୟର ଗଢ଼ିବାକୁ ଆଗେଇ ଆସୁଥିବା ଦେଖିବାକୁ ମିଳୁଛି। ତେଣୁ ଏ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଚାହୁଁଥିଲେ କେତେକ କଥା ଜାଣିରଖିବା ଆବଶ୍ୟକ...

**କାହିଁକି ବଢ଼ୁଛି ଚାହିଦା:**
ଆମ ଦୈନନ୍ଦିନ ଜୀବନରେ ଇଣ୍ଟରନେଟ୍‌ର ବ୍ୟବହାର ଦିନକୁ ଦିନ ବଢ଼ିବା ସହିତ ଇ-କମର୍ସ ବି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସାରିଛି। ବର୍ତ୍ତମାନ ବ୍ୟବହାରକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ବଜେଟରେ ବିଭିନ୍ନ ଅଫର ସହିତ ସାମଗ୍ରୀ କିଣିବା କୌଣସି କଷ୍ଟକର କାମ ହୋଇ ନାହିଁ। ଏଥିରେ ମାର୍କେଟ୍ ଯାଇ କିଣିବା ଏବଂ ଆବଶ୍ୟକ ସ୍ଥଳେ ଏକ୍ସଚେଞ୍ଜ ପାଇଁ ପୁନର୍ବାର ଯାଇ ସମୟ ନଷ୍ଟ କରିବାର ଟେନସନ୍ ରହୁନାହିଁ। ଘରେ ବସି ମୋବାଇଲ୍‌ରେ ଅନ୍‌ଲାଇନ୍ ଶପିଂ କରିବା କାହାକୁ ବା ଭଲ ନ ଲାଗେ ! ଆଉ ଏଥିରେ ମାର୍କେଟିଂ ଲାଗି ଅଧିକାଂଶ କମ୍ପାନୀ ନୂଆ ନୂଆ ଏମ୍ପ୍ଲୟୀମାନଙ୍କୁ ନିଯୁକ୍ତି ଦେଉଛନ୍ତି। ତେଣୁ ଏହି ସେକ୍ଟରର ବଢ଼ୁଥିବା ଡିମାଣ୍ଡକୁ ଆଖିଆଗରେ ରଖି ବର୍ତ୍ତମାନ ଅନେକ ଯୁବପିଢ଼ି ଏଥିରେ କ୍ୟାରିୟର ଗଢ଼ିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି।

**କ'ଣ କୋର୍ସ କରିବେ...**
ବିଶେଷଜ୍ଞଙ୍କ ମତରେ ଇ-କମର୍ସ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଚାହୁଁଥିଲେ ଯୁକ୍ତ ଦୁଇ ପଢ଼ାପରେ ଏଥିରେ ଡିପ୍ଲୋମା, ଡିଗ୍ରୀ, ପିଜି କୋର୍ସ କରିପାରିବେ। ଅନ୍ୟ ସାର୍ଟିଫାଏଡ୍ କୋର୍ସ ଯେପରିକି ଇ-କମର୍ସ ଟେକ୍ନୋଲୋଜି, ବ୍ୟାଚେଲର ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନ ଇନ୍ ଇ-କମର୍ସ, ମାଷ୍ଟର୍ସ ଇନ୍ ଇ-କମର୍ସ ମଧ୍ୟ କରିପାରିବେ।





**କେମିତି ଗଢ଼ିବେ କ୍ୟାରିୟର:**
ଇ-କମର୍ସ କୋର୍ସ କରିସାରିବା ପରେ କୋର୍ସ ଅନୁଯାୟୀ ବିଭିନ୍ନ ସଂସ୍ଥାରେ ଜବ୍ କରିପାରିବେ। ଏଥିପାଇଁ ନିଜ ପଢ଼ା, କ୍ଷମତା ଏବଂ ଆଗ୍ରହକୁ ଦେଖି ଜବ୍ ବାଛିପାରିବେ।

- ଏଥିରେ ଚାହିଁଲେ କଷ୍ଟମରକେୟାର୍ ଭାବେ କାର୍ଯ୍ୟ କରିପାରିବେ। ଏଥିରେ କଷ୍ଟମରଙ୍କୁ ଠିକ୍ ସମୟରେ ସର୍ଭିସ୍ ପ୍ରଦାନ କରିବା, ସେମାନଙ୍କର ବିଭିନ୍ନ ସମସ୍ୟା ଶୁଣିବା ଓ ଏହାର ସମାଧାନ କରିବା କାର୍ଯ୍ୟ କରାଯାଇଥାଏ। ଏଥିପାଇଁ କଷ୍ଟମରଙ୍କୁ ହ୍ୟାଣ୍ଡେଲ୍ କରିବାର କଳା ସହ ଭଲ କମ୍ୟୁନିକେଶନ୍ ସ୍କିଲ୍ ରହିବା ନିହାତି ଦରକାର।
- ଯେଉଁମାନେ ଡିଜାଇନିଂ କ୍ଷେତ୍ରରେ ବେଶି ଆଗ୍ରହୀ, ସେମାନଙ୍କ ପାଇଁ ଇ-କମର୍ସ କ୍ଷେତ୍ରରେ ଗ୍ରାଫିକ୍ସ କିମ୍ବା ୱେବ୍‌ସାଇଟ୍ ଡିଜାଇନର ଭାବେ କାମ କରିବାର ଭରପୂର ସୁଯୋଗ ରହିଛି।
- କମ୍ୟୁନିଟି ମ୍ୟାନେଜର ଭାବେ ମଧ୍ୟ କାମ କରିପାରିବେ। କମ୍ପାନୀର ସୋସିଆଲ୍ ମିଡିଆ ଆକାଉଣ୍ଟ ଦ୍ୱାରା କଷ୍ଟମରଙ୍କ ସହ ଯୋଗାଯୋଗ ରଖିବା ସହ ଫଲୋୟର୍ସ ସଂଖ୍ୟା ବୃଦ୍ଧି କରିପାରିବେ।
- ଏହି ସେକ୍ଟରର ସବୁଠୁ ଖାସ୍ କଥା ହେଉଛି, ଏଠାରେ ୧୦ମ ପାସ୍ କରିଥିଲେ ବି ଜବ୍ ପାଇପାରିବେ। ଡେଲିଭରି ବୟ ଭାବେ ମଧ୍ୟ ଜଣେ ଚାହିଁଲେ କାର୍ଯ୍ୟ କରିପାରିବେ।
- ଇ-କମର୍ସ ସେକ୍ଟରରେ କପିରାଇଟର୍ ଜବ୍ ମଧ୍ୟ ଡିମାଣ୍ଡରେ ଅଛି। ଏଥିରେ ଆର୍ଟିକିଲ୍ସ ଏବଂ ପଏଣ୍ଟ ଲେଖିବାକୁ ହୋଇଥାଏ, ଯାହାକି ଅନ୍‌ଲାଇନ୍ ସାଇଟ୍‌ଗୁଡ଼ିକରେ ପ୍ରଡକ୍ଟ ସହିତ ଦେଖାଯାଏ। ଏହା ଗ୍ରାହକଙ୍କୁ ଆକୃଷ୍ଟ କରିଥାଏ। ତେଣୁ ଏଥିପାଇଁ ଷ୍ଟ୍ରଙ୍ଗ୍ ରାଇଟିଂ ସ୍କିଲ୍ ଥିବା ନିହାତି ଦରକାର।





## ଏ ସପ୍ତାହର ପ୍ରଶ୍ନ

୧- ସମ୍ମାନ ସଞ୍ଜୀବନୀ ଆପ୍ ............ ରାଜ୍ୟରେ ଆରମ୍ଭ ହୋଇଛି ?
୨- ଫିସ୍କାଲ୍ ହେଲ୍‌ଥ ଇଣ୍ଡେକ୍ସ ୨୦୨୫ ........... ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଇଛି
୩- ପାଙ୍ଗସାଉ ପାସ୍ ........... ଦୁଇ ଦେଶ ମଧ୍ୟରେ ରହିଛି ?
୪- ଲେଜିମ୍ ............. ରାଜ୍ୟର ଏକ ପାରମ୍ପରିକ ଲୋକନୃତ୍ୟ ?
୫- ଏସିଆନ୍ ୱାଟରବାର୍ଡ ସେନ୍ସ ୨୦୨୫ ............. ଦ୍ୱାରା ପରିଚାଳନା କରାଯାଇଛି ?

## ଗତ ଥରର ଉତ୍ତର

୧ ବାଲ୍‌ଟିକ୍ ସମୁଦ୍ର
୨ ନୂଆଦିଲ୍ଲୀ
୩ କୃଷ୍ଣା
୪ ତ୍ରିପୁରା
୫ ହିମାଚଳପ୍ରଦେଶ

## ଉତ୍ତରଦାତା



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ମାନସ କର
କୋଣାର୍କ



ଶେଖ୍ ୟାକୁବ୍,
ଗୋପ

## ଟପ୍ ୧୦

### ସବୁଠୁ ସୁନ୍ଦର ଜାତୀୟ ପତାକା



୧............ ନେପାଳ
୨............ ୟୁନାଇଟେଡ୍ କିଙ୍ଗଡମ୍
୩............ କାନାଡ଼ା
୪............ ଆଇସ୍‌ଲାଣ୍ଡ
୫............ ଦି ଫିଲିପାଇନ୍ସ
୬............ ୟୁନାଇଟେଡ୍ ଷ୍ଟେଟ୍ସ ଅଫ୍ ଆମେରିକା
୭............ ୟୁକ୍ରେନ୍
୮............ ଇସ୍ରାଏଲ୍
୯............ ଉଜ୍‌ବେକିସ୍ତାନ
୧୦............ ଅଷ୍ଟ୍ରିଆ

## ଆମ ଦେଶରେ ପ୍ରଥମ

**ଆମ ଦେଶ ବିଭିନ୍ନ ଜିନିଷ ତଥା କାର୍ଯ୍ୟକୁ ନେଇ ପୃଥିବୀରେ ପ୍ରଥମ। ଜାଣିବା ସେଭଳି କିଛି ତଥ୍ୟ ସମ୍ପର୍କରେ...**



- ମଣିଷକୁ ସୁସ୍ଥ ରଖିବା ଲାଗି ଯୋଗ ବେଶ୍ ଉପକାରୀ। ତେବେ କୁହାଯାଏ, ପ୍ରାୟ ୫,୦୦୦ ବର୍ଷ ପୂର୍ବେ ଏହି ଯୋଗ ଆରମ୍ଭ ହୋଇଥିଲା ଆମ ଦେଶରେ।
- ତାମିଲନାଡୁରେ ଥିବା ବୃହଦେଶ୍ୱର ମନ୍ଦିର ପୃଥିବୀର ପ୍ରଥମ ଗ୍ରାନାଇଟ୍ ମନ୍ଦିର।
- ଜୁଆଖେଳ ସର୍ବପ୍ରଥମେ ଆମ ଦେଶରେ ଆରମ୍ଭ ହୋଇଥିଲା।
- ପୃଥିବୀର ଜାପାନ, ମ୍ୟାନ୍‌ମାର, ଭୁଟାନ, ଭାରତ, ଶ୍ରୀଲଙ୍କା, ଥାଇଲାଣ୍ଡ, ମଙ୍ଗୋଲିଆ, କାମ୍ବୋଡିଆ ଭଳି ଅନେକ ଦେଶରେ ପ୍ରାୟ ୫୨୦ ମିଲିୟନ୍ ବୌଦ୍ଧଧର୍ମୀ ଅଛନ୍ତି। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏହି ଧର୍ମର ଉତ୍ପତ୍ତି ଆମ ଦେଶରେ ହୋଇଥିଲା।
- ପୃଥିବୀର ସବୁଠୁ ପୁରାତନ ବିଶ୍ୱବିଦ୍ୟାଳୟ ତକ୍ଷଶିଳା ପ୍ରାୟ ୭୦୦ ବର୍ଷ ତଳେ ଆମ ଦେଶରେ ସ୍ଥାପନା କରାଯାଇଥିଲା।
- ଆମ ଦେଶର ଡାକ ନେଟ୍‌ୱର୍କ ପୃଥିବୀର ସର୍ବବୃହତ୍ ଡାକ ନେଟ୍‌ୱର୍କ।
- ପୃଥିବୀର ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶ ହେଉଛି ଭାରତ।
- ଚନ୍ଦ୍ରର ସାଉଥ୍‌ପୋଲ୍‌ରେ ସଫଳତାର ସହ ପହଞ୍ଚିବାରେ ଭାରତ ହେଉଛି ପ୍ରଥମ ଦେଶ।
- ପୃଥିବୀର ସର୍ବାଧିକ ଜନସଂଖ୍ୟା ଥିବା ଏବଂ ସର୍ବାଧିକ ଯୁବସଂଖ୍ୟା ଥିବା ଦେଶ ହେଉଛି ଭାରତ।



ୟୁଥ୍ ଆଲର୍ଟ

# ଷ୍ଟ୍ରିଟ୍‌ଫୁଡ୍ ଖାଉଥିଲେ....

**ବାହାରେ ମିଳୁଥିବା ଫାଷ୍ଟଫୁଡ୍ ଜାତୀୟ ଷ୍ଟ୍ରିଟ୍‌ଫୁଡ୍ ପାଟିକୁ ସ୍ୱାଦିଷ୍ଟ ଲାଗୁଥିଲେ ହେଁ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏସବୁକୁ ଆଖିଆଗରେ ରଖି ବର୍ତ୍ତମାନ ଅନେକ ଯୁବପିଢ଼ି ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ଏଭଳି ଜଙ୍କ୍‌ଫୁଡ୍ ପରିବର୍ତ୍ତେ ସ୍ୱାସ୍ଥ୍ୟ ପାଇଁ ଉପକାରୀ ଖାଦ୍ୟ ପ୍ରତି ଆଗ୍ରହୀ ହେଉଛନ୍ତି। ଆଉ ଗ୍ରାହକଙ୍କ ଚାହିଦା ମୁତାବକ ଏଭଳି ଖାଦ୍ୟ ମଧ୍ୟ ମାର୍କେଟରେ ଧୀରେ ଧୀରେ ଅଧିକ ଉପଲବ୍ଧ ହେଉଥିବା ଦେଖିବାକୁ ମିଳୁଛି...**



**ଫ୍ରୁଟ୍ ଚାଟ୍:** ବିଭିନ୍ନ ପ୍ରକାରର ଫଳ କାଟି ପ୍ରସ୍ତୁତ ହେଉଥିବା ଚାଟ୍ ବର୍ତ୍ତମାନ ଅଧିକାଂଶଙ୍କର ପସନ୍ଦଯୋଗ୍ୟ ଖାଦ୍ୟ ପାଲଟିଛି। ଏଥିରୁ ଭିନ୍ନ ଭିନ୍ନ ଭିଟାମିନ୍, ପୋଟାସିୟମ୍, କ୍ୟାଲ୍‌ସିୟମ୍ ଭଳି ମିନେରାଲ୍ସ, ଆଣ୍ଟିଅକ୍ସିଡାଣ୍ଟ ଏବଂ ଅନ୍ୟ ପୋଷକ ତତ୍ତ୍ୱ ମିଳିଥାଏ, ଯାହାକି ସୁସ୍ଥ ଏବଂ ନୀରୋଗ ରଖିବାରେ ସାହାଯ୍ୟ କରିଥାଏ। ଏହା ବେଶ୍ ସ୍ୱାଦିଷ୍ଟ ମଧ୍ୟ।

**ଛେନା:** ବର୍ତ୍ତମାନ ମାର୍କେଟ୍‌ରେ ଛେନା ଦୋକାନ ମଧ୍ୟ ପୂର୍ବାପେକ୍ଷା ଅଧିକ ଦେଖିବାକୁ ମିଳୁଛି। ଛେନା ସହ ରାବିଡ଼ିର ଟେଷ୍ଟି ଏବଂ ହେଲ୍‌ଦି କମ୍ବିନେଶନ୍‌କୁ ଯୁବପିଢ଼ି ମଧ୍ୟ ଭଲ ପାଉଛନ୍ତି। ଏହା ଅନ୍ୟ ଖାଦ୍ୟଗୁଡ଼ିକ ତୁଳନାରେ ଅଧିକ ପୁଷ୍ଟିକର ମଧ୍ୟ। ହେଲେ ରାବିଡି ଅଧିକ ଖାଇବା ବି ଠିକ୍ ନୁହେଁ।

**ସ୍ପ୍ରାଉଟ୍ ଚାଟ୍:** ବର୍ତ୍ତମାନ ମାର୍କେଟ୍‌ରେ ଏହି ସ୍ପ୍ରାଉଟ୍ ଚାଟ୍‌ର ଡିମାଣ୍ଡ ଖୁବ୍ ବେଶି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଥିରେ ଗଜାମୁଗ, ବୁଟ ସାଙ୍ଗକୁ କଟା କାକୁଡ଼ି, ଗାଜର, ବିଟ୍, ପିଆଜ, ଧନିଆପତ୍ର, କଞ୍ଚାଲଙ୍କା, ବାଦାମ, ଲେମ୍ବୁ ଆଦିର ପରଫେକ୍ଟ କମ୍ବିନେଶନ୍ ଦେଖିବାକୁ ଯେତିକି ସୁନ୍ଦର ଖାଇବାକୁ ବି ସେତିକି ଟେଷ୍ଟି। ତା'ଛଡା ଏଥିରେ ଭିଟାମିନ୍, ପ୍ରୋଟିନ୍, ମିନେରାଲ୍ସ ସାଙ୍ଗକୁ ଲୋ ଫ୍ୟାଟ୍ ଏବଂ ହାଇ ଡାଏଟାରି ଫାଇବର୍ ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ।

**ମକା:** ଦିନଥିଲା କେବଳ ସିଜନାଲ ଷ୍ଟଲ୍‌ରେ ହିଁ ମକା ଉପଲବ୍ଧ ହେଉଥିଲା। ହେଲେ ବର୍ତ୍ତମାନ ଏହାର ବଢ଼ୁଥିବା ଚାହିଦା ଅନୁସାରେ ମାର୍କେଟ୍‌ରେ ପ୍ରାୟ ସବୁ ସମୟରେ ଏହା ମିଳୁଛି। ମକା ପୋଡ଼ା, ସିଝା ହେଉ କିମ୍ବା ସ୍ୱିଟ୍ କର୍ନ ଖାଇବାକୁ ଯୁବପିଢ଼ି ବେଶ୍ ଭଲ ପାଉଛନ୍ତି। ଏଥିରେ କ୍ୟାଲୋରି ଏବଂ ଫ୍ୟାଟ୍ ଖୁବ୍ କମ୍ ଥିବା ବେଳେ ଫାଇବର ଏବଂ ବିଟା କ୍ୟାରୋଟିନ୍, ଆଲ୍‌ଫା କ୍ୟାରୋଟିନ୍ ଭଳି ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ଭରି ରହିଛି। ଏହା ଶରୀରକୁ ସୁସ୍ଥ ରଖିବା ସହ ହୃଦ୍‌ରୋଗ ଆଶଙ୍କା ହ୍ରାସ କରିଥାଏ।

**ସିଝା ଅଣ୍ଡା:** ନନ୍‌ଭେଜ୍ ସ୍ନାକ୍ସ ପସନ୍ଦ କରୁଥିବା ଅଧିକାଂଶ ଯୁବପିଢ଼ି ବର୍ତ୍ତମାନ ସ୍ୱାସ୍ଥ୍ୟ ସଚେତନ ଦୃଷ୍ଟିରୁ ତେଲ ମସଲାଯୁକ୍ତ ଫାଷ୍ଟଫୁଡ୍ ଅପେକ୍ଷା ସିଝା ଅଣ୍ଡା ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। କାରଣ ଏହାକୁ ଖାଇବା ଦ୍ୱାରା ଶରୀରକୁ ଅଳ୍ପ ଖର୍ଚ୍ଚରେ ହାଇ କ୍ୱାଲିଟି ପ୍ରୋଟିନ୍, ଭିଟାମିନ୍ କେ, ବି୧୨, ଡି ଆଦି ସହ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମିଳିପାରୁଛି।

**ହେଲ୍‌ଦି ଡ୍ରିଙ୍କ୍ସ:** ମାର୍କେଟ୍‌ରେ ବିଭିନ୍ନ ପ୍ରକାରର ସଫ୍ଟ ଡ୍ରିଙ୍କ୍ସ ଦୋକାନ ଭର୍ତ୍ତି। ହେଲେ ସବୁବେଳେ ଏହାକୁ ପିଇବା ଦ୍ୱାରା ବି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବାରୁ ବର୍ତ୍ତମାନ ଅନେକେ ଏହା ପରିବର୍ତ୍ତେ ଆଖୁରସ, ଫ୍ରୁଟ୍‌ଜୁସ୍, ପଇଡ଼ପାଣି ଆଦିକୁ ପସନ୍ଦ କରୁଛନ୍ତି। କେବଳ ଏତିକି ନୁହେଁ, ସ୍ୱାସ୍ଥ୍ୟ ସଚେତନ ଯୁବପିଢ଼ିଙ୍କ ବର୍ଦ୍ଧିତ ଆଗ୍ରହକୁ ଦେଖି ବର୍ତ୍ତମାନ ମାର୍କେଟ୍‌ରେ ବିଭିନ୍ନ ହର୍ବାଲ୍ ଜୁସ୍ ଷ୍ଟଲ୍ ବି ବଢ଼ିବାରେ ଲାଗିଛି।



ଧରିତ୍ରୀ 51 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଫେବୃଆରୀ ୨/୨୦୨୫ Bhubaneswar, Sunday, February 2/ 2025




# ରର୍ ବେଙ୍ଗଲ ଟାଇଗର୍ସ ଚାମ୍ପିୟନ



ହକି ଇଣ୍ଡିଆ ଲିଗ୍ ଚାମ୍ପିୟନ ରର୍ ବେଙ୍ଗଲ ଟାଇଗର୍ସ ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

## ହକି ଇଣ୍ଡିଆ ଲିଗ୍ ଉଦ୍ଯାପିତ

ରାଉରକେଲା,୧।୨
(ଦିନେଶ ମିଶ୍ର)

ଦୀର୍ଘ ୭ ବର୍ଷ ପରେ ଫେରିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ଶନିବାର ସ୍ଥାନୀୟ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଉଦ୍ଯାପିତ ହୋଇଛି। ଫାଇନାଲରେ ହାଇଦ୍ରାବାଦ ତୋଫାନ୍ସକୁ ୪-୩ ଗୋଲରେ ହରାଇ ରର୍ ବେଙ୍ଗଲ ଟାଇଗର୍ସ ଚାମ୍ପିୟନ ହୋଇଛି। ବେଙ୍ଗଲ ଟାଇଗର୍ସ ପକ୍ଷରୁ ଯୁଗରାଜ ସିଂ ୨୫, ୩୨ ଓ ୩୫ତମ ମିନିଟରେ ୩ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ସାମ୍ ଲେନ୍ ୫୪ତମ ମିନିଟରେ ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ହାଇଦ୍ରାବାଦ ତୋଫାନ୍ସ ପକ୍ଷରୁ ଗୋଞ୍ଜାଲୋ ପିଲାଟ ୯ମ ଓ ୩୯ତମ ମିନିଟରେ ୨ଟି ଏବଂ ଅମନଦୀପ ଲାକ୍ରା ୨୬ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫରୱାର୍ଡ ଯୁଗରାଜ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ସମ୍ପାଦକ ଭୋଳା ନାଥ ସିଂ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଫାଇନାଲ ପୂର୍ବରୁ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବଲିଉଡ ଅଭିନେତ୍ରୀ ସାରା ଅଲୀ ଖାନ ଓ ଅନ୍ୟ କଳାକାରଙ୍କ ଦ୍ୱାରା ଅନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମନ ମୋହିଥିଲା। ଚାମ୍ପିୟନ ବେଙ୍ଗଲ ଟାଇଗର୍ସକୁ ଟ୍ରଫି ସହ ୩ କୋଟି ଓ ରନରଅପ୍ ହାଇଦ୍ରାବାଦ ତୋଫାନ୍ସକୁ ୨ କୋଟି ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା।

### ସୁର୍ମାକୁ ବ୍ରୋଞ୍ଜ ପଦକ

ଦୁଇ ପରାଜିତ ସେମିଫାଇନାଲିଷ୍ଟ ଦଳ ମଧ୍ୟରେ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ସୁର୍ମା ହକି କ୍ଲବ ୩-୨ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ୧୨ଶ ମିନିଟରେ ଗୁରଜାନ୍ତ ସିଂ ଏକ ଫିଲ୍ଡ ଗୋଲ ଦେଇ ସୁରମାକୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୩ ମିନିଟ ମଧ୍ୟରେ ତାମିଲନାଡୁ ଦଳର ବ୍ଲେକ୍ ଗୋଭର୍ସ ଗୋଲଟି ପରିଶୋଧ କରିବାରୁ ପ୍ରଥମ କ୍ୱାର୍ଟର ଶେଷ ବେଳକୁ ମ୍ୟାଚ ୧-୧ ସ୍ଥିତିରେ ରହିଥିଲା। ୧୯ତମ ମିନିଟରେ ହରଜିତ ସିଂ ଆଉ ଏକ ଫିଲ୍ଡ ଗୋଲ ଦେଇ ସୁରମାକୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ୨-୧ରେ ଅଗ୍ରଣୀ କରିଥିଲେ। ୫୭ତମ ମିନିଟରେ ପ୍ରଭଜୋତ ସିଂ ଆଉ ଏକ ଗୋଲ ଦେଇ ସୁରମାର ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇଥିଲେ। ମ୍ୟାଚ ଶେଷ ହେବାର ଅଳ୍ପକିଛି ସମୟ ପୂର୍ବରୁ ୫୯ତମ ମିନିଟରେ ଡ୍ରାଗନ୍ସକୁ ମିଳିଥିବା ପେନାଲ୍ଟି କର୍ନରକୁ ଜିପ୍ ଜାନସେନ ଗୋଲରେ ପରିଣତ କରିଥିଲେ ହେଁ ଦଳ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ବାଧ ହୋଇଥିଲା।

### ପୁରସ୍କାର

ବେଙ୍ଗଲ ଟାଇଗର୍ସର ଯୁଗରାଜ ସିଂ ପ୍ଲେୟର ଅଫ୍ ଦି ଫାଇନାଲ ଏବଂ ଟପ୍ ସ୍କୋରର ପୁରସ୍କାର ପାଇଥିଲେ। ୟୁପି ରୁଦ୍ରାସକୁ ଫେୟାରପ୍ଲେ ଟ୍ରଫି ପ୍ରଦାନ କରାଯାଇଥିଲା। ବେଙ୍ଗଲର ସୁଖଜିତ ସିଂଙ୍କୁ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ହାଇଦ୍ରାବାଦ ତୋଫାନ୍ସର ଅର୍ଶଦୀପ ସିଂ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଏବଂ ବିକ୍ରମଜିତ ସିଂ ଶ୍ରେଷ୍ଠ ଗୋଲକିପର ପୁରସ୍କାର ହାସଲ କରିଥିଲେ।

# ଆଜିଠୁ ଅନ୍‌ଲାଇନ ଟିକଟ ବିକ୍ରି

## ବାରବାଟୀ ଦିନିକିଆ ୯ରେ

## ■ ଜିଲା ଆପ୍‌ରେ ଅପରାହ୍ଣ ୪ଟାରୁ ଉପଲବ୍ଧ ହେବ ଲିଙ୍କ୍

କଟକ,୧।୨(କାର୍ତ୍ତିକ ସାହୁ)

ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ହେବାକୁ ଥିବା ଭାରତ ଓ ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ପାଇଁ ଅନ୍‌ଲାଇନ ଟିକଟ ବିକ୍ରି ଫେବୃୟାରୀ ୨ ତାରିଖରୁ ଆରମ୍ଭ ହେଉଛି। ସାଧାରଣ ଦର୍ଶକଙ୍କ ପାଇଁ ଏହି ଅନ୍‌ଲାଇନ୍ ଟିକଟ କ୍ରୟ ନିମନ୍ତେ ୨ ତାରିଖ ଅପରାହ୍ଣ ୪ଟାରୁ ଜିଲା ଆପ୍‌ରେ ଏକ ଲିଙ୍କ ଉପଲବ୍ଧ ହେବ। ୱେବସାଇଟ୍‌ରେ ଏକ ମ୍ୟାଚ୍ ବ୍ୟାନର ଦୃଶ୍ୟମାନ ହେବ। ଉକ୍ତ ବ୍ୟାନର ଉପରେ କ୍ଲିକ କଲେ ତାହା ଇଭେଣ୍ଟ ପେଜ୍‌କୁ ରିଡାଇରେକ୍ଟ ହୋଇଯିବ। ସେଠାରେ ବୁକ୍ ଟିକେଟ ଅପସନ ଉପରେ କ୍ଲିକ୍ କରି ଟିକଟ କ୍ରୟ କରିହେବ। ସେଠାରେ ବାରବାଟୀ ଷ୍ଟାଡିୟମର ଲେ-ଆଉଟ ପ୍ରଦର୍ଶିତ ହେବ। ଇଚ୍ଛୁକ ବ୍ୟକ୍ତି ନିଜ ପସନ୍ଦ ମୁତାବକ ଟିକେଟର ମୂଲ୍ୟ ଅନୁଯାୟୀ ସିଟ୍ ଚୟନ କରି ଟିକଟ କ୍ରୟ କରିପାରିବାର ସୁବିଧା ଦିଆଯାଇଛି। ୟୁପିଆଇ, ନେଟ୍ ବ୍ୟାଙ୍କିଂ ଓ କାର୍ଡ ପେମେଣ୍ଟ ଜରିଆରେ ପେମେଣ୍ଟ କରିହେବ। ପେମେଣ୍ଟ ପ୍ରକ୍ରିୟା ଶେଷ ହେବା ପରେ ପ୍ରଦତ୍ତ ଇମେଲକୁ ଏକ ମେଲ ଯୋଗେ ନିଶ୍ଚିତତାର ମେସେଜ ଆସିଯିବ। ଇମେଲରେ ଏକ କ୍ୟୁଆର କୋଡ୍ ରହିବ। ଉକ୍ତ କ୍ୟୁଆର ବ୍ୟବହାର କରି ୭ ରୁ ୮ ତାରିଖ ମଧ୍ୟରେ ନିଜ ଚୟନ ମୁତାବକ କାଉଣ୍ଟରୁ ଟିକେଟ ସଂଗ୍ରହ କରିପାରିବେ। ଅନ୍‌ଲାଇନ ଜରିଆରେ ମୋଟ୍ ୪୦୦୦ ଟିକଟ ବିକ୍ରି କରାଯିବ। ତନ୍ମଧ୍ୟରେ ଗ୍ୟାଲେରୀ ୨ ଓ ୪ ପାଇଁ ୯୦୦, ଗ୍ୟାଲେରୀ ୭ ପାଇଁ ୭୦୦, ସ୍ପେଶାଲ ଏନ୍‌କ୍ଲୋଜର ୬୦୦୦, ଏସି ଗ୍ୟାଲେରୀ ୮୦୦୦ ଓ ନୂଆ ପାଭିଲିୟନରେ ୧୦,୦୦୦ ଟଙ୍କା ରହିଛି। ଅନ୍‌ଲାଇନରେ ଟିକଟ ବୁକ୍ କରିଥିବା ବ୍ୟକ୍ତିମାନେ ବୁକିଂର ଅସଲି ରସିଦ ଦେଖାଇ ଫେବୃଆରୀ ୭, ୮ ଓ ୯ ତାରିଖରେ ବାରବାଟୀ ଷ୍ଟାଡିୟମ ନିକଟ କେମ୍ବ୍ରିଜ ସ୍କୁଲ ଓ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟର ୩ଟି କାଉଣ୍ଟରରୁ ଟିକଟ ସଂଗ୍ରହ କରିପାରିବେ। ଉକ୍ତ କାଉଣ୍ଟରଗୁଡ଼ିକରେ ଅନଲାଇନ ଟିକଟ ୭ ଓ ୮ ତାରିଖ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଓ ୯ ତାରିଖ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଉପଲବ୍ଧ ହେବ।

# କ୍ରୀଡ଼ା ଓ ଯୁବସେବା ବ୍ୟାପାରକୁ ଅଧିକ ୩୫୦ କୋଟି

## କେନ୍ଦ୍ରୀୟ ବଜେଟ

ନୂଆଦିଲ୍ଲୀ, ୧।୨(ପି.ଟି.)

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ପାର୍ଲାମେଣ୍ଟରେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ କ୍ରୀଡ଼ା ଓ ଯୁବବ୍ୟାପାର ପାଇଁ ଗତଥର ତୁଳନାରେ ୩୫୧.୯୮କୋଟି ଅଧିକ ଟଙ୍କାର ବ୍ୟୟବରାଦ ରଖିଛନ୍ତି। ତୃଣମୂଳସ୍ତରରୁ ପ୍ରତିଭାସମ୍ପନ୍ନ ଆଥ୍‌ଲେଟଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ବିକଶିତ କରିବା ଲାଗି ରହିଥିବା ସରକାରଙ୍କ ପ୍ରମୁଖ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ପାଇଁ ଅଧିକ ଅର୍ଥ ବରାଦ କରାଯାଇଛି। ଏହି ଉଚ୍ଚାଭିଳାଷୀ ସ୍କିମ୍ ପାଇଁ ୨୦୨୫-୨୬ ଆର୍ଥିକବର୍ଷ ଲାଗି ୧,୦୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଗତ ଆର୍ଥିକବର୍ଷ ଅର୍ଥାତ୍ ୨୦୨୪-୨୫ ପାଇଁ ୮୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଏଥର ତା'ଠାରୁ ୨୦୦ କୋଟି ଟଙ୍କା ଅଧିକ ମଞ୍ଜୁର କରାଯାଇଛି। ତେବେ ମୋଟ ଉପରେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପାଇଁ ୩,୭୯୪.୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ତାଙ୍କ ପ୍ରତିକ୍ରିୟା ରଖି ବଜେଟକୁ ସ୍ୱାଗତ କରିବା ସହ ଏହା କ୍ରୀଡ଼ା ଭିତ୍ତିଭୂମିକୁ ଆହୁରି ମଜଭୁତ କରିବ, ଖେଲୋଇଣ୍ଡିଆକୁ ପ୍ରୋତ୍ସାହିତ କରିବ ଏବଂ ଯୁବ କୈନ୍ଦ୍ରିକ ବିକାଶ ପଦକ୍ଷେପକୁ ବିସ୍ତାର କରିବା ସହ ପରବର୍ତ୍ତୀ ପିଢ଼ିର ଆଥ୍‌ଲେଟମାନଙ୍କୁ ସଶକ୍ତ କରିବ।



ଲଢ଼େଇ ପରେ ବବଲୁ ମୁଣ୍ଡାଙ୍କୁ ବିଜେତା ଘୋଷଣା କରାଯାଉଛି।

# ବବ୍‌ଲୁ ମୁଣ୍ଡାଙ୍କୁ ସ୍ୱର୍ଣ୍ଣ, ମଞ୍ଜୁଙ୍କୁ ରୌପ୍ୟ

## ଜାତୀୟ କ୍ରୀଡ଼ା

ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଶନିବାର ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରହିଛି। ଉଷୁ ଇଭେଣ୍ଟରେ ବବ୍‌ଲୁ ମୁଣ୍ଡା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଫାଇନାଲରେ ହରିୟାଣା ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଛନ୍ତି। ମହିଳା ୪୫ କେଜି ସାଣ୍ଡାରେ ମଞ୍ଜୁ ମୁଣ୍ଡା ଫାଇନାଲରେ ମଧ୍ୟପ୍ରଦେଶ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାଜିତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ଓଡ଼ିଶା ମହିଳା ଓ ପୁରୁଷ ଖୋ ଖୋ ଦଳ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ମହିଳା ଖୋ ଖୋ ଫାଇନାଲରେ ଓଡ଼ିଶା ୨୮-୩୧ରେ ମହାରାଷ୍ଟ୍ରଠାରୁ ହାରିଥିବାବେଳେ ପୁରୁଷ ଫାଇନାଲରେ ସମାନ ପ୍ରତିଦ୍ୱନ୍ଦ୍ୱୀ ଦଳଠାରୁ ୨୬-୩୨ରେ ପରାଜିତ ହୋଇଛି। ଭାରୋତ୍ତୋଳକ ସୁରେଶ କୁମାର ଯାଦବ ୯୬ କେଜି ବର୍ଗରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ସ୍ନାଚ୍‌ରେ ୧୩୯ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୭୩ ଏହିପରି ମୋଟ ୩୧୨ କେଜି ଉତ୍ତୋଳନ କରିଛନ୍ତି।

# ସର୍ଭିସେସ୍ ସମ୍ମୁଖରେ ୩୭୬ ବିଜୟ ଲକ୍ଷ୍ୟ

## ରଣ୍‌ଜୀ ଟ୍ରଫି

ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)

କଟକର ଡ୍ରିମ୍ସ ଷ୍ଟାଡିୟମରେ ଚାଲିଥିବା ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ସର୍ଭିସେସ ସମ୍ମୁଖରେ ୩୭୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ଓଡ଼ିଶା। ଶନିବାର ତୃତୀୟ ଦିବସ ଖେଳ ଶେଷ ବେଳକୁ ସର୍ଭିସେସ୍ ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୪୬ ରନ ସଂଗ୍ରହ କରିଛି। ସୂରଜ ବଶିଷ୍ଠ ୧୬ ଓ ଶୁଭମ୍ ରୋହିଲା ୨୮ ରନରେ ଅପରାଜିତ ରହିଛନ୍ତି। ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ବିଜୟ ହାସଲ ପାଇଁ ଏହି ଦଳକୁ ରବିବାର ଅନ୍ତିମ ଦିବସରେ ଆଉ ୩୩୦ ରନ ଆବଶ୍ୟକ ହେଉଛି। ଓଡ଼ିଶା ଦ୍ୱିତୀୟ ଇନିଂସରେ ୩୯୪ ରନକରି ସମସ୍ତ ଉଇକେଟ ହରାଇଥିଲା।

### ଅନିଲ ପରିଡ଼ା ୯୯*

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୬୬/୩ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଶୀର୍ବାଦ ସ୍ୱାଇଁ ଓ ରାଜେଶ ଧୂପରଙ୍କ ଅର୍ଦ୍ଧଶତକ ଏବଂ ଅନିଲ ପରିଡ଼ାଙ୍କ ଅପରାଜିତ ୯୯ ରନ ବଳରେ ଦ୍ୱିତୀୟ ଇନିଂସରେ ମୋଟ ୩୯୪ ରନ କରିବାକୁ ସକ୍ଷମ ହୋଇଥିଲା। ପ୍ରଥମଶ୍ରେଣୀ କ୍ରିକେଟରେ ନିଜର



ଅନିଲ ପରିଡ଼ା

ପ୍ରଥମ ମ୍ୟାଚ ଖେଳୁଥିବା ଅନିଲ ମାତ୍ର ୧ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ନିଜ ପଦାର୍ପଣକୁ ସ୍ମରଣୀୟ କରିଥିଲେ। ଆଶୀର୍ବାଦ ୭୭ ଓ ଧୂପର ୬୬ ରନ ସ୍କୋର କରିଥିଲେ। ଉଭୟ ବୋଲିଂ ଓ ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରି ଏହି ମ୍ୟାଚରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଦେଇଥିବା ରାଜେଶ ମହାନ୍ତି ମଧ୍ୟ ୪୦ ରନର ମୂଲ୍ୟବାନ ଇନିଂସ ଖେଳିଥିଲେ। ସର୍ଭିସେସ ପକ୍ଷରୁ ଅମିତ ଶୁକ୍ଳା ୩ଟି, ପୁଲକିତ ନାରଙ୍ଗ ଓ ଜୟନ୍ତ ଗୋୟତ ୨ଟି ଲେଖାଏ ଏବଂ ବରୁଣ ଚୌଧାରୀ ଓ ଅର୍ଜୁନ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୮୦। ସର୍ଭିସେସ ପ୍ରଥମ ଇନିଂସ: ୧୯୯। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୯୪/ଅଲଆଉଟ (ଅନିଲ ପରିଡ଼ା-୯୯*, ଆଶୀର୍ବାଦ ସ୍ୱାଇଁ-୭୭, ରାଜେଶ ଧୂପର-୬୬, ରାଜେଶ ମହାନ୍ତି-୪୦, ଅମିତ ଶୁକ୍ଳା-୩/୬୦, ଜୟନ୍ତ ଗୋୟତ-୨/୭୬, ପୁଲକିତ ନାରଙ୍ଗ-୨/୧୦୫, ବରୁଣ ଚୌଧାରୀ-୧/୭୩, ଅର୍ଜୁନ ଶର୍ମା-୧/୩୧)। ସର୍ଭିସେସ ଦ୍ୱିତୀୟ ଇନିଂସ: ୪୬/୦।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ